

ପବିତ୍ର ଘୋଷଯାତ୍ରା ଅବସରରେ
ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ
ଓଡ଼ିଶାବାସୀଙ୍କ ସୁଖ, ସମୃଦ୍ଧି ଓ ନିରାମୟ
ଜୀବନ କାମନା କରୁଛୁ ।
-'ସକାଳ' ପରିବାର

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-3 ♦BHUBANESWAR ♦FRIDAY ♦27 JUNE 2025 ♦PAGE-14 ♦₹ 6.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୩ ♦ଭୁବନେଶ୍ୱର ♦ଶୁକ୍ରବାର ♦୨୭ ଜୁନ୍ ୨୦୨୫ ♦ପୃଷ୍ଠା-୧୪ ♦ଟ.୬.୦୦






ACC ସିମେଣ୍ଟ୍ ତରଫରୁ ପୁରୀ ରଥଯାତ୍ରା ସମୟରେ ଲକ୍ଷ ଲକ୍ଷ ଭକ୍ତମାନଙ୍କର ସୁବିଧା ପାଇଁ ଅନେକ ବିଶେଷ ସେବା ଏବଂ ସୁବିଧା ପ୍ରଦାନ କରାଯାଉଅଛି । ଏହି ପବିତ୍ର ଯାତ୍ରା ପ୍ରତ୍ୟେକ ଭକ୍ତଙ୍କ ପାଇଁ ସୁଖଦାୟକ ଏବଂ ସଫଳ ହେଉ ଏହା ଆମର ଉଦ୍ଦେଶ୍ୟ ।

## ACC ସେବାଗୁଡିକ

- ମୁଖ୍ୟ ସ୍ଥାନଗୁଡିକରେ ପରିଷ୍କାର ଜଳ ର ଷ୍ଟଲ୍
- ପାଣିପାଗକୁ ଆଖି ଆଗରେ ରଖି ବଡ ବଡ ଛତାର ସୁବିଧା
- ଭକ୍ତମାନେ ରହିବା ପାଇଁ ବିଶ୍ରାମ ସ୍ଥଳର ବ୍ୟବସ୍ଥା

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-3 ◆BHUBANESWAR ◆FRIDAY ◆27 JUNE 2025 ◆PAGE-14 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୩ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୭ ଜୁନ୍ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


## ଦୁଇ ମହିଳା ମାଓବାଦୀ ନିହତ

ମାଲକାନଗିରି,୨୬।୬(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ସୁରକ୍ଷା କର୍ମୀଙ୍କ ଏନ୍‌କାଉଣ୍ଟରରେ ଦୁଇ ମହିଳା ମାଓବାଦୀ ନିହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ମାଓ ଦମନ ନିମନ୍ତେ ସୁରକ୍ଷା ବାହିନୀଙ୍କ ପକ୍ଷରୁ ତଲାସି ଅଭିଯାନ କରାଯାଉଛି। ଅବୁଝମାଡ଼ ଜଙ୍ଗଲ ମଧ୍ୟରେ ବହୁସଂଖ୍ୟକ ମାଓବାଦୀ ଲୁଚି ରହିଥିବା ଖବର ପାଇ ଯବାନମାନେ ଆଜି ସକାଳୁ ତଲାସି ଅଭିଯାନ ଆରମ୍ଭ କରିଥିଲେ। ଏହି ସମୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ଏଥିରେ ନାରାୟଣପୁର ଓ କୋଣ୍ଡାଗାଉଁ ଡିଆରଜି ଓ ଏସ୍‌ଟିଏଫ ଯବାନ ସାମିଲ ଥିଲେ। ଯବାନଙ୍କ ସାମ୍ନା କରି ନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଯବାନ ଦୁଇଜଣ ମହିଳା ମାଓବାଦୀଙ୍କ ମରଶରୀର ସହ ଦୁଇଟି ବନ୍ଧୁକ, କିଛି ମାଓ ସାମଗ୍ରୀ ଜବତ କରିଥିଲେ। ଅଞ୍ଚଳରେ ବର୍ତ୍ତମାନ ମଧ୍ୟ ତଲାସି ଅଭିଯାନ ଜାରି ରହିଥିବା ଜଣାପଡିଛି।

## ଗୁଣିଆ ସନ୍ଦେହରେ ଘର ଭାଙ୍ଗିଦେଲେ ଗ୍ରାମବାସୀ



ଭଦ୍ରକ,୨୬।୬(ସମିସ): ଗୁଣିଆ ସନ୍ଦେହରେ ଜଣେ ବ୍ୟକ୍ତିଙ୍କ ଘର ଭାଙ୍ଗିଦେଲେ ଗ୍ରାମବାସୀ। ଏଭଳି ଘଟଣା ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ରାଜପୁର ତିହିଡ଼ି ଗାଁରେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ, ଏହି ଘଟଣାକୁ କେନ୍ଦ୍ର କରି ଗାଁରେ ଉତ୍ତେଜନା ଲାଗି ରହିଛି।ସୂଚନାନୁଯାୟୀ, ଦୀର୍ଘ ଦିନ ହେବ ସେହି ଗ୍ରାମର ପ୍ରତାପ ଜେନା ଓରଫ ନେଙ୍ଗୁଡୁ ବିଭିନ୍ନ ଦେବାଦେବୀଙ୍କୁ ପୂଜା କରିବା ସହ ତନ୍ତ୍ର ସାଧନ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ଦୈନନ୍ଦିନ ବିଭିନ୍ନ ସ୍ଥାନରୁ ପ୍ରତାପ ଜେନାଙ୍କ ନିକଟକୁ ବହୁ ଲୋକ ବିଶ୍ୱାସରେ ଆସୁଥିବା ଓ ରୋଗ ବୈରାଗ୍ୟରୁ ଭଲ ହେଉଥିବା ବିଶ୍ୱାସ କରାଯାଉଥିଲା। ମାତ୍ର ଗ୍ରାମରେ ଅନେକ ଲୋକ ଭିନ୍ନଭିନ୍ନ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରୁଥିବା ବେଳେ ସେମାନଙ୍କ ମୃତ୍ୟୁ ପଛରେ ଗୁଣିଆ ପ୍ରତାପଙ୍କ ହାତଥିବା ଗ୍ରାମବାସୀ ସନ୍ଦେହ କରିଥିଲେ। ଏପରିକି, ଗାଁର ଝିଅବୋହୂଙ୍କୁ ଗୁଣିକରି ନଚାଉଥିଲା ନେଙ୍ଗୁଡୁ। ଧରାପଡ଼ିବାରୁ ମାରିଦେବାକୁ ଧମକ ଦେଉଥିଲା। ଗ୍ରାମର ମହିଳାମାନେ ଅସୁସ୍ଥ ହେବା ପଛରେ ଗୁଣିଆ ପ୍ରତାପର ହାତ ଅଛି ବୋଲି ଅନ୍ୟ ଜଣେ ଗୁଣିଆକୁ ଡାକି ତା'ଠାରୁ ଗ୍ରାମବାସୀ ବୁଝିଥିଲେ। ଏହାକୁ ନେଇ ଗତକାଲି ଥାନାରେ ଅଭିଯୋଗ କରିଥିଲେ। ପରେ ପୁଲିସ ଗତକାଲି ପ୍ରତାପ ଜେନାକୁ ହେପାଜତକୁ ନେଇଥିଲା। କିନ୍ତୁ ଆଜି ସକାଳୁ ଗ୍ରାମବାସୀ ପ୍ରତାପଙ୍କ ଦୁଇଟି ଘରକୁ ଭାଙ୍ଗିରୁଜି ଚୂରମାର୍ କରିଛନ୍ତି। ଘଟଣାସ୍ଥଳରେ ଗ୍ରାମାଞ୍ଚଳ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା କହିଛନ୍ତି।

## ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ପିଟିପିଟି ହତ୍ୟା

ସୋର, ୨୬।୬ (ସମିସ): ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ପିଟିପିଟି ହତ୍ୟା। ବାଲେଶ୍ୱର ଜିଲ୍ଲା ସୋର ବ୍ଲକ୍ ଗୋପୀନାଥପୁର ପଞ୍ଚାୟତ ରଘୁନାଥପୁର ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଏଭଳି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଭଦ୍ରକ ଜିଲ୍ଲା ସାବରଙ୍ଗ ଥାନା ଚକପୁର ଗ୍ରାମର ଭାଗବତ ମଳିକ। ଖବର ପାଇ ସୋର ପୁଲିସ୍ ତଦନ୍ତ ଆରମ୍ଭ କରିଛି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ଭାଗବତଙ୍କ ପରିବାରଲୋକେ ଡାକ୍ତରଖାନାରେ ପହଞ୍ଚିନଥିବା ବେଳେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ୩ ଦିନ ତଳେ ରଘୁନାଥପୁର ଗ୍ରାମର ଶ୍ୟାମସୁନ୍ଦର ମଳିକଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଜ୍ୱାଇଁ ଭାଗବତ ଶ୍ୱଶୁର ଘରକୁ ଆସିଥିଲେ। ଗତ ରାତିରେ କୌଣସି କାରଣରୁ ଶ୍ୟାମସୁନ୍ଦରଙ୍କ ପୁତୁରା ରାଜା ସହ ଭାଗବତଙ୍କ ଝଗଡ଼ା ହୋଇଥିଲା। ପରେ ରାଜା ଓ ତାଙ୍କର ତିନିଜଣ ସହଯୋଗୀ ଭାଗବତଙ୍କୁ ମାଡ଼ ମାରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ତେବେ କୌଶଳକ୍ରମେ ଭାଗବତ ସେଠାରୁ ଖସି ପଳାଇ ଆସି ରାତି ସାରା ନଟାପଡ଼ା ନିକଟ ଏକ ମନ୍ଦିର ବାରଣ୍ଡାରେ ଗୁରୁତର ଅବସ୍ଥାରେ ପଡ଼ି ରହିଥିଲେ। ଆଜି ସକାଳେ ସ୍ଥାନୀୟ ଲୋକେ ତାଙ୍କୁ କ୍ଷତବିକ୍ଷତ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ସୋର ଡାକ୍ତରଖାନାକୁ ନେବା ସହ ପୁଲିସକୁ ଖବର ଦେଇଥିଲେ। ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବାକି ଟଙ୍କା ମାଗିବାରୁ ହତ୍ୟା

ଖଇରା, ୨୬।୬(ସମିସ): ବାକି ଟଙ୍କାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ବାଲେଶ୍ୱର ଜିଲ୍ଲା, ଖଇରା ବଜାରଠାରୁ ଅନତି ଦୂରରେ ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଜୟକୃଷ୍ଣ ସାହୁ (୫୧)। ତାଙ୍କ ଘର ଖଇରା ବଜାର ସଂଲଗ୍ନ ପୁରୁଷୋତ୍ତମପୁର ଗ୍ରାମରେ। ଏହି ଘଟଣାରେ ଖଇରା ପୁଲିସ ବଣପାରିଆ ଗ୍ରାମର ବସନ୍ତ ବେହେରା ଓ ଅନ୍ୟ ଜଣେ ସହଯୋଗୀଙ୍କ ନାମରେ ଏକ ମାମଲା ରୁଜୁ କରି ଦୁହିଁଙ୍କୁ ଅଟକ ରଖିଛି। ପୁରୁଣା ବାକି ୪୦ ହଜାର ଟଙ୍କା ମାଗିବାକୁ ନେଇ ଜୟକୃଷ୍ଣଙ୍କୁ ହତ୍ୟା କରାଯାଇଥିବା ପତ୍ନୀ ସଞ୍ଜୁରାଣୀ ଖଇରା ଥାନାରେ ଅଭିଯୋଗ କରିଛନ୍ତି। ବସନ୍ତଙ୍କ ଖଇରା ହାଇସ୍କୁଲ ନିକଟରେ ଏକ ପାନଦୋକାନ ଥିବା ବେଳେ ଏହି ଦୋକାନଠାରୁ କିଛି ଦୂରତାରେ ବସନ୍ତ, ଜୟକୃଷ୍ଣ ଓ ଅନ୍ୟ କିଛି ସହଯୋଗୀ ଭୋଜିର ଆୟୋଜନ କରିଥିଲେ। ଭୋଜି ପରେ ଗଣ୍ଡଗୋଳ ମାରପିଟ୍ ଯୋଗୁଁ ଜୟକୃଷ୍ଣ ଗୁରୁତର ହୋଇପଡ଼ିଥିଲେ। ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ।

### ଜେଏସ୍‌ଡବ୍ଲ୍ୟୁ ନିବେଶ କରିବ ୨,୧୦୦ କୋଟି ଟଙ୍କା

# ଜଟାଧାର ମୁହାଣରେ ନିର୍ମାଣ ହେବ ଜେଟି

ଭୁବନେଶ୍ୱର,୨୬।୬(ସମିସ): ଜଟାଧାର ମୁହାଣରେ କ୍ୟାପ୍‌ଟିଭ୍ ଜେଟି ନିର୍ମାଣ ଏବଂ ଗୋପାଳପୁର ବନ୍ଦର ଉନ୍ନତୀକରଣ ପାଇଁ ଗୁରବାର ରାଜ୍ୟ ସରକାର ଦୁଇଟି ରିଆତି ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଜଗତସିଂହପୁର ଜିଲ୍ଲା ଏରସମା ତହସିଲ ଜଟାଧାର ମୁହାଣରେ କ୍ୟାପ୍‌ଟିଭ୍ ଜେଟି ନିର୍ମାଣ ପାଇଁ ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍ ସହିତ ରାଜ୍ୟ ସରକାରଙ୍କ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ୫୨ ମିଲିଅନ ମେଟ୍ରିକ ଟନ୍ ପଣ୍ୟ ପରିବହନ କ୍ଷମତା ବିଶିଷ୍ଟ ଏହି ଜେଟି ସ୍ଥାପନ ପାଇଁ ପ୍ରାରମ୍ଭିକ ସ୍ତରରେ ୨,୧୦୦ କୋଟି ଟଙ୍କା ନିବେଶ କରାଯିବ ଏବଂ ଏହା ମାଧ୍ୟମରେ ୩,୪୫୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ସେହିଭଳି ୧୬,୫୫୪ କୋଟି ଟଙ୍କା ନିବେଶରେ ଗୋପାଳପୁର ବନ୍ଦରର ସଂପ୍ରସାରଣ ଓ ଉନ୍ନତୀକରଣ ପାଇଁ ଗୋପାଳପୁର ପୋର୍ଟ୍ସ ଲିମିଟେଡ୍ ଏବଂ ଓଡିଶା ସରକାରଙ୍କ ମଧ୍ୟରେ ରିହାତି ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହି ଉନ୍ନତୀକରଣ କାର୍ଯ୍ୟ ପରେ ବନ୍ଦରର ପଣ୍ୟ ପରିବହନ କ୍ଷମତା ୫୦ ମିଲିଅନ ମେଟ୍ରିକ ଟନ ହେବ। ରାଜ୍ୟରେ ବିଭିନ୍ନ ସ୍ଥାନରେ ବନ୍ଦର, ଜେଟି ଓ ଅନ୍ୟାନ୍ୟ ଭିତ୍ତିଭୂମି ସ୍ଥାପନ କରି ଓଡ଼ିଶାରେ ସାମୁଦ୍ରିକ ବାଣିଜ୍ୟର ବିକାଶ ଉପରେ ରାଜ୍ୟ ସରକାର



ପ୍ରାଥମିକତା ଦେଉଛନ୍ତି ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଆଜି ଲୋକସେବା ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ ଲିମିଟେଡ୍‌ର ଅଧକ୍ଷ ଅନିଲ କୁମାର ସିଂ ଏବଂ ଗୋପାଳପୁର ପୋର୍ଟ୍ସ ଲିମିଟେଡ୍‌ର ବିଜିନେସ ହେଡ ସନ୍ଦିପ ଜୟସ୍ୱାଲ ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ବନ୍ଦର ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ ସାମୁଦ୍ରିକ ବାଣିଜ୍ୟର ବିକାଶ ପାଇଁ ବିଭିନ୍ନ ଘରୋଇ କମ୍ପାନୀ ସହିତ ସହଭାଗୀତା ଭିତ୍ତିରେ କାର୍ଯ୍ୟ କରାଯିବାର ଲକ୍ଷ୍ୟ ରଖାଯାଇଛି। ଆଗାମୀ ଦିନରେ ଇଞ୍ଚୁଡି ଓ ବାହୁଡାଠାରେ ଦୁଇଟି ନୂଆ ବନ୍ଦର ପ୍ରତିଷ୍ଠାର ଲକ୍ଷ୍ୟ ରଖାଯାଇଥିବା ବେଳେ ସୁବର୍ଣ୍ଣରେଖା ଓ ଅସ୍ତରଙ୍ଗ ବନ୍ଦରର ବିକାଶ ପାଇଁ ମଧ୍ୟ ଯୋଜନା ରହିଛି। ଗୋପାଳପୁର ବନ୍ଦର ଲିମିଟେଡ୍ ଏବଂ ଜେଏସ୍‌ଡବ୍ଲୁ ଷ୍ଟିଲର ଉଭୟ ବନ୍ଦର ବିକାଶ ଓ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ସମଗ୍ର ବିଶ୍ୱରେ ଖ୍ୟାତି ରହିଛି। ଏହି ଦୁଇଟି କମ୍ପାନୀ ଆମର ବନ୍ଦର ଭିତ୍ତିକ ବିକାଶ କ୍ଷେତ୍ରରେ ଏକ ନୂଆ ଯୁଗ ସୃଷ୍ଟି କରିବେ ଏବଂ ଏହି ଦୁଇଟି ପ୍ରକଳ୍ପ ମାଧ୍ୟମରେ ରାଜ୍ୟରେ ୮,୪୫୦ ନିଯୁକ୍ତି ସୃଷ୍ଟି ହେବ। ଏହି କାର୍ଯ୍ୟକ୍ରମରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣି ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

- ■ ଗୋପାଳପୁର ବନ୍ଦରର ହେବ ଉନ୍ନତୀକରଣ
- ■ ପଣ୍ୟ ପରିବହନ କ୍ଷମତା ୫୦ ମିଲିଅନ ଟନକୁ ପାଇବ ବୃଦ୍ଧି
- ■ ଜଟାଧାର ମୁହାଣରେ ଜେଟି ନିର୍ମାଣ ପାଇଁ ରିହାତି ଚୁକ୍ତିନାମା
- ■ ଦୁଇଟି ପ୍ରକଳ୍ପ ଦ୍ୱାରା ୮,୪୫୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି

## ରଥଯାତ୍ରାରେ ପ୍ରବଳ ବର୍ଷା

ଭୁବନେଶ୍ୱର,୨୬।୬(ସମିସ): ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଉପକୂଳ ଓଡିଶା ଓ ପଶ୍ଚିମବଙ୍ଗ ଅଞ୍ଚଳରେ ଏହି ଲଘୁଚାପ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଲଘୁଚାପ ପ୍ରଭାବରେ ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ବଲାଙ୍ଗିରର ପାଟଣାଗଡ଼ରେ ସର୍ବାଧିକ ୧୭୧ ମିମି ବର୍ଷା ହୋଇଥିବା ବେଳେ କୋରାପୁଟର କୋଟପାଡ଼ରେ ୧୪୯, ନବରଙ୍ଗପୁର ପାପଡ଼ାହାଣ୍ଡିରେ ୧୨୦ ମିମି, କଟକର ନର୍ସିଂପୁର ୧୧୬, ନୟାଗଡ଼ରେ ୧୧୪ ମିମି ବର୍ଷା ରେକର୍ଡ ହୋଇଛି। ଏହା ବ୍ୟତୀତ କଟକରେ ୫୭, ଭୁବନେଶ୍ୱର ୫୪, ବାଲେଶ୍ୱର ୪୫, ବୌଦ୍ଧରେ ୯୫ ମିମି ବର୍ଷା ରେକର୍ଡ ହୋଇଛି। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉତ୍ତର, ଉତ୍ତର-ପଶ୍ଚିମ ଦେଇ ଉତ୍ତର ଓଡ଼ିଶା ଓ ପାଶ୍ୱର୍ବର୍ତ୍ତୀ ଗାଙ୍ଗେଟିକ ପଶ୍ଚିମବଙ୍ଗ, ଛତିଶଗଡ଼ ଓ ଝାଡ଼ଖଣ୍ଡ ଦେଇ ଏହି ଲଘୁଚାପ ଗତି କରିବ। ପ୍ରଭାବରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶାର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଶୁକ୍ରବାର ରଥଯାତ୍ରାରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଝାରସୁଗୁଡା ଆଦି ୪ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତି ଏହି ସବୁ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ବିଜୁଳି ଘଡ଼ଘଡ଼ି ହେବା ନେଇ ୟେଲୋ ଆଲର୍ଟ ଜାରି ହୋଇଛି। ଆସନ୍ତା ୩ ଜୁଲାଇ ଯାଏଁ ରାଜ୍ୟରେ ମୌସୁମୀ ସକ୍ରିୟ ରହିବା ସମ୍ଭାବନା ରହିଥିବା ବେଳେ ଏହାର ମାତ୍ରାଧିକ ପ୍ରଭାବ ଉତ୍ତର ଉପକୂଳ ଓ ଉତ୍ତର ପଶ୍ଚିମ ଓଡ଼ିଶାରେ ରହିବ। ଏହା ପ୍ରଭାବରେ ଆଗାମୀ ୨୯ରୁ ୨ ଜୁଲାଇ ଭିତରେ ବର୍ଷାର ପରିମାଣରେ ବୃଦ୍ଧି ପାଇବ। ଏହି ସମୟରେ ଅନେକ ସ୍ଥାନରେ (ଭାରି ରୁ ଅତି ଭାରି ବର୍ଷା) ହେବାର ସମ୍ଭାବନା ରହିଛି।

## ଇଣ୍ଡିଆ ଟୁଡେ ସର୍ଭେ: ଭୁବନେଶ୍ୱର ଏମ୍‌ସ ଦେଶର ଦ୍ୱିତୀୟ ଶ୍ରେଷ୍ଠ ଉଦୀୟମାନ ମେଡିକାଲ କଲେଜ



ଭୁବନେଶ୍ୱର,୨୬।୬(ସମିସ): ଇଣ୍ଡିଆ ଟୁଡେ-ଏମ୍‌ଡିଆର୍‌ଏ ମେଡିକାଲ କଲେଜ ସର୍ଭେ ୨୦୨୫ରେ ସମଗ୍ର ଦେଶରେ ଭୁବନେଶ୍ୱର ଏମ୍‌ସ ଦ୍ୱାଦଶ ଶ୍ରେଷ୍ଠ ମେଡିକାଲ କଲେଜ ଭାବେ ସ୍ଥାନ ପାଇଛି। ଏଥିସହ ଏହି ପ୍ରତିଷ୍ଠାନ ଦେଶର ଶ୍ରେଷ୍ଠ ୧୦ ଉଦୀୟମାନ ମେଡିକାଲ କଲେଜବର୍ଗରେ ମଧ୍ୟ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଏହି ମାଇଲଖୁଣ୍ଟ ଶିକ୍ଷାଗତ ଉତ୍କର୍ଷ, ଅତ୍ୟାଧୁନିକ ଗବେଷଣା ଏବଂ ସମର୍ପିତ ରୋଗୀ ସେବା ପ୍ରତି ଏମ୍‌ସ ଭୁବନେଶ୍ୱରର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। 'ଇନଟେକ୍ କ୍ୱାଲିଟି ଆଣ୍ଡ ଗଭର୍ନାନ୍ସ', 'ଏକାଡେମିକ୍ ଉତ୍କର୍ଷ', 'ଭିତ୍ତିଭୂମି ଏବଂ ଅଭିଜ୍ଞତା', 'ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ବିକାଶ', 'ବୃତ୍ତିଗତ ଉନ୍ନତି ଏବଂ ପ୍ଲେସ୍‌ମେଣ୍ଟ ଆଦି ଭଳି ପାଞ୍ଚଟି ବ୍ୟାପକ ମାନଦଣ୍ଡକୁ ନେଇ ସାରା ଦେଶରେ ଥିବା ମେଡିକାଲ କଲେଜଗୁଡ଼ିକୁ ନେଇ ଏହି ସର୍ଭେ କରାଯାଇଥିଲା। ଇଣ୍ଡିଆ ଟୁଡେ ପକ୍ଷରୁ ଏହି ସମ୍ମାନଜନକ ସର୍ଭେ ଖ୍ୟାତନାମା ଅନୁସନ୍ଧାନ ଏଜେନ୍ସି ମାର୍କେଟିଂ ଆଣ୍ଡ ଡେଭଲପମେଣ୍ଟ ରିସର୍ଚ୍ଚ ଆସୋସିଏଟ୍ସ (ଏମଡିଆରଏ) ସହିତ ମିଳିତ ଭାବେ କରାଯାଇଥିଲା।

ଏହି ଅବସରରେ ଏମ୍‌ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି ଉପଲବ୍ଧି ଆମର ନିରନ୍ତର ପ୍ରୟାସର ପ୍ରତିଫଳନ। ଭୁବନେଶ୍ୱର ଏମ୍‌ସ ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ବିଜ୍ଞାନରେ ବିଶ୍ୱାସ, ନବସୃଜନ ଏବଂ ଅଖଣ୍ଡତାର ପ୍ରତୀକ ଭାବେ ଉଭା ହୋଇଛି। ଡ. ବିଶ୍ୱାସ ଏଭଳି ସଫଳତାରେ ଖୁସିବ୍ୟକ୍ତ କରିବା ସହ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଡିନ୍ (ପରୀକ୍ଷା) ଡ. ସୌଭାଗ୍ୟ କୁମାର ଜେନା, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଞ୍ଜନ ସିଂହ, ଡ. ଗୌରବ ଛାବ୍ରା, ଡ. ପଙ୍କଜ କୁମାର, ଡ. ଦେବପ୍ରିୟ ବନ୍ଦୋପାଧ୍ୟାୟ, ଡ. ସିପ୍ରା ରାଉତ ଏବଂ ଡ. ମାଙ୍ଗାନି ମଙ୍ଗଳାବଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।


DADLS-36

ସତ୍ୟମେବ ଜୟତେ





ପବିତ୍ର ରଥଯାତ୍ରା ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା–୨୦୨୫ ଅବସରରେ ମୁଁ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥପ୍ରେମୀ ଭକ୍ତଜନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।

ଶ୍ରୀଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତ୍‌ଥାନର ମାର୍ଗ । ସମାଜରେ ଏହା ଶାନ୍ତି, ମୈତ୍ରୀ, ପ୍ରେମ ଓ ଭ୍ରାତୃଭାବ ପ୍ରତିଷ୍ଠାରେ ସହାୟକ ହେଉ ବୋଲି କାମନା କରୁଛି ।

(ହରି ବାବୁ କମ୍ଭମ୍ପାଟି)

ଓଡ଼ିଶା ଶାସନ





ପବିତ୍ର ରଥଯାତ୍ରା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ରଥଯାତ୍ରା ଆମ ସମସ୍ତଙ୍କ ପାଇଁ ଅସୀମ ଭକ୍ତି ଓ ଭାବାବେଗର ଉତ୍ସବ । ମହାପ୍ରଭୁଙ୍କ ଆଶୀର୍ବାଦରେ ରାଜ୍ୟର ବିକାଶ ସହିତ ସମସ୍ତଙ୍କ ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ଭରିଉଠୁ, ଏହା ହିଁ ମୋର କାମନା ।

ଜୟ ଜଗନ୍ନାଥ ...

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0819/2526

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 43 ◆ISSUE-3 ◆BHUBANESWAR ◆FRIDAY ◆27 JUNE 2025 ◆PAGE-14 ◆₹ 6.00
◆ବର୍ଷ-୪୩ ◆ସଂଖ୍ୟା-୩ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୭ ଜୁନ୍ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦



## ମହାପ୍ରଭୁଙ୍କ ନବଯୌବନ ଦର୍ଶନ କଲେ ଭକ୍ତ

■ **ପୁରୀ, ୨୬।୬ (ସମିସ):** ପନ୍ଦର ଦିନ ଅଣସରରେ ରହିବା ପରେ ଗୁରୁବାର ନବଯୌବନ ରୂପରେ ଦର୍ଶନ ଦେଇଛନ୍ତି ଚତୁର୍ଦ୍ଧାବିଗ୍ରହ।

**ଅନୁକୂଳ ପାଗ; ସଅଳ ହେଲା ନୀତିକାନ୍ତି**
**ଶୀଘ୍ର ସରିଲା ପରମାଣିକ ଦର୍ଶନ**

ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ନବଯୌବନ ଦର୍ଶନ କରି କୃତାର୍ଥ ହୋଇଛନ୍ତି। ନୀତିକାନ୍ତି ସଅଳ ସାଙ୍ଗକୁ ଅନୁକୂଳ ପାଗ ଯୋଗୁଁ ଶ୍ରୀମନ୍ଦିରରେ ଭକ୍ତଙ୍କ ବେଶ୍ ଭିଡ଼ ହୋଇଥିଲା। ଶୁକ୍ରବାର ରଥରେ ବସି ଚତୁର୍ଦ୍ଧାବିଗ୍ରହ ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରା କରିବେ। ଭୋର୍ ୫ଟା ୩୦ରେ ଦାରୁବିଗ୍ରହଙ୍କ ବନକଲାଗି ଶେଷ ହୋଇଥିଲା। ଦଉମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ଏହାପରେ ନେତ୍ରୋତ୍ସବ ନୀତି ଆରମ୍ଭ ହୋଇଥିଲା। ଭୋର୍ ୫ଟା ▶ପୃଷ୍ଠା-୭

**ଆଜି ଶ୍ରୀଗୁଣ୍ଡିଚା ଯାତ୍ରା**

# ସିଂହଦ୍ୱାରରେ ତିନି ରଥ, ମହାବାହୁଙ୍କୁ ଅପେକ୍ଷା

## ସକାଳ ସାଢ଼େ ୯ରେ ପହଣ୍ଡି

## ଅପରାହ୍ଣ ୪ଟାରେ ରଥଟଣା

## ସହରକୁ ଜଗିବେ ୨୦୫ ପ୍ଲାଟୁନ୍ ଫୋର୍ସ

## ପୁରୀ ଉପରେ ନଜର ରଖିଛି ୨୭୫ ଏଆଇ କ୍ୟାମେରା



ଫଟୋ- ଅନୀଲ

■ **ପୁରୀ, ୨୬।୬ (ସମିସ):** ଶ୍ରୀମନ୍ଦିର ସିଂହଦ୍ୱାରରେ ପ୍ରସ୍ତୁତ ତିନିରଥ। ରଥାରୂଢ଼ ଠାକୁରଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ରରେ ଲାଗିଛି ଭକ୍ତଙ୍କ ଭିଡ଼। ରଥ, ପଥ, ଭକ୍ତ ସଭିଏଁ ପ୍ରସ୍ତୁତ। ସମସ୍ତଙ୍କର ଅପେକ୍ଷା କେତେବେଳେ ନୀଳକନ୍ଦରରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସିବେ ନୀଳାଦ୍ରିନାଥ। ରଥରେ ବସି ଯିବେ ଆଡ଼ପମଣ୍ଡପ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ପାଇବେ ବିଶ୍ୱନିୟନ୍ତାଙ୍କ ଦୁଲର୍ଭ ଦର୍ଶନ। ସେହି ଦିବ୍ୟ ମୁହୂର୍ତ୍ତକୁ ଚାହିଁ ରହିଛନ୍ତି ଭକ୍ତଜନ।

ଦାରୁବ୍ରହ୍ମଙ୍କ ସ୍ପର୍ଶରେ ରଥ, ପଥ ହେବ ବ୍ରହ୍ମମୟ। ସଭିଏଁ ହେବେ ଏକାକାର। ଭକ୍ତଙ୍କ ଏହି ଆବେଗିକ ମୁହୂର୍ତ୍ତର ସାକ୍ଷୀ ପାଇଁ ପାଗ ବି ରହିଛି ବେଶ୍ ଅନୁକୂଳ। କୋଳାହଳରେ ଫାଟିପଡୁଛି ବଡ଼ଦାଣ୍ଡ। ଶ୍ରୀଗୁଣ୍ଡିଚା ଯାତ୍ରା ପାଇଁ ସରକାର, ଜିଲ୍ଲା ପ୍ରଶାସନ, ପୁଲିସ୍ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ପବିତ୍ର ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ରଥାରୂଢ଼ ହୋଇ ଚତୁର୍ଦ୍ଧାବିଗ୍ରହ ଯିବେ ଗୁଣ୍ଡିଚା ମନ୍ଦିର। ଅଣସର ପରେ ନବଦିନାତ୍ମକ ଯାତ୍ରାରେ ଯିବା ପାଇଁ ପ୍ରସ୍ତୁତ ହେଉଛନ୍ତି ମହାବାହୁ। ଆଉ ଦାରୁଦିଅଁଙ୍କ ଆଗମନକୁ ସିଂହଦ୍ୱାରରେ ଅପେକ୍ଷା କରିରହିଛନ୍ତି ତିନି ରଥ। ଶୁକ୍ରବାର ସକାଳ ସାଢ଼େ ୯ଟାରେ ଚତୁର୍ଦ୍ଧା ବିଗ୍ରହଙ୍କ ପହଣ୍ଡି ଆରମ୍ଭ ହୋଇ ଅପରାହ୍ଣ ୪ଟାରେ ରଥ ଟାଣିବା ଲାଗି ନୀତି ନିର୍ଘଣ୍ଟ କରାଯାଇଛି।

ଗୁରୁବାର ସକାଳ ୬ଟା ୨୦ରେ ମଙ୍ଗଳ ଆଳତି, ୭ଟାରେ ଅବକାଶ ପୂଜା ସରି ୭ଟା ୫ରେ ପଟିଦିଅଁ ବାହୁଡ଼ା ବିଜେ କରିଥିଲେ। ୭ଟା ୨୫ରେ ତାଟିଫିଟିବା ପରେ ନିର୍ଦ୍ଧାରିତ ସମୟର ୨୦ ମିନିଟ୍ ପୂର୍ବରୁ ଅର୍ଥାତ୍ ୭ଟା ୪୦ରେ ପରିମାଣିକ ଦର୍ଶନ ଆରମ୍ଭ ହୋଇଥିଲା। ଯେହେତୁ କମ୍ ସଂଖ୍ୟକ ଭକ୍ତ ପରିମାଣିକ ଦର୍ଶନ ଟିକଟ୍ କରିଥିଲେ, ତେଣୁ ୨୦ ମିନିଟ୍ ଅର୍ଥାତ୍ ସକାଳ ୮ଟାରେ ପରିମାଣିକ ଦର୍ଶନ ସରିଥିଲା। ଏହାପରେ ସର୍ବସାଧାରଣ ଦର୍ଶନ ବା ସାହାଣମେଲା ଦର୍ଶନ ଆରମ୍ଭ ହୋଇ ପୂର୍ବାହ୍ଣ ୧୦ଟା ୩୫ ପର୍ଯ୍ୟନ୍ତ ଚାଲିଥିଲା। ଏହାପରେ ଦର୍ଶନ ବନ୍ଦ କରାଯାଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଅପରାହ୍ଣ ୪ଟା ୫ରେ ସକାଳ ଧୂପ ଶେଷ ହେବା ପରେ ୪ଟା ୪୦ରେ ମହାପ୍ରଭୁଙ୍କ ଆଜ୍ଞାମାଳ ବିଜେ ▶ପୃଷ୍ଠା-୭

# ନବୀନଙ୍କ ଆଶୁ ଆରୋଗ୍ୟ କାମନା କଲେ ପ୍ରଧାନମନ୍ତ୍ରୀ

**ଫୋନ୍‌ରେ କଥା ହୋଇ ସ୍ୱାସ୍ଥ୍ୟ ସମ୍ପର୍କରେ ବୁଝିଲେ**



■ **ମୁମ୍ବାଇ,୨୬।୬(ସମିସ):** ମୁମ୍ବାଇର କୋକିଳାବେନ୍ ହସ୍‌ପିଟାଲରେ ଚିକିତ୍ସାଧୀନ ବିଜେଡି ସୁପ୍ରିମୋ ତଥା ଓଡ଼ିଶା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ସୁସ୍ୱାସ୍ଥ୍ୟ କାମନା କରିଛନ୍ତି

**ନବୀନଙ୍କ ଯତ୍ନ ନେବାକୁ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ପରାମର୍ଶ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଫୋନ୍ ଯୋଗେ ପ୍ରଧାନମନ୍ତ୍ରୀ ନବୀନଙ୍କ ସହ ଦୀର୍ଘ ସମୟ କଥା ହୋଇ ତାଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ଅବସରରେ ଖୁବ୍ ଶୀଘ୍ର ନବୀନ ଆରୋଗ୍ୟଲାଭ କରିବେ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏହା ସହ ଚିକିତ୍ସା କରୁଥିବା ବିଶେଷଜ୍ଞ ଡ଼ାକ୍ତରମାନଙ୍କ ସହ ମଧ୍ୟ ପ୍ରଧାନମନ୍ତ୍ରୀ କଥା ହୋଇଛନ୍ତି। ଏହି ଅବସରରେ ସେ ନବୀନଙ୍କ ଅସ୍ତ୍ରୋପଚାର ସମ୍ପର୍କରେ ପଚାରି ବୁଝିଛନ୍ତି ଓ ତାଙ୍କର ▶ପୃଷ୍ଠା-୭

## ନବୀନଙ୍କ ସହ କଥା ହେଲେ ଖଡ୍‌ଗେ ଓ ଧର୍ମେନ୍ଦ୍ର





■ **ମୁମ୍ବାଇ,୨୬।୬(ସମିସ):** ମୁମ୍ବାଇରେ ଚିକିତ୍ସାଧୀନ ନବୀନଙ୍କ ଦ୍ରୁତ ଓ ସମ୍ପୂର୍ଣ୍ଣ ଆରୋଗ୍ୟ ନିମନ୍ତେ ଦେଶର ବହୁ ନେତା କାମନା କରିଛନ୍ତି। ଏହି କ୍ରମରେ ନବୀନଙ୍କ ସହ କଥା ହୋଇ ତାଙ୍କର ସୁସ୍ୱାସ୍ଥ୍ୟ କାମନା କରିଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ୍‌ଗେ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନବୀନଙ୍କ ସଫଳ ଅସ୍ତ୍ରୋପଚାର ନିମନ୍ତେ ଶ୍ରୀ ଖଡ୍‌ଗେ ଫୋନ୍ କରି ଶୁଭକାମନା ▶ପୃଷ୍ଠା-୭






ସକାଳ
THE SAKALA



■ ଖେଳପଡ଼ିଆ ଉନ୍ନତୀକରଣ କାର୍ଯ୍ୟ ଅଧାପନ୍ତରିଆ

# ଅଧାକାମ କରି ଅର୍ଥ ବାଟମାରଣ ଅଭିଯୋଗ



ଦେଓଗାଁ,୨୬।୬(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍‌ରେ ଅନେକ ସମୟରେ କାମ ନିମ୍ନମାନର ତଥା ଅଧାକାମ କରି ବିଲ୍ କରାଯାଉଥିବା ଅଭିଯୋଗ ହୋଇଆସୁଛି। ଏଭଳି ଏକ ଅଭିଯୋଗ ଆସିଛି ଗାଇବାହାଲ ପଞ୍ଚାୟତ ଅଧୀନ ରାଏପାଲି ଗାଁରୁ। ଏହିଗାଁର ଖେଳପଡ଼ିଆ ଉନ୍ନତୀକରଣ କରିବାପାଇଁ ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ୮ ଲକ୍ଷ ଟଙ୍କା ମଞ୍ଜୁର ହୋଇ କାମ ଆରମ୍ଭ ହୋଇଥିଲା। ହେଲେ କୋଠା ନିର୍ମାଣ ନ ସରୁଣୁ ଚାରିପଟରେ ଫାଟ ଦେଖାଦେବାସହ କାମ ଅଧାପନ୍ତରିଆ ପକାଇ ସମ୍ପୃକ୍ତ ଠିକାଦାର ଏବେ ଆଉ କାମ ହାତକୁ ନେଉନାହାନ୍ତି। ସ୍ଥାନୀୟଲୋକଙ୍କ ଅଭିଯୋଗ ଅନୁସାରେ ପଡ଼ିଆକୁ ସମତୁଳ କରିବାକଥା କିନ୍ତୁ ତାହା ମଧ୍ୟ ଏପର୍ଯ୍ୟନ୍ତ କରାଯାଇନାହିଁ। ସୂଚନା ଫଳକରେ କାମ ଆରମ୍ଭ ଓ କାମଶେଷ ଦର୍ଶାଯାଇ ନ ଥିବାରୁ କାମର ସମୟ ଅବଧି କେତେ ତାହା କାହାକୁ ଜଣାନାହିଁ। ଅନ୍ୟପଟେ ବିଭାଗୀୟ ସୂଚନା ଅନୁସାରେ ଏହି ପ୍ରକଳ୍ପର ଅନୁଦାନ ମଧ୍ୟରୁ ୫ଲକ୍ଷ ୮୫ହଜାର ୯୯୯ଟଙ୍କା ର ବିଲ୍ ହୋଇସାରିଛି। ଉକ୍ତକାମ ସମ୍ପୂର୍ଣ୍ଣ କରିବାପାଇଁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଭାଗ ଶୁଣୁ ନ ଥିବା ଅଭିଯୋଗ ହୋଇଛି। ଏନେଇ ଯନ୍ତ୍ରୀ ସାଗରିକା ଜେନାଙ୍କୁ ପଚାରିବାରୁ ଫାଇଲ ଦେଖିଲେ କହି ହେବ ବୋଲି କହିଥିଲେ।

# ପୂର୍ବତନ ପୋଷ୍ଟମାଷ୍ଟରଙ୍କ ବିୟୋଗ



ଖପ୍ରାଖୋଲ,୨୬।୬(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଅଧୀନ ଭାନପୁର ପଞ୍ଚାୟତ ତୁର୍ଲା ଗାଁର ପୂର୍ବତନ ପୋଷ୍ଟମାଷ୍ଟର ମଧୁ ସୁଦନ ପଣ୍ଡା (୬୫)ଙ୍କ ବୁଧବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି। ସେ ଗାଁ ପୋଷ୍ଟ ଅଫିସରେ ଦୀର୍ଘ ୪୦ ବର୍ଷ କାମ କଲାପରେ ୪ବର୍ଷ ତଳେ ଅବସର ଗ୍ରହଣ କରିଥିଲେ। କିଛି ଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବାବେଳେ ବୁଧବାର ବିଳମ୍ବିତ ରାତିରେ ପରଲୋକ ହୋଇଥିଲା। ଗୁରୁବାର ସକାଳେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କର ଏକମାତ୍ର ପୁଅ ସାମ୍ବାଦିକ ଜ୍ୟୋତିରଞ୍ଜନ ପଣ୍ଡା ମୁଖାଗ୍ନି ଦେଇଥିଲେ।

# ବରିଷ୍ଠ ନାଗରିକ ମଞ୍ଚ ସାଧାରଣ ପରିଷଦ ବୈଠକ




ବଲାଙ୍ଗିର,୨୬।୬(ସମିସ): ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ରାଧାକୃଷ୍ଣ ମନ୍ଦିର, ସଦାଇପାଲିଠାରେ ଅନୁଷ୍ଠିତ ହୋଇଯାଇଛି। ଇଂ ପ୍ରଫୁଲ୍ଲ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆଗାମୀ ଦିନରେ ମଞ୍ଚର ସଦସ୍ୟଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର, ଚକ୍ଷୁ ପରୀକ୍ଷା ଶିବିର କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏତଦ୍‌ବ୍ୟତୀତ ଆଗାମୀ ଦୁଇବର୍ଷ ପାଇଁ କର୍ମକର୍ତ୍ତା ମନୋନୟନ ପ୍ରକ୍ରିୟାରେ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ନିର୍ବାଚନ କମିଟି ଅଧ୍ୟକ୍ଷ ଚିତ୍ତରଞ୍ଜନ ପଟେଲ, ତିନିଜଣ ସଭ୍ୟ ଜୟଚନ୍ଦ୍ର ସାହୁ, ପୀତବାସ ପଣ୍ଡା ଓ ବିଶ୍ୱନାଥ ତ୍ରିପାଠୀ ମନୋନୀତ ହୋଇଥିଲେ। ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ କପିଳେଶ୍ୱର ଖମାରୀ।

# ମାଟି ଖୋଳି ଶବ ବାହାର କଲା ପୁଲିସ୍

■ ଡାକ୍ତରଙ୍କ ନାମରେ ଟାଉନ ଥାନାରେ ମାମଲା
■ ବଲାଙ୍ଗିର ମଙ୍ଗଳ ହେଲ୍‌ଥ କେୟାର ନାମରେ ସଙ୍ଗୀନ ଅଭିଯୋଗ

ବଲାଙ୍ଗିର,୨୬।୬(ସମିସ):

ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ଅବହେଳାରୁ ଜଣେ ମହିଳାଙ୍କ ମୃତ୍ୟୁ ହେବା, ଘଟଣାକୁ ଚାପିଦେବା ପାଇଁ ଟଙ୍କା ଦେଇ ପରିବାରଲୋକଙ୍କ ମୁହଁ ବନ୍ଦ କରିବାକୁ ଚେଷ୍ଟା ଏବଂ ପରେ ପୁଲିସ୍ ମାଟି ଖୋଳି ମହିଳାଙ୍କ ଶବ ବାହାର କରିବା ଭଳି ଘଟଣା ଆଜି ବଲାଙ୍ଗିର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାରେ ଟାଉନ୍ ଥାନା ପୁଲିସ୍ ସଂପୃକ୍ତ ଘରୋଇ ହସ୍ପିଟାଲର ଜଣେ ଡାକ୍ତରଙ୍କ ନାମରେ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

ମୃତ ମହିଳାଜଣଙ୍କ ହେଲେ, ସୋନପୁର ଜିଲ୍ଲା ତରଭା ଥାନା ରାଣୀସର୍ଡା ଗାଁର ଅକ୍ଷୟ କୁମାର ନାଗଙ୍କ ସ୍ତ୍ରୀ ସୌଦାମିନୀ ନାଗ। ସୌଦାମିନୀ ଷ୍ଟୋନ୍ (ପଥରୀ) ରୋଗରେ ଆକ୍ରାନ୍ତ ଥିଲେ। ଚିକିତ୍ସା ପାଇଁ ଅକ୍ଷୟ ତାଙ୍କୁ ମଙ୍ଗଳ ହେଲ୍ଥକେୟାରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ସୁବ୍ରତ କୁମାର ପ୍ରଧାନ ତାଙ୍କର ସମସ୍ତ ପରୀକ୍ଷା ରିପୋର୍ଟ ଦେଖିବା ପରେ ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ଗତ ୨୩ ତାରିଖରେ ସୌଦାମିନୀଙ୍କ ସେହି ହସ୍ପିଟାଲରେ ଅସ୍ତ୍ରୋପଚାର କରାଯାଇଥିଲା। କିନ୍ତୁ ଅସ୍ତ୍ରୋପଚାର ବେଳେ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ଡାକ୍ତର ତାଙ୍କ ସ୍ୱାମୀ ଅକ୍ଷୟଙ୍କୁ ୫ହଜାର ଟଙ୍କା ଦେଇ ବରଗଡ଼ର ବିକାଶ ଡାକ୍ତରଖାନାକୁ ନେବା ପାଇଁ ବାଧ କରିଥିଲେ। ଏପରିକି, ଡାକ୍ତର ନିଜେ ଆଉ ଏକ ଘରୋଇ ଡାକ୍ତରଖାନା ଆମ୍ବୁଲାନ୍ସ ମଧ୍ୟ ଡକାଇ ତାଙ୍କୁ ରାତିଅଧରେ ତରବରିଆ ଭାବେ ପଠାଇ ଦେଇଥିଲେ। କିନ୍ତୁ ବିକାଶ ଡାକ୍ତରଖାନାରେ ସୌଦାମିନୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

ଅକ୍ଷୟ ଗତ ୨୪ ତାରିଖରେ ସୌଦାମିନୀଙ୍କ ଶବକୁ ଘରକୁ ଆଣି ପୋତି ଦେଇଥିଲେ। ପରେ ୨୫ତାରିଖରେ ସେ ବଲାଙ୍ଗିର ଟାଉନ୍ ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ଏକ ମାମଲା ରୁଜୁ କରି ସଂପୃକ୍ତ ଡାକ୍ତର ସୁବ୍ରତ କୁମାର ପ୍ରଧାନଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଆଜି ପୁଲିସ୍ ମାଟି ଖୋଳି ମହିଳାଙ୍କ ଶବ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି।

ଡାକ୍ତରଖାନା ମାଲିକ ବିଶ୍ୱନାଥ ଝାଙ୍କ କହିବା ଅନୁସାରେ, ମହିଳାଙ୍କ ଅପରେସନ କରାଯାଇଥିଲା। ଅପରେସନ୍ ସମୟରେ ହିଁ ତାଙ୍କର କିଛି ସମସ୍ୟା ହୋଇଥିଲା। ଆମ ଡାକ୍ତରଖାନାରେ ତାହା ଠିକ୍ ହୋଇପାରିବ ନାହିଁ। ସେଥିପାଇଁ ତାଙ୍କୁ ବରଗଡ଼ ସ୍ଥାନାନ୍ତର କରାଯାଇଥିଲା। ଆଉ ଚିକିତ୍ସା ଅବହେଳା ବିଷୟରେ ଅପରେସନ କରିଥିବା ଡାକ୍ତର କହିପାରିବେ। ସେହିପରି ସଂପୃକ୍ତ ଡାକ୍ତରଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିବା ବେଳେ ସେ ଫୋନ୍ ଉଠାଇନଥିଲେ।

ଏହି ଘଟଣାରେ ବଲାଙ୍ଗୀର ସଦର ଏସଡିପିଓଙ୍କ କହିବା ଅନୁସାରେ, ଅଭିଯୋଗକ୍ରମେ ମାମଲା ରୁଜୁ ହୋଇଛି। ଶବ ବ୍ୟବଚ୍ଛେଦ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାର ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ କହିବା ଅନୁସାରେ, ତାଙ୍କ ପାଖରେ ଏନେଇ କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ, ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

■ ପାଟଣାଗଡ଼ରେ ଉନ୍ନୟନମୂଳକ କାର୍ଯ୍ୟ ଠପ୍

# ଜନପ୍ରତିନିଧିଙ୍କ ଧାରଣା ତୃତୀୟ ଦିନରେ



ପାଟଣାଗଡ଼,୨୬।୬(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଓ ଏନ୍‌ଏସିରେ ବିଜେପି ସରକାର ଆସିବା ଦିନଠାରୁ ଉନ୍ନୟନମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦହୋଇ ରହିଥିବା ଅଭିଯୋଗ ଆଣି ପାଟଣାଗଡ଼ ବ୍ଲକଅଞ୍ଚଳର ସମିତି ସଭ୍ୟ, ସଭ୍ୟା ଓ ଏନଏସି ଅଧ୍ୟକ୍ଷାଙ୍କ ସହ କାଉନସିଲରମାନେ ମଙ୍ଗଳବାର ସକାଳ ୧୦ ଟାରୁ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣାରେ ବସିଛନ୍ତି। ଏହି ଧାରଣା ତୃତୀୟ ଦିନରେ ପହଞ୍ଚିଛି। ବୁଧବାର ଉପଜିଲ୍ଲାପାଳ ସୁନୀଲ ମେହେର ଅପରାହ୍ନ ୧ ଟାରେ ବ୍ଲକର ଧାରଣାସ୍ଥଳକୁ ପହଞ୍ଚି ଧାରଣାରତ ସମିତି ସଭ୍ୟ, ସଭ୍ୟାଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏହାର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ପାଇଁ ଏହି ଧାରଣା ଜାରି ରହିବ ବୋଲି ସମିତିସଭ୍ୟ ସଂଘ ସଭାପତି ଗୋବିନ୍ଦ ମେହେରଙ୍କ ସହ ଉପସ୍ଥିତ ସମିତି ସଭ୍ୟ, ସଭ୍ୟା ନିଜ ଜିଦ୍‌ରେ ଅଟଳ ରହିଥିଲେ। ପରେ ଉପଜିଲ୍ଲାପାଳ ଶ୍ରୀମେହେର ପିଡିଙ୍କ ସହ ଆଲୋଚନା କରି ଏହି ସମସ୍ୟାର ସମାଧାନ କରାଯିବ କହି ଚାଲିଯାଇଥିଲେ। ଧାରଣାକୁ ତିନି ଦିନ ବିତିଯାଇଥିଲେ ସୁଦ୍ଧା ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନ ନେବା କାରଣରୁ ଧାରଣାରତ ଜନପ୍ରତିନିଧି ତଥା ସମିତି ସଭ୍ୟ, ସଭ୍ୟା ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଉଭୟ ବ୍ଲକ ଓ ଏନଏସିରେ ଧାରଣା ଜାରି ରହିଛି। ଶୁକ୍ରବାର, ଶନିବାର ଓ ରବିବାର ଛୁଟି ଥିବାରୁ ସୋମବାରଠାରୁ ପୁଣି ଧାରଣା ଜାରିରହିବ ବୋଲି ସମିତିସଭ୍ୟ ସଂଘ ସଭାପତି ଶ୍ରୀମେହେର ସୂଚନା ଦେଇଛନ୍ତି।

# ଯୁବ କୁଲୁତା ସମାଜକୁ ଜିଲ୍ଲା ପ୍ରଶାସନର ପ୍ରଶଂସା

ବଲାଙ୍ଗିର,୨୬।୬(ସମିସ): ଗତ ଜୁନ୍ ୫ ତାରିଖ ବିଶ୍ୱ ପରିବେଶ ଦିବସ ଅବସରରେ ଭୁବନେଶ୍ୱର ସ୍ଥିତ କୃଷି ଶିକ୍ଷାସଦନ ଠାରେ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜକୁ ରାଜ୍ୟ ସରକାର ପ୍ରକୃତି ମିତ୍ର ପୁରସ୍କାରରେ ସମ୍ମାନିତ କରିଥିଲେ। ଏହି ଖବରଟି ଜାଣିବା ପରେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ତରଫରୁ ବଲାଙ୍ଗିର ଉପ-ଜିଲ୍ଲାପାଳ ଆଲୋକ ପଟେଲ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜକୁ ପ୍ରଶଂସାପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇ ଉପ-ଜିଲ୍ଲାପାଳଙ୍କ ଠାରୁ ଏହି ପ୍ରଶଂସାପତ୍ର ଗ୍ରହଣ କରିଛନ୍ତି। ଯୁବ କୁଲୁତା ସମାଜର ଏଭଳି ପ୍ରାରମ୍ଭିକ ପଦକ୍ଷେପ ସମାଜ ଏବଂ ପରିବେଶ ଉପରେ ଭଲ ପ୍ରଭାବ ପକାଇବ ଓ ଏଭଳି ଉଦ୍ୟମ ଜାରି ରଖନ୍ତୁ ବୋଲି ଉପ-ଜିଲ୍ଲାପାଳ ମତ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନର ଏଭଳି ପ୍ରଶଂସା ଆଗାମୀଦିନରେ ଆମ ଯୁବ କୁଲୁତା ସମାଜର ସଦସ୍ୟମାନଙ୍କୁ କାମ କରିବାକୁ ଅଧିକ ପ୍ରେରଣା ପ୍ରଦାନ କରିବ ବୋଲି ସଭାପତି ଅସୀମ ଭୋଇ ମତ ପ୍ରକାଶ କରିଛନ୍ତି।

# ନିଶାଦ୍ରବ୍ୟ ନିରୋଧ ଦିବସ ପାଳିତ

ବଲାଙ୍ଗିର,୨୬।୬(ସମିସ): ଆର୍ନ୍ତଜାତୀୟ ନିଶା ଦ୍ରବ୍ୟର ଅପବ୍ୟବହାର ଓ ଅବୈଧ ଚାଲାଣ ନିରୋଧ ଦିବସ ପାଳନ ଅବସରରେ ବଲାଙ୍ଗିର ଜିଲ୍ଲା ଅବକାରୀ ବିଭାଗ ଓ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ କରାଯାଇଥିଲା। ଏହି ପଦଯାତ୍ରାରେ ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଦସ୍ୟଗଣ ଓ ପିପୁଲସ ଫୋରମ ଦ୍ୱାରା ପରିଚାଳିତ ନିଶା ନିବାରଣ କେନ୍ଦ୍ରର ପରିଚାଳକ ଓ ଅନ୍ତେବାସୀ ଅଂଶଗ୍ରହଣ କରିଥିଲେ। ପଦଯାତ୍ରା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ସଭା ଆୟୋଜନ କରାଯାଇଥିଲା। ସଭାରେ ଅବକାରୀ ଅଧୀକ୍ଷକ ସୀତାକାନ୍ତ ମୁଦୁଲି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନଜିତ ହୋତା ନିଶାର ଅପବ୍ୟବହାର ଓ ଚୋରାଚାଲାଣ ରୋକାଯିବା ଉପରେ ଆଲୋକପାତ କରିଥିଲେ। ପ୍ରଜାପିତା ବ୍ରହ୍ମକୁମାରୀ ପରିବାରର ଡ. ଅଭିମନ୍ୟୁ ମିଶ୍ର ଓ ବିକେ ଉଷା ନିଶା ନିବାରଣ ଉପରେ ମୂଲ୍ୟବାନ ମତ ରଖିଥିଲେ। ସଭାରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗ ମଧ୍ୟ ରହିଥିଲେ। ପରିଶେଷରେ ଜିଲ୍ଲାପାଳଙ୍କ ଦ୍ୱାରା ଆମ ସଂକଳ୍ପ ନିଶା ନୁହେଁ ଜୀବନ ଶୀର୍ଷକ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗୀତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ବଲାଙ୍ଗିର ଅବକାରୀ ଉପ ଅଧିକ୍ଷକ ହରିହର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

**୨୮ ରୁ ବଲାଙ୍ଗିର ସିନିୟର ନକଆଉଟ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ**

# ଭାଗ ନେବେ ୬୪ ଦଳ

ବଲାଙ୍ଗିର,୨୬।୬(ସମିସ): ସ୍ଥାନୀୟ ଗାନ୍ଧୀଷ୍ଟାଡିୟମରେ ଜିଲ୍ଲା କ୍ରୀଡ଼ା ସଂସଦର ଫୁଟବଲ ଟୁର୍ଣ୍ଣାମେଣ୍ଟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ହେମନ୍ତ କୁମାର ବେହେରା ବୈ÷ଠକରେ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୮ରୁ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର ୯ ଗୋଟି ପଡ଼ିଆରେ ହେବ। ଏଥିରେ ୬୪ ଗୋଟି ଦଳ ଭାଗ ନେବେ। ୨୮ ତାରିଖ ଟାଉନ ହାଇସ୍କୁଲ ପଡିଆରେ ଡିଏଫ୍ଏ ବଲାଙ୍ଗିର ବନାମ୍ ଜେକେୱାଇଏସ୍ କାଲସାଏପାଲି, ଚୁଡାପାଲି ପଡ଼ିଆରେ ଡଙ୍ଗାଘାଟ ବନାମ ଲୁଚକିବନ୍ଧ, ଟିଟିଲାଗଡ଼ ସିଟି ସ୍କୁଲ ପଡିଆରେ ସିହିନି ବନାମ ଭାଟିପଡା, ଜରାସିଂହା ମିନି ଷ୍ଟାଡିୟମ ଠାରେ ଜରାସିଂହା ବନାମ ନାଇକେନସିରା, ସଦାଇପାଲି ସାଇଟ ପଡିଆରେ ସାଇଟ ସଦାଇପାଲି ବନାମ ସରଗାଡ, ଲୋଇସିଂହା ମିନି ଷ୍ଟାଡିୟମ ଠାରେ ଲୋଇସିଂହା ଏଏ ବନାମ ମୁରସୁଣ୍ଡ, ବଙ୍ଗୋମୁଣ୍ଡା ପଡ଼ିଆରେ ମମିଆଁ ବନାମ ବଡ଼ଗମଡ଼ା ଓ ଖୁଜେନପାଲି ପଡ଼ିଆରେ ରିସନ କାଲସାଏପାଲି ବନାମ ଜେଆଇଟିଏମ୍ ବଲାଙ୍ଗିର ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ହେବ। ସେହିପରି ଗାନ୍ଧୀ ଷ୍ଟାଡିୟମ ବଲାଙ୍ଗିର ଠାରେ ଜୁଲାଇ ୭ରେ କ୍ୱାଟର ଫାଇନାଲ, ୮ ଓ ୯ ରେ ସେମିଫାଇନାଲ ଏବଂ ୧୦ତାରିଖରେ ଫାଇନାଲ ଖେଳ ହେବ। ଉକ୍ତ ବୈଠକରେ ସଂସଦର କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ସାଧାରଣ ସମ୍ପାଦକ ହରିନାରାୟଣ ପୁଜାରୀ, ଯୁଗ୍ମ ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ ଓ ଶତ୍ରୁଘନ ସିଂ, ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର, କ୍ରୀଡା ସମ୍ପାଦକ ବିଭୁତିଭୂଷଣ ପଣ୍ଡା, ସଦସ୍ୟ କୈଳାସ ଚନ୍ଦ୍ର କର୍ତ୍ତରୀ, ଭୁପେନ୍ଦ୍ର ପ୍ରସାଦ ସିଂ, ଶ୍ରୀକାନ୍ତ ରାଉତ, ନରସିଂସ୍ୱାମୀ ନାଇଡୁ ପ୍ରମୁଖ ଉପସ୍ଥିତ ଥିଲେ। ଯୁଗ୍ମ ସମ୍ପାଦକ ପଦ୍ମ ଚରଣ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

'ରଥ ଯାତରା କଥା'...

# ଘୋଷଯାତ୍ରା ଦୁଇଦିନ ଓ ବାହୁଡ଼ା ଯାତ୍ରା ଦୁଇଦିନ

ଓଡ଼ିଶାର ପ୍ରମୁଖ ପର୍ବ ଭାବରେ ରଥଯାତ୍ରାକୁ ଗାଁ ସହର ସବୁଠାରେ ପାଳନ କରାଯାଏ। ଆଉ କିଛିଦିନ ପରେ ରଥଯାତ୍ରା ଆୟୋଜିତ ହେବ। ତେଣୁକରି ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ। ରଥଯାତ୍ରା କେବଳ ଏକ ପର୍ବ ନୁହେଁ। ଏହା ଭକ୍ତ ଓ ଭଗବାନଙ୍କ ଭାବର ସର୍ମ୍ପକ ଯାତ୍ରା। ତେଣୁକରି ପ୍ରତିବର୍ଷ ଧୁମଧାମରେ ରଥଯାତ୍ରା ପାଳନ କରାଯାଏ। ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ ରଥଯାତ୍ରା ପାଳନ କରାଯାଉଥିବାବେଳେ କିଛି ପୁରାତନ ଓ ନିଆରା ରଥଯାତ୍ରା ସର୍ମ୍ପକରେ ସକାଳର ପ୍ରସ୍ତୁତି 'ରଥ ଯାତରା କଥା'।



ବଲାଙ୍ଗିର,୨୬।୬(ସମିସ):

ବଲାଙ୍ଗିର ଜିଲ୍ଲାରେ ଆୟୋଜିତ କରାଯାଉଥିବା ରଥଯାତ୍ରା ମଧ୍ୟରେ ଅନ୍ୟତମ ହେଉଛି ଆଟଗାଁର ରଥଯାତ୍ରା। ପୁଇଁତଳା ବ୍ଲକ୍ ଅଧୀନ ଆଟଗାଁରେ ଆୟୋଜିତ ହେଉଥିବା ରଥଯାତ୍ରା ଅନେକ ପୁରୁଣା ବୋଲି ମାନ୍ୟତା ରହିଛି। ପ୍ରତିବର୍ଷ ରଥଯାତ୍ରା ଧୁମଧାମରେ ପାଳନ କରାଯାଉଥିବାବେଳେ ଚଳିତବର୍ଷ ମଧ୍ୟ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରକାଶଯେ ଆଟଗାଁ ହେଉଛି ପାଟଣା ରାଜ୍ୟର ଏକ ପ୍ରମୁଖ ଜମିଦାରୀ ଗାଁ। ଗ୍ରାମବାସୀଙ୍କ କହିବା ଅନୁସାରେ ଜମିଦାର ଲୋକନାଥ ସିଂ ମାଝୀଙ୍କ ଶାସନ ଅମଳରେ ୧୮୦୦ ମସିହା ଜମିଦାର ମହଲ ନିକଟରେ ଏକ ଜଗନ୍ନାଥ ମନ୍ଦିର ତୋଳାଇ ଥିଲେ। ସେହି ସମୟରୁ ଆଟଗାଁରେ ରଥଯାତ୍ରା ପଳିତ ହୋଇଆସୁଛି। ପୂର୍ବରୁ ଗ୍ରାମବାସୀଙ୍କ ଉଦ୍ୟମରେ ରଥଯାତ୍ରା କରାଯାଉଥିବାବେଳେ ଶେଷ ଜମିଦାର କ୍ଷୀରୋଦ୍ର ସିଂ ମାଝୀଙ୍କ ଦେହାନ୍ତ ପରେ ଦେବୋତ୍ତର ବିଭାଗ ରଥଯାତ୍ରା ପାଳନ ଦାୟିତ୍ୱ ନେଇଛି। ବର୍ତ୍ତମାନ ଗ୍ରାମବାସୀ ଓ ଦେବୋତ୍ତର ବିଭାଗର ମିଳିତ ଉଦ୍ୟମରେ ଏହି ପର୍ବ ପାଳନ କରାଯାଉଛି। ଚଳିତବର୍ଷ ଆଟଗାଁରେ ରଥଯାତ୍ରା ଧୁମଧାମରେ ପାଳନ କରିବାକୁ ପ୍ରସ୍ତୁତି ଚାଲିଛି। ଜମିଦାରୀ ଶାସନର ରୀତିନିତୀ ଅନୁସାରେ ବର୍ତ୍ତମାନ ସୁଦ୍ଧା ତାଙ୍କର ବଂଶଧର ନୀତିକାନ୍ତିରେ ସାମିଲ ହୋଇଥାନ୍ତି। ସେମାନେ ଛେରାପହଁରା କରିଥାନ୍ତି। ଗୁରୁବାର ମହାପ୍ରଭୁଙ୍କ ନବଯୌବନ ବେଶ ହେବା ଆଗରୁ ହୋମଯଜ୍ଞ କରାଯାଇଥିଲା। ଏଥିରେ କର୍ତ୍ତାଭାବରେ ଧର୍ମେନ୍ଦ୍ର ସିଂ ମାଝୀ ଏବଂ ତାଙ୍କର ଧର୍ମପତ୍ନୀ ସୁଶୀଳା ସିଂ ମାଝୀ ଦାୟିତ୍ୱ ତୁଲାଇଥିଲେ। ଚଳିତବର୍ଷ ରଥଯାତ୍ରାରେ ଆଟଗାଁର କିଶୋରୀ ମହିଳା ସଂକୀର୍ତ୍ତନ୍ୟ ଦଳ, ଲୋଇସିଂହା ବ୍ଲକ ସାଧୁପାଲି ଗ୍ରାମର ବିଣାପାଣି ସଞ୍ଚାର ଦଳ ଯୋଗଦେବାର ସୂଚନା ରହିଛି। ଆଟ ଗାଁରେ ଘୋଷଯାତ୍ରା ଦୁଇଦିନ ଓ ବାହୁଡା ଯାତ୍ରା ଦୁଇଦିନ ପାଳନ କରାଯାଏ। ତଦନୁଯାୟୀ ଚଳିତବର୍ଷ ମଧ୍ୟ ରଥଯାତ୍ରା ପାଳନ ହେବ। ଏହା ସହିତ ଭକ୍ତମାନେ ମହାପ୍ରଭୁଙ୍କୁ ଦଶାବତାର ବେଶରେ ଦର୍ଶନ କରିପାରିବେ ବୋଲି ସୂଚନା ରହିଛି। ଦ୍ୱିତୀୟ ଦିନରେ ଲୋଇସିଂହାର ଭୋଇପାଲିରୁ ମା' ମାହେଶ୍ୱରୀ ରଙ୍ଗୀନ କୀର୍ତ୍ତନ ଦଳ, ପୁଇଁତଳା ବ୍ଲକ୍ କାଲିଝରନ ଗ୍ରାମର ଜୟ ଜଗନ୍ନାଥ ମହିଳା କୀର୍ତ୍ତନ ଦଳ ଯୋଗଦେବେ।

# ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲା ଅମଲା ସଂଘ



ବଲାଙ୍ଗିର,୨୬।୬(ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁସାରେ ଗୁରୁବାର ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା ବଲାଙ୍ଗିରର ଜିଲ୍ଲା ସଭାପତି ପ୍ରଭାତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଦଶ ଦଫା ଦାବି ସମ୍ବଳିତ ଦାବିପତ୍ର ବଲାଙ୍ଗିର ଜିଲ୍ଲାପାଳ ଗୌରଭ ଶିବାଜୀ ଇସାଲବାରଙ୍କୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥଲା। ପ୍ରକଶ ଥାଉ କି, ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ଦୀର୍ଘଦିନର ଦାବିପୂରଣ କରିବା ପ୍ରତି ରାଜ୍ୟସରକାର ଅହେତୁକ ବିଳମ୍ବ ତଥା ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ସ୍ତରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ, ଯଦି ସରକାର ଆଗାମୀ ୧୫ ଦିନ ସ୍ତରେ ଉପରୋକ୍ତ ଦାବିପୂରଣ ନ କରନ୍ତି ତେବେ ଆଗାମୀ ଜୁଲାଇ ୭ ତାରିଖ ଠାରୁ ଜୁଲାଇ ୧୧ ତାରିଖ ଯାଏଁ କଳାବ୍ୟାଜ୍ ପରିଧାନ କରିବ ଏବଂ ତା ସତ୍ତ୍ୱେ ଯଦି ସରକାର ଦାବିପୂରଣ କରିବାରେ ଅସମର୍ଥ ହୁଅନ୍ତି ରାଜ୍ୟ ସଂଘର କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ନିଷ୍ପତ୍ତି ଅନୁସାରେ ଜୁଲାଇ ୧୪ ତାରିଖଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲ ସଭାପତି ପ୍ରଭାତ କୁମାର ମଲ୍ଲିକ, ସମ୍ପାଦକ ରତିକାନ୍ତ ପୁରୋହିତ ପ୍ରକାଶ କରିଥିଲେ। ଏହି ଅବସରରେ ରାଜ୍ୟ ମୁଖ୍ୟ ଉପଦେଷ୍ଟା ସୁଧାକର ମହାପାତ୍ର, ରାଜ୍ୟ ଉପ-ସଭାପତି ସୁରେନ୍ଦ୍ର କୁମାର ବାବୁ, ଜିଲ୍ଲା କୋଷାଧ୍ୟକ୍ଷ ଜୀତେନ୍ଦ୍ର ସାହୁ, ଉପଦେଷ୍ଟା ନୀଳମାଧବ ପଟ୍ଟନାୟକ, ସଂଗଠିତ ସଭାପତି ସୁନୀଲ ବିଶି, ଜିଲ୍ଲା କାର୍ଯ୍ୟକାରିଣୀ ସଭାପତି ସୌମ୍ୟରଞ୍ଜନ ପଣ୍ଡା, ଜିଲ୍ଲା କାର୍ଯ୍ୟପରିଷଦ ସଭ୍ୟ ବିଜୟା ଭାରତୀ, ସଞ୍ଜୀବ ସାହୁ, ଶ୍ରୀନିବାସ ତ୍ରିପାଠୀ, ସଞ୍ଜୟ କୁମାର ମିଶ୍ର, ସୁନୀଲ କୁମାର ସୁନା, ନୀଳମାଧବ ନାଏକ ବିବେକାନନ୍ଦ ନାଏକ, ଜୟନ୍ତ ବେହେରା, ସୁଶାନ୍ତ ମେହେର, ଶ୍ୟାମସୁନ୍ଦର ବୁଢ଼େକ, ଚନ୍ଦନ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।

THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 43 ◆ISSUE-3 ◆BHUBANESWAR ◆FRIDAY ◆27 JUNE 2025 ◆PAGE-14 ◆₹ 6.00
◆ବର୍ଷ-୪୩ ◆ସଂଖ୍ୟା-୩ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୭ ଜୁନ୍ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦



## ଡାକ୍ତରଖାନାରୁ ରାଜ୍ୟବାସୀଙ୍କୁ ରଥଯାତ୍ରା ଶୁଭେଚ୍ଛା ଜଣାଇଲେ ନବୀନ

■ **ଭୁବନେଶ୍ୱର, ୨୬।୬ (ସମିସ):** ବିରୋଧୀଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ରଥଯାତ୍ରାର ଶୁଭେଚ୍ଛା ଜଣାଇଛନ୍ତି। ମୁମ୍ବାଇରୁ ଏକ ଭଡିଓ ବାର୍ତ୍ତା ଯୋଗେ ନବୀନ ରାଜ୍ୟବାସୀଙ୍କୁ ରଥଯାତ୍ରାର ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି। ମୁମ୍ବାଇସ୍ଥିତ କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ନବୀନଙ୍କ ସର୍ଭିକାଲ୍ ଆଥ୍ରାଇଟିସ୍ ଅସ୍ତ୍ରୋପଚାର ହୋଇଛି ଓ ପରବର୍ତ୍ତୀ ଚିକିତ୍ସା ଜାରି ରହିଛି। ଏହି ସ୍ଥିତିରେ ହସ୍ପିଟାଲ ବେଡ୍‌ରୁ ଏକ ବାର୍ତ୍ତା ଜାରି କରି ନବୀନ ରାଜ୍ୟବାସୀଙ୍କୁ ରଥଯାତ୍ରାର ଶୁଭେଚ୍ଛା ଜଣାଇଛନ୍ତି। ଭିଡିଓ ବାର୍ତ୍ତାରେ ନବୀନ କହିଛନ୍ତି, "ଭାଇ ଓ ଭଉଣୀମାନେ ! ଆପଣମାନଙ୍କୁ ମୋ'ର ନମସ୍କାର। ରଥଯାତ୍ରା ପାଇଁ ଆପଣମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଜୟ ଜଗନ୍ନାଥ"।

### ନବୀନଙ୍କ ଶୀଘ୍ର ଆରୋଗ୍ୟ ନିମନ୍ତେ ବହୁ ଜାତୀୟ ନେତାଙ୍କ କାମନା

## ସୁସ୍ଥତା କାମନା କଲେ ପାୱାର, ଷ୍ଟାଲିନ୍

■ **ଭୁବନେଶ୍ୱର,୨୬।୬(ସମିସ):** ମୁମ୍ବାଇରେ ଚିକିତ୍ସାଧୀନ ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଶୀଘ୍ର ଆରୋଗ୍ୟ ନିମନ୍ତେ କାମନା କରିଛନ୍ତି ବହୁ ଜାତୀୟନେତା। କିଛି ନେତା ନବୀନଙ୍କ ସହ ବ୍ୟକ୍ତିଗତ କଥା ହୋଇ ତାଙ୍କର ଦ୍ରୁତ ଆରୋଗ୍ୟ ଓ ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ନିମନ୍ତେ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ନବୀନଙ୍କ ସହ କଥା ହୋଇ ତାଙ୍କର ସୁସ୍ଥ ଜୀବନ କାମନା କରିଛନ୍ତି। ଅନ୍ୟପକ୍ଷରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ୍, ଏନ୍‌ସିପି ମୁଖ୍ୟ ସରଦ ପାୱାର୍, ସାଂସଦ ସୁପ୍ରିୟା ସୁଲେ, ପୂର୍ବତନ ସାଂସଦ ତଥା ବରିଷ୍ଠ ଆଇନଜୀବୀ ଅଭିଷେକ ମନୁସିଂଘଭୀ, ଶିବସେନା ସାଂସଦ ପ୍ରିୟଙ୍କା ଚତୁର୍ବେଦୀ, କଂଗ୍ରେସ ସାଂସଦ ଶଶୀ ଥରୁର୍, ଆର୍‌ଜେଡି ସାଂସଦ ମନୋଜ ଝା, ସିପିଆଇଏମ୍ ସାଂସଦ ▶ପୃଷ୍ଠା-୭

# ଇତିହାସ ରଚିଲେ ଶୁଭାଂଶୁ

## ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ୍‌ରେ ପାଦ ଥାପିଲେ ପ୍ରଥମ ଭାରତୀୟ



■ **ଫ୍ଲୋରିଡ଼ା, ୨୬।୬ (ଏଜେନ୍ସି):** ଭାରତର ମହାକାଶ ଯାତ୍ରାରେ ଭାରତୀୟ ବାୟୁସେନା ପାଇଲଟ୍ ଶୁଭାଂଶୁ ଶୁକ୍ଲା ନୂଆ ଅଧ୍ୟାୟର ଶୁଭାରମ୍ଭ କରିଛନ୍ତି। ପ୍ରଥମ ଭାରତୀୟ ଭାବେ ସେ ଇତିହାସ ସୃଷ୍ଟି କରିଛନ୍ତି। ଦୀର୍ଘ ୨୮ ଘଣ୍ଟାର ଯାତ୍ରା ପରେ ଶୁଭାଂଶୁ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)ରେ ପହଞ୍ଚି ଏହି ଉପଲବ୍ଧି ହାସଲ କରିଛନ୍ତି। ଗୁରୁବାର ସନ୍ଧ୍ୟା ୬ଟା ୧୦ରେ ମହାକାଶ ଷ୍ଟେସନର ହ୍ୟାଚ୍ ଖୋଲିଥିଲା। ଶୁଭାଂଶୁଙ୍କ ସମେତ ୪ ମହାକାଶ ଯାତ୍ରୀ ଆଇଏସଏସ ଭିତରେ ପ୍ରବେଶ କରିଥିଲେ। ନାସା ପକ୍ଷରୁ ଆଇଏସଏସ ସହ ଡ୍ରାଗନ କ୍ରୁ କ୍ୟାପସୁଲ ଯୋଡିହେବାର ଏବଂ ମହାକାଶଯାତ୍ରୀ ଭିତରେ ପ୍ରବେଶ କରୁଥିବାବେଳେ ସିଧାପ୍ରସାରଣ କରାଯାଇଥିଲା। ପୂର୍ବରୁ ମହାକାଶ ଷ୍ଟେସନରେ ଥିବା ୭ ମହାକାଶ ଯାତ୍ରୀ ଶୁଭାଂଶୁଙ୍କ ଟିମ୍‌କୁ ସ୍ୱାଗତ କରିଥିଲେ। ପରେ ଏହି ଚାରି ଜାଣ ମହାକାଶ ଯାତ୍ରୀ ଫଟୋ ଉଠାଇ ଫଏଲ ପ୍ୟାକେଟରେ ଥିବା ତରଳ ପାନୀୟ ପିଇଥିଲେ।

ଏହି ୪ ଜଣ ମହାକାଶ ଯାତ୍ରୀ ଅକ୍ସିଅମ-୪ ଅଭିଯାନରେ ବୁଧବାର ଫ୍ଲୋରିଡା ସ୍ଥିତି କେନେଡି ସ୍ପେସ୍ ସେଣ୍ଟରରୁ ଆଇଏସଏସ ଅଭିମୁଖେ ଉଡ଼ାଣ ଆରମ୍ଭ କରିଥିଲେ। ଆଇଏସଏସ୍‌ରେ ପହଞ୍ଚିବା ପରେ ମହାକାଶଚାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଠାରେ ଶୁଭାଂଶୁ କହିଥିଲେ ଯେ ମହାକାଶରୁ ପୃଥିବୀର ଅଭୂତ ଦୃଶ୍ୟ ଦେଖିବାକୁ ପାଇଥିବା ନିର୍ଦ୍ଦିଷ୍ଟ ଲୋକଙ୍କ ମଧ୍ୟରେ ସାମିଲ ହେବା ସୌଭାଗ୍ୟର ବିଷୟ। ଲୋକଙ୍କ ଭଲ ପାଇବା ଏବଂ ଆଶୀର୍ବାଦ ପାଇଁ ଆଇଏସଏସରେ ପହଞ୍ଚି ପାରିଲି। ଏଠାରେ ଛିଡ଼ା ହେବା ବହୁତ ସହଜ ଦେଖାଯାଉଛି, କିନ୍ତୁ ଏହା ଅତ୍ୟନ୍ତ କଠିନ। ମୋ ମୁଣ୍ଡ ଭାରି ଭାରି ଲାଗୁଛି। ଟିକେ ସମସ୍ୟା ହେଉଛି, କିନ୍ତୁ ଏହା ବହୁତ ସାଧାରଣ କଥା। ଧୀରେ ଧୀରେ ଏହାର ଅଭ୍ୟାସ ହୋଇଯିବ। ଏହା ପୂର୍ବରୁ ଶୁଭାଂଶୁ ମହାକାଶଯାନରୁ ଲାଇଭ ଆଲୋଚନା ସମୟରେ କହିଥିଲେ ଯେ ମହାକାଶରୁ ନମସ୍କାର। ଏଠାରେ ଶିଶୁଙ୍କ ଭଳି ଶିଖୁଛି। ମହାକାଶରେ ଚାଲିବା ଏବଂ କେମିତି ଖାଇବାକୁ ପଡେ ଶିକ୍ଷା କରୁଛି। ସୂଚନାଯୋଗ୍ୟ ଯେ ଯାନ୍ତ୍ରିକ ତ୍ରୁଟି ଏବଂ ଅନ୍ୟ କୌଣସି କାରଣରୁ ପୂର୍ବରୁ ଅକ୍ସିଅମ-୪ ଅଭିଯାନକୁ ୬ ଥର ଘୁଞ୍ଚା ଯାଇଥିଲା।


### ଦେଢ଼ ବର୍ଷ ପରେ ଦଣ୍ଡାଦେଶ


## କାଶ୍ମୀର ଯୁବକକୁ ୫ବର୍ଷ ଜେଲ୍



■ **ଧର୍ମଶାଳା/ବଡ଼ଚଣା, ୨୬।୬ (ସମିସ):** ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ନେଉଳପୁର ମିଲତନଗରରୁ ଗତ ୨୦୨୩ ମସିହା ଡିସେମ୍ବର ୧୨ତାରିଖରେ ଗିରଫ ହୋଇଥିବା କାଶ୍ମୀର ଯୁବକ ସୟଦ୍ ଅହେସାନ ବୁଖାରୀକୁ ଠକେଇ ମାମଲାରେ ଚଣ୍ଡିଖୋଲ ଜେଏମ୍‌ଏଫ୍‌ସି କୋର୍ଟ ଆଜି ୫ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି।

ସୂଚନା ମୁତାବକ, କାଶ୍ମୀର ଯୁବକ ବୁଖାରୀ ନିଜକୁ କାଶ୍ମୀର ମେଡିକାଲର ଜଣେ ପ୍ରତିଷ୍ଠିତ ଡାକ୍ତର ପରିଚୟ ଦେଇ ନେଉଳପୁର ଗ୍ରାମରେ ଜଣେ ଶିକ୍ଷୟିତ୍ରୀଙ୍କୁ ଅନ୍‌ଲାଇନ ସଂପର୍କ ରଖିଥିଲେ। ପରେ ତାଙ୍କ ସହିତ ବିବାହ କରି ନେଉଳପୁର ପଞ୍ଚାୟତର ମିଲତନଗରରେ ଏକ ଭଡ଼ା ଘରେ ପତ୍ନୀ ସହିତ ରହିଆସୁଥିଲା। ତାର ପତ୍ନୀ ସେଠାରେ ଥିବା ଏକ ଘରୋଇ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି। ବୁଖାରୀ ଅଧିକାଂଶ ସମୟ କାଶ୍ମୀରରେ ରହୁଥିବା ବେଳେ ମଝିରେ ମାସେ ଦୁଇମାସ ପାଇଁ ମିଲତନଗରରେ ଥିବା ଭଡା ଘରେ ରହୁଥିବା ତା' ପତ୍ନୀ ଓ ସାତ ବର୍ଷର ଝିଅ ପାଖକୁ ଆସି ରହିଥାଏ। ତେବେ ତାର ହାବଭାବରେ ପାକିସ୍ତାନ ଲିଙ୍କ୍ ଥିବା ସନ୍ଦେହ କରି ଏସଟିଏଫ୍ ଟିମ ତାକୁ ମିଲତନଗରସ୍ଥିତ ଭଡ଼ା ଘରେ ଚଡ଼ଉ କରି ଉଠାଇ ନେଇଥିଲା। ବିଭିନ୍ନ ମାମଲାରେ ତାର ▶ପୃଷ୍ଠା-୭







# ଦୋମୁହାଁ ନୀତିକୁ ଭାରତର ବିରୋଧ

## ଏସ୍‌ସିଓ ମିଳିତ ବିବୃତିରେ ସ୍ୱାକ୍ଷର କରିବାକୁ ମନାକଲେ ରାଜନାଥ




■ ଆତଙ୍କବାଦ ନେଇ ବୈଠକରେ ଦୋମୁହାଁ ନୀତି

■ ବେଲୁଚିସ୍ତାନ ରହିଛି; ପହଲଗାମ ବାଦ୍

ନୂଆଦିଲ୍ଲୀ, ୨୬।୬(ଏଜେନ୍ସି): ଚୀନ୍‌ର କିଙ୍ଗଦାଓ ରାଜ୍ୟରେ ଗୁରୁବାର ସାଂଘାଇ କୋପରେସନ ଅର୍ଗାନାଇଜେସନ (ଏସ୍‌ସିଓ)ରେ ବିଭିନ୍ନ ଦେଶର ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ବୈଠକ ହୋଇଛି। ଏଥିରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ପାକିସ୍ତାନର ଖ୍ୱଜା ଆସିଫ୍ ଯୋଗ ଦେଇଛନ୍ତି। କିନ୍ତୁ ରାଜନାଥ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଭେଟି ନଥିଲେ। ଏସିଓର ମିଳିତ ବିବୃତିରେ ସ୍ୱାକ୍ଷର କରିବାକୁ ରାଜନାଥ ମନା କରିଦେଇଛନ୍ତି। ଏଥିରେ ଜମ୍ମୁ- କଶ୍ମୀର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ସାମିଲ କରାଯାଇ ନଥିଲା। କିନ୍ତୁ ଏଥିରେ ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟରେ ହୋଇଥିବା ଆତଙ୍କବାଦୀ ଘଟଣା ଉଲ୍ଲେଖ ଥିଲା।

ଏ ନେଇ ଭାରତ ଖୋଲାଖୋଲି ଭାବେ ତା'ର ଅସନ୍ତୋଷ ଜାହିର କରିଛି। କିଛି ଦେଶ ଆତଙ୍କବାଦ୍‌କୁ ନିଜର ନୀତି ଭାବେ ଗ୍ରହଣ କରିଛନ୍ତି। ଏହି ଦେଶଗୁଡିକ ଆତଙ୍କବାଦୀକୁ ଶରଣ ଦେଉଛନ୍ତି ଓ ଏହାକୁ ଅସ୍ୱୀକାର ମଧ୍ୟ କରୁଛନ୍ତି। ଏଭଳି ଦୋମୁହାଁ ନୀତିର କୌଣସି ସ୍ଥାନ ନାହିଁ। ଆତଙ୍କବାଦର କେନ୍ଦ୍ରସ୍ଥଳୀ ଏବେ ସୁରକ୍ଷିତ ନୁହଁ ବୋଲି ଏହି ଦେଶଗୁଡିକୁ ହୃଦୟଙ୍ଗମ କରିବାକୁ ହେବ। ଏସ୍‌ସିଓକୁ ଏହିଭଳି ଆଚରଣ ପ୍ରଦର୍ଶନ କରୁଥିବା ଦେଶଗୁଡିକୁ ସମାଲୋଚନା କରିବାରେ କୁଣ୍ଠାବୋଧ କରିବା ଉଚିତ ନୁହେଁ ବୋଲି ରାଜନାଥ କହିଛନ୍ତି। ଏଥିରେ ସବୁଦେଶ ଏକାଠି ହୋଇ ସହମତି ପ୍ରକାଶ କରିପାରିନାହାନ୍ତି ବୋଲି ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ଖାସ୍ ଏଥିପାଇଁ ଏହି ଦସ୍ତାବିଜ୍‌କୁ ଅନ୍ତିମ ରୂପ ଦିଆଯାଇନାହିଁ। ଆତଙ୍କବାଦ ଓ ଏଥି ସହିତ ଜଡିତ ସମସ୍ୟା ଓ ଚିନ୍ତା ନେଇ ମିଳିତ ବିବୃତିରେ ସ୍ଥାନ ଦେବାକୁ ଭାରତ ଚାହୁଁଥିଲା। କିନ୍ତୁ ପାକିସ୍ତାନ ନାମ ନ ନେଇ କେବଳ ଗୋଟିଏ ଦେଶକୁ ଏହା ମଞ୍ଜୁର ନଥିଲା ବୋଲି ସେ କହିଛନ୍ତି। ସବୁ ୧୧ଟି ଦେଶକୁ ଏକାଠି ହୋଇ ଆତଙ୍କବାଦ ବିରୋଧରେ ଲଢ଼ିବାକୁ ଭାରତ ଦାବି କରିଥିଲା। ଏହି ବୈଠକରେ ରାଜନାଥ ୪ଟି ପଏଣ୍ଟକୁ ଗୁରୁତ୍ୱ ଦେଇଥିଲେ। ଉଗ୍ରବାଦ ଓ ଆତଙ୍କବାଦ ଏବେ ସବୁଠାରୁ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି ଓ ଆତଙ୍କାବଦ ବିରୋଧରେ ଶୂନ୍ୟ ସହନଶୀଳତାକୁ ଗୁରୁତ୍ୱ ଦେବାକୁ ସେ କହିଛନ୍ତି। ସେହିପରି ଦେଶଗୁଡିକ ମଧ୍ୟରେ ହେଉଥିବା ସଂଘର୍ଷକୁ କଥାବାର୍ତ୍ତା ମଧ୍ୟରେ ରୋକିବାକୁ ଏବଂ କରୋନା ଭଳି ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ଭାରତ ସମେତ ଚୀନ, ରୁଷ, ଇରାନ, ପାକିସ୍ତାନ, ତାଜିକିସ୍ତାନ, ଉଦବେକିସ୍ତାନ, ବେଲାରୁଷ, କିରଗିସ୍ତାନ ଓ କାଜକସ୍ତାନର ପ୍ରତିନିଧି ଯୋଗଦେଇଥିଲେ।

## ଉତ୍ସବ ପାଳନ ବେଳେ ଗୁଳିବର୍ଷା; ୧୨ ମୃତ



ମେକ୍ସିକୋ ସ୍ତବ୍ଧ

ମେକ୍ସିକୋ ସିଟି, ୨୬।୬(ଏଜେନ୍ସି): ମେକ୍ସିକୋର ଗୁଆନାନୁଆଟୋ ରାଜ୍ୟର ଇରାପୁଆଟୋ ସହରରେ ମଙ୍ଗଳବାର ରାତିରେ ଏକ ଉତ୍ସବ ପାଳନ ହେଉଥିବା ବେଳେ ଗୁଳିକାଣ୍ଡ ଘଟିଛି। ଏଥିରେ ୧୨ ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୨୦ଜଣ ଆହତ ହୋଇଛନ୍ତି। ସେଣ୍ଟ ଜନ୍ ଦି ବାପ୍ଟିଷ୍ଟ ଉତ୍ସବ ପାଳନ କରିବା ଅବସରରେ ଲୋକେ ରାସ୍ତା ଉପରେ ନାଚିବା ଓ ଗାଇବା ସହ ଉତ୍ସବ ମନାଉଥିବା ବେଳେ ଏହି ଘଟଣା ଘଟିଥିଲା। ସ୍ଥାନୀୟ ପ୍ରଶାସନ ବୁଧବାର ଏହି ଘଟଣା ନେଇ ସୂଚନା ଦେଇଥିଲା। ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରୁ ୧୧ ଜଣଙ୍କ ପରିଚୟ ମିଳିଛି। ଏଥିରେ ୮ ଜଣ ପୁରୁଷ ୨ ଜଣ ମହିଳା ଓ ଜଣେ ୧୭ ବର୍ଷୀୟା ନାବାଳିକା ସାମିଲ ଅଛନ୍ତି। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଛି।

ଏହ ଘଟଣାରେ ମେକ୍ସିକୋ ରାଷ୍ଟ୍ରପତି କ୍ଲାଉଡିଆ ଶେଇନବାଉମ୍ ଦୁଃଖ ପ୍ରକାଶ କରିଛନ୍ତି ଓ ଘଟଣା ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗୁଆନଜୁଆଟୋ ରାଜଧାନୀ ମେକ୍ସିକୋ ସିଟିର ଉତ୍ତରପଶ୍ଚିମରେ ଅବସ୍ଥିତ। ଏହି ସହରରେ ଅପରାଧୀମାନଙ୍କ ପ୍ରଭାବ ରହିଛି। ସହର ଉପରେ ପତିଆରା ଜାହିର କରିବାକୁ ଅପରାଧୀମାନଙ୍କର କେତୋଟି ସଂଗଠନ ମଧ୍ୟରେ ବିବାଦ ତଥା ହିଂସା ଏଠାରେ ଦେଖିବାକୁ ମିଳିଥାଏ। ଏହି କାଣ୍ଡ ଘଟାଇଥିବା ଅପରାଧୀଙ୍କୁ ଧରିବା ପାଇଁ ଅଭିଯାନ ଜୋରଦାର ହୋଇଛି। ଏହା ମେକ୍ସିକୋର ସବୁଠାରୁ ହିଂସାଗ୍ରସ୍ତ ରାଜ୍ୟ ଭାବେ କୁଖ୍ୟାତି ହାସଲ କରିଛି। ଚଳିତ ବର୍ଷ ପ୍ରଥମ ୫ ମାସରେ ଏଠାରେ ୧, ୪୩୫ ଲୋକ ହତ୍ୟାର ଶିକାର ହୋଇଛନ୍ତି।

## ଯୁଦ୍ଧ ଜିତିଛୁ; ଆମେରିକା ମୁହଁକୁ ଶକ୍ତ ଚାପୁଡ଼ା ମାରିଛୁ: ଖାମନେଇ



■ ଇରାନ ସାହସର ସହ ଲଢ଼ିଥିଲା: ଟ୍ରମ୍ପ

■ ତେଲ ବିକ୍ରି କରିବାକୁ ଅଟକାଇବୁନି

ତେହରାନ, ୨୬।୬ (ଏଜେନ୍ସି): ଅସ୍ତ୍ରବିରତି ପରେ ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲି ଖାମନେଇ ଗୁରୁବାର ବାହାରକୁ ବାହାରିଛନ୍ତି। ଇସ୍ରାଏଲ ଏବଂ ଆମେରିକା ସହ ସଂଘର୍ଷ ପରେ ସେ ପ୍ରଥମ ଥର ପାଇଁ ଦେଶବାସୀଙ୍କୁ ବାର୍ତ୍ତା ଦେଇଛନ୍ତି। ଇସ୍ରାଏଲ ସହ ଯୁଦ୍ଧରେ ଇରାନ ବିଜୟୀ ହୋଇଛି ବୋଲି ଖାମନେଇ ଦାବି କରିଛନ୍ତି। ଏହି ଯୁଦ୍ଧରେ ପ୍ରତ୍ୟକ୍ଷ ଭାବେ ସାମିଲ ହେବାକୁ ନେଇ ସେ ଆମେରିକାକୁ ସମାଲୋଚନା କରିଛନ୍ତି। ଆମେରିକା ମୁହଁକୁ ଇରାନ ଶକ୍ତ ଚାପୁଡ଼ା ମାରିଛି ବୋଲି ଖାମନେଇ କହିଛନ୍ତି। ଟିଭିରେ ପ୍ରସାରିତ ବାର୍ତ୍ତାରେ ଖାମନେଇ ଏହି ମନ୍ତବ୍ୟ ଦେଇଛନ୍ତି।

ଖାମନେଇ କହିଛନ୍ତି ଯେ ମିଛୁଆ ଇସ୍ରାଏଲ ବିରୋଧରେ ଯୁଦ୍ଧ ଜିତିବାକୁ ନେଇ ଦେଶବାସୀଙ୍କୁ ଶୁଭେଚ୍ଛା। ଆକ୍ରମଣ କରି ଇସ୍ରାଏଲକୁ ଇରାନ ଧରାଶାୟୀ କରିଦେଲା, ଦଳି ଦେଲା। ଆମେରିକା ଏହି ଯୁଦ୍ଧକୁ ଡେଇଁ ଥିଲା। କାରଣ ଯୁଦ୍ଧରେ ଦଖଲ ନ ଦେଲେ ଇସ୍ରାଏଲ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯିବ ବୋଲି ଆମେରିକା ଭାବିଥିଲା। କିନ୍ତୁ ୱାଶିଂଟନ କିଛି ହାସଲ କରିପାରିଲା ନାହିଁ। ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ପ୍ରମୁଖ ଠିକଣାରେ ଇରାନ ପହଞ୍ଚି ଯାଇଥିଲା। ଆଉ ଯଦି ଆକ୍ରମଣ ହୁଏ ତେବେ ଶତ୍ରୁକୁ ବହୁମୂଲ୍ୟ ଦେବାକୁ ପଡ଼ିବ।

ଇରାନର ଏହି ସର୍ବୋଚ୍ଚ ନେତା ତିନି ପରମାଣୁ କେନ୍ଦ୍ରରେ ଆମେରିକା ଆକ୍ରମଣ ଉପରେ ମଧ୍ୟ ମନ୍ତବ୍ୟ ଦେଇଛନ୍ତି। ଖାମନେଇ କହିଛନ୍ତି ଯେ ଏୟାର ଷ୍ଟ୍ରାଇକରେ ପରମାଣୁ କେନ୍ଦ୍ରରେ ସେତେ କ୍ଷତି ହୋଇନାହିଁ। ଆମେରିକା ବିଶେଷ କିଛି ହାସଲ କରିପାରି ନାହିଁ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଖାଲି ଦେଖେଇ ହେଉଛନ୍ତି। ଖାମନେଇଙ୍କ ଏହି ମନ୍ତବ୍ୟକୁ ନେଇ ଟ୍ରମ୍ପ କରିଥିବା ଦାବି ଉପରେ ପ୍ରଶ୍ନ ଉଠୁଛି। ପେଣ୍ଟାଗାନ ରିପୋର୍ଟରେ ପରମାଣୁ କେନ୍ଦ୍ରର ବିଶେଷ କ୍ଷତି ହୋଇ ନ ଥିବା କୁହାଯାଇଥିଲା। କିନ୍ତୁ ଟ୍ରମ୍ପ ରିପୋର୍ଟକୁ ମିଥ୍ୟା କହି ଖଣ୍ଡନ କରିଦେଇଥିଲେ। ଅଶେଷ କ୍ଷତି ହୋଇଥିବା କହିଥିଲେ। ଅନ୍ୟପଟେ ନେଦରଲାଣ୍ଡର ହେଗ୍‌ରେ ଅନୁଷ୍ଠିତ ନାଟୋ ସମ୍ମିଳନୀରେ ସାମିଲ ହୋଇ ଟ୍ରମ୍ପ ଇରାନକୁ ପ୍ରଶଂସା କରିଛନ୍ତି। ତେହରାନ ସାହସର ସହ ଯୁଦ୍ଧ ଲଢ଼ିଥିଲା ବୋଲି କହିଛନ୍ତି। ଯୁଦ୍ଧର କ୍ଷୟକ୍ଷତିରୁ ବାହାରିବା ପାଇଁ ଇରାନକୁ ତେଲ ବିକିବାର ଆବଶ୍ୟକତା ରହିଛି। ଯଦି ଚୀନ୍ ଇରାନଠାରୁ ତୈଳ କିଣେ ତେବେ ଆମେରିକାର କୌଣସି ସମସ୍ୟା ନାହିଁ। ତୈଳ ବିକ୍ରିକୁ ନେଇ ଇରାନ ଉପରେ କୌଣସି କଟକଣା ଲଗାଇବୁ ନାହିଁ। ତେବେ ସମ୍ମିଳନୀରେ ସାମିଲ ହେବା ପୂର୍ବରୁ ଟ୍ରମ୍ପ କହିଥିଲେ ଯେ ଚୀନ୍ ଆମେରିକାଠାରୁ ମଧ୍ୟ ତେଲ କିଣିବ।

## ହିମାଚଳରେ ବାଦଲଫଟା ବର୍ଷା; ଅହମଦାବାଦ ରାଜପଥ ଜାମ୍

■ ୫ ମୃତ, ୭ରୁ ଅଧିକ ନିଖୋଜ

■ ଫସିଛନ୍ତି ୨ ହଜାର ପର୍ଯ୍ୟଟକ

ନୂଆଦିଲ୍ଲୀ, ୨୬।୬ (ଏଜେନ୍ସି): ଦେଶର ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ହେଉଛି। ଏଥିଯୋଗୁଁ ମଧ୍ୟପ୍ରଦେଶ, ରାଜସ୍ଥାନ, ଗୁଜରାଟ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଆଦିରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏହି ବନ୍ୟାରେ ହିମାଚଳ ପ୍ରଦେଶ ଏବଂ ଗୁଜରାଟ ସର୍ବାଧିକ ପ୍ରଭାବିତ ହୋଇଛି। ଅହମଦାବାଦରେ ଜଣେ ବାଇକ ଚାଳକ ପ୍ରଖର ସ୍ରୋତରେ ଭାସି ଯାଇ ଡ୍ରେନ୍‌ରେ ଫସି ଯାଇଥିଲେ। ୯ ଘଣ୍ଟା ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସୁରଟ ଗୀତାନଗର ଅଞ୍ଚଳରେ ୩ରୁ ୪ ଫୁଟ ପାଣି ଜମି ରହିଛି। ଏଠାରୁ ଜଣେ ଗର୍ଭବତୀଙ୍କୁ ଉଦ୍ଧାର କରାଯାଇଛି। ଭଦୋଦରାରେ ପ୍ରବଳ ବର୍ଷା ଯୋଗୁଁ ଅହମଦାବାଦ-ମୁମ୍ବାଇ ହାଇୱେରେ ବଡ଼ ବଡ଼ ଖାତ ହୋଇଯାଇଛି। ଏଥିପାଇଁ ୧୫ କିମି ପର୍ଯ୍ୟନ୍ତ ଜାମ୍ ଲାଗିଛି।

ସେହିପରି ହିମାଚଳରେ ଗତ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ କ୍ଷୟକ୍ଷତି ହୋଇଛି। ବୁଧବାର କୁଲ୍ଲୁ ଜିଲ୍ଲାର ଜୀଭା ନାଳ, ସିଲାଗଡ଼ ଘାଟୀ, ସ୍ନୋ ଗ୍ୟାଲେରି, ହୋରନଗଡ଼, କାଙ୍ଗଡ଼ା ଏବଂ ଧର୍ମଶାଳାର ଖନିୟାରାରେ ବାଦଲଫଟା ବର୍ଷା ହୋଇଛି। ଏଥିରେ ୫ ଜଣ ପ୍ରାଣ ହରାଇଥିବାବେଳେ ୭ରୁ ଅଧିକ ନିଖୋଜ ଅଛନ୍ତି। ୧୫ରୁ ୨୦ ଲୋକ ଭାସିଯାଇଥିବାବେଳେ ସେମାନଙ୍କ ଖୋଜ ଖବର ମିଳିପାରି ନାହିଁ। ବିଭିନ୍ନ ପର୍ଯ୍ୟଟନସ୍ଥଳରେ ଫସିଛନ୍ତି ୨ ହଜାର ପର୍ଯ୍ୟଟକ। ଏହା ବ୍ୟତୀତ ମଧ୍ୟପ୍ରଦେଶର ଜବଲପୁର-ବିଦିଶାରେ ଘରେ ଘରେ ପାଣି ପଶି ଯାଇଛି। ରାଜସ୍ଥାନରେ ଅଲୱରରେ ବନ୍ଧରେ ଛିଡ଼ା ହୋଇ ସେଲ୍‌ଫି ନେଉଥିବା ଜଣେ ଯୁବକର ପାଣି ବୁଡି ମୃତ୍ୟୁ ହୋଇଛି।

## ସଂସଦ ନୁହେଁ; ସମ୍ବିଧାନ ସର୍ବୋପରି: ସିଜେଆଇ



ନୂଆଦିଲ୍ଲୀ, ୨୬।୬(ଏଜେନ୍ସି): ସଂସଦ ଓ ସମ୍ବିଧାନ ମଧ୍ୟରେ କେଉଁଟି ଉପରେ ବା ଅଧିକ ପ୍ରଭାବୀ ସେ ନେଇ ବିତର୍କ ଚାଲଥିବା ବେଳେ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି (ସିଜେଆଇ) ବିଆର ଗଭାଇ ଏ ନେଇ ବଡ଼ ମନ୍ତବ୍ୟ ଦେଇଛନ୍ତି। ସଂସଦଠାରୁ ସମ୍ବିଧାନ ଯଥେଷ୍ଟ ଉପରେ ବୋଲି ସେ କହିଛନ୍ତି। ନିଜ ଘରୋଇ ସହର ଅମରାବତୀରେ ବୁଧବାର ବାର ଆସୋସିଏସନର ଏକ ଅଭ୍ୟର୍ଥନା ଉତ୍ସବରେ ଯୋଗ ଦେଇ ସମ୍ବିଧାନ ସର୍ବୋପରି ବୋଲି ସେ କହିଛନ୍ତି। ଆମ ଲୋକତନ୍ତ୍ରର ୩ଟି ଅଙ୍ଗ ବା ସ୍ତମ୍ଭ ନ୍ୟାୟପାଳିକା, କାର୍ଯ୍ୟପାଳିକା ଓ ବ୍ୟବସ୍ଥାପିକା ସମ୍ବିଧାନ ଅଧିନରେ ହିଁ କାର୍ଯ୍ୟ କରିଥାଏ। କିଛି ଲୋକ ସଂସଦ ସବୁଠାରୁ ଉଚ୍ଚରେ ବୋଲି କହୁଛନ୍ତି। କିନ୍ତୁ ମୋ ମତରେ ସମ୍ବିଧାନ ହିଁ ସର୍ବୋପରି । ସୁପ୍ରିମକୋର୍ଟର ୫୨ତମ ମୁଖ୍ୟ ବିଚାରପତି ଭାବେ ଶପଥ ନେବା ପରେ ଗଭାଇ ଏହି ସମାରୋହରେ ଯୋଗ ଦେଇଥିଲେ। ସଂସଦ ପାଖରେ ସମ୍ବିଧାନକୁ ସଂଶୋଧନ କରିବାର କ୍ଷମତା ରହିଛି। କିନ୍ତୁ ସଂସଦ ସମ୍ବିଧାନର ମୂଳ ଢ଼ାଞ୍ଚାକୁ ବଦଳାଇ ପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଦେଶରେ ନାଗରିକଙ୍କ ଅଧିକାର ଓ ସାମ୍ବିଧାନିକ ମୂଲ୍ୟବୋଧ ଓ ସିଦ୍ଧାନ୍ତର ରକ୍ଷା କରିବା ହେଉଛି ଜଣେ ବିଚାରପତିଙ୍କ ପ୍ରଥମ କର୍ତ୍ତବ୍ୟ। ଏହି ସବୁ କଥାକୁ ଜଣେ ବିଚାରପତି ମନେ ରଖିବା ଉଚିତ। ଲୋକ କ'ଣ କହିବେ ସେ ନେଇ ଆମେ ନିଷ୍ପତ୍ତି ନେବୁ ନାହିଁ। ନିଷ୍ପତ୍ତି ନେବା ବେଳେ ଜଣେ ବିଚାରପତି ତୃଣମୂଳସ୍ତରରେ ଥିବା ତଥ୍ୟ ଓ ସତ୍ୟକୁ ଅଣଦେଖା କରିପାରିବେ ନାହିଁ ବୋଲି ସେ କହିଛନ୍ତି।

## ୫୨ ବର୍ଷ ପରେ ପେଟରୁ ବାହାରିଲା ଟୁଥ୍‌ବ୍ରଶ୍

ବେଜିଂ, ୨୬।୬ (ଏଜେନ୍ସି): ଚୀନ୍‌ରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ୬୪ ବର୍ଷୀୟ ୟାଙ୍ଗଙ୍କ ପେଟରୁ ଡାକ୍ତର ଏକ ଟୁଥ୍‌ବ୍ରଶ୍ ବାହାର କରିଛନ୍ତି। ଏହା ୫୨ ବର୍ଷ ହେଲା ତାଙ୍କ ପେଟରେ ଫସି ରହିଥିଲା। ପେଟ ଦରଜ ହେବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଯାଞ୍ଚ କରିବା ପରେ କ୍ଷୁଦ୍ରାନ୍ତରେ ୧୭ ସେମି ଲମ୍ବର ଏକ ଟୁଥ୍‌ବ୍ରଶ୍ ଥିବା ଜଣା ପଡ଼ିଥିଲା। ଏହାକୁ ବାହାର କରିବା ପାଇଁ ଏଣ୍ଡୋସ୍କୋପିକ ସର୍ଜରୀ କରିବାକୁ ପଡ଼ିଥିଲା। ୮୦ ମିନିଟର ଅସ୍ତ୍ରୋପଚାର ପରେ ଏହାକୁ ବାହାର କରାଯାଇଥିଲା। ୟାଙ୍ଗ କହିଛନ୍ତି ଯେ ୧୨ ବର୍ଷ ବୟସରେ ସେ ଏହି ବ୍ରଶ୍ ଗିଳି ଦେଇଥିଲେ। ମାତାପିତାଙ୍କ ଡରରେ ସେ କାହାକୁ ଏହା କହି ନ ଥିଲେ। ଏହା ଆପେ ଆପେ ବାହାରିଯିବ ବୋଲି ସେ ଭାବିଥିଲେ। ଏହା ଭାବି ସେ ଜୀବନ ଅତିବାହିତ କରୁଥିଲେ।

## ଏବେ ଉଡ଼ିବ ଇଲେକ୍‌ଟ୍ରିକ୍ ବିମାନ

ୱାଶିଂଟନ, ୨୬।୬ (ଏଜେନ୍ସି): ଇଲେକ୍‌ଟ୍ରିକ ଗାଡ଼ି ପରେ ଏବେ ଇଲେକ୍‌ଟ୍ରିକ ବିମାନ ସେବା ଆରମ୍ଭ ହେବାକୁ ଯାଉଛି। ପ୍ରଥମ ଥର ପାଇଁ ଏକ ବିଦ୍ୟୁତ ଚାଳିତ ବିମାନ ଆମେରିକାର ଇଷ୍ଟ ହାମ୍ପଟନରୁ ନ୍ୟୁୟର୍କ ପର୍ଯ୍ୟନ୍ତ ଉଡ଼ାଣ ଭରିଛି। ବିଟା ଟେକ୍ନୋଲୋଜି କମ୍ପାନୀର ଏହି ବିମାନ ସିଏକ୍ସ୩୦୦ ୪ ଯାତ୍ରୀଙ୍କୁ ନେଇ ୧୩୦ କିମି ଯାତ୍ରା କରିଛି। ଏଥିପାଇଁ ମାତ୍ର ୭୦୦ ଟଙ୍କା ଖର୍ଚ୍ଚ ହୋଇଥିଲା। ହେଲିକପ୍ଟରରେ ଏତିକି ବାଟ ଯିବା ପାଇଁ ୧୩ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଚଳିତ ବର୍ଷ ଶେଷ ସୁଦ୍ଧା ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫଏଏ) ଏହି ବିମାନକୁ ପ୍ରମାଣପତ୍ର ଦେବ ବୋଲି ଆଶା। କମ୍ପାନୀର ପ୍ରତିଷ୍ଠାତା କାଇଲ କ୍ଲାର୍କ କହିଛନ୍ତି ଯେ ଏହି ବିମାନକୁ ଚାର୍ଜ କରି ୧୩୦ କିମି ଉଡ଼ାଣ କରିବା ପାଇଁ ମାତ୍ର ୮ ଡଲାର ଖର୍ଚ୍ଚ (ପ୍ରାୟ ୭୦୦ ଟଙ୍କା) ହେଉଛି। ପାଇଲଟ ଏବଂ ବିମାନ ଖର୍ଚ୍ଚ ଯିବା ସତ୍ତ୍ୱେ ଏହା ସବୁଠୁ ଶସ୍ତା।

## ରେଳ ଧାରଣାରେ କାର୍ ଚଳାଇଲେ ମହିଳା: ଟ୍ରେନ ଚଳାଚଳ ଅଟକିଲା



ହାଇଦରାବାଦ୍, ୨୬।୬(ଏଜେନ୍ସି): ତେଲଙ୍ଗାନାରେ ଜଣେ ମହିଳା ଅଜବ କାଣ୍ଡ ଘଟାଛନ୍ତି। ରଙ୍ଗା ରେଡ୍ଡୀ ଜିଲ୍ଲାରେ ଜଣେ ୩୪ ବର୍ଷୀୟ ମହିଳା ରେଳ ଧାରଣ ଉପରେ ହିଁ ନିଜ କାର୍ ଚଳାଇଥିଲେ। ଏହା ଦେଖି ସେଠାରେ ଉପସ୍ଥିତ ରେଳ କର୍ମଚାରୀଙ୍କ ମଧ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ଏହି କାରଣରୁ ୧୦ରୁ ୧୫ଟି ଟ୍ରେନ୍‌କୁ ରୋକାଯାଇଛି କିମ୍ବା ସେଗୁଡିକର ଗତିପଥ ବଦଳାଇବାକୁ ନିଷ୍ପତ୍ତି ନିଆଯାଇଛି। ଶଙ୍କରପଲ୍ଲୀ ନିକଟରେ ଘଟିଥିବା ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଛି। ୧୩ ସେକେଣ୍ଡର ଏହି ଭିଡିଓରେ ମହିଳା ଜଣକ ନିଜ କିଆ ସୋନେଟ କାରକୁ ରେଲୱେ ଟ୍ରାକ୍ ଉପରେ ଚଳାଉଥିବା ଦେଖାଯାଉଥିଲା। ଭାଇରାଲ ହୋଇଥିବା ଆଉ ଏକ ଭିଡିଓରେ ସ୍ଥାନୀୟ ଲୋକ, ରେଳ କର୍ମଚାରୀ ଓ ପୁଲିସ ମିଶି କରି ମହିଳାଙ୍କୁ କାରରୁ ବାହାର କରିବାକୁ ପ୍ରୟାସ କରୁଥିବାର ଦେଖାଯାଇଛି। ମହିଳାଙ୍କୁ କାରରୁ ବାହାର କରି ସେଠାରେ ଉପସ୍ଥିତ ଭିଡ୍ ତାଙ୍କ ହାତ ବାନ୍ଧି ଦେଇଥିଲେ। ଏହି ଘଟଣାକୁ ନେଇ ତଦନ୍ତ ଜାରି ରହିଛି। ମହିଳାଙ୍କ ମାନସିକ ସ୍ଥିତି ନେଇ ପ୍ରଶ୍ନ ଉଠିଛି। ବହୁ ରେଳ କର୍ମଚାରୀ ଓ ପୁଲିସ୍ ଏହି କାର ପଛରେ ଦୌଡିଥିଲେ ଓ ବଡ଼ କଷ୍ଟରେ କାରକୁ ରୋକିବାରେ ସମର୍ଥ ହୋଇଥିଲେ। ପାଖାପାଖି ୨୦ ଜଣ ଲୋକ ମିଶି ମହିଳାଙ୍କୁ କାରରୁ ବାହାର କରିବାରେ ସମର୍ଥ ହୋଇଥିଲେ। ଏହି ପ୍ରକ୍ରିୟାରେ ମହିଳା ଜଣକ ଆଦୌ ସହଯୋଗ କରୁ ନଥିଲେ। ସମ୍ପୃକ୍ତ ମହିଳା ଜଣକ ଏକ ମଲ୍ଟି ନ୍ୟାସନାଲ କମ୍ପାନୀରେ କାର୍ଯ୍ୟ କରୁଛନ୍ତି ବୋଲି ରେଲୱେ ପୁଲିସ ତରଫରୁ କୁହାଯାଇଛି। ସେ ଉତ୍ତରପ୍ରଦେଶରେ ରୁହନ୍ତି। ସେ ବେଶ୍ ଆକ୍ରମଣାତ୍ମକ ବ୍ୟବହାର କରୁଥିଲେ। କାରରୁ ମହିଳାଙ୍କ ଡ୍ରାଇଭିଂ ଲାଇସେନ୍ସ ଓ ପାନ କାର୍ଡ ଜବତ କରାଯାଇଛି। ମହିଳା ଜଣକ ଆତ୍ମହତ୍ୟା କରିବାକୁ ଚେଷ୍ଟା କରୁଥିଲେ କି ନା ସେ ନେଇ ତଦନ୍ତ ଚାଲିଛି ବୋଲି ପୁଲିସ କହିଛି। ଏହି ଘଟଣାରେ ବେଙ୍ଗାଲୁରୁ-ହାଇଦରାବାଦ ଟ୍ରେନ୍ ସମେତ ୧୦ରୁ ୧୫ଟି ପାସେଞ୍ଜର ଟ୍ରେନ୍‌ର ଗତିପଥ ପରିବର୍ତ୍ତନ କରାଯାଇଥିଲା।

---

ଅହମଦାବାଦ ବିମାନ ଦୁର୍ଘଟଣା

## ମିଳିଲା ବ୍ଲାକବକ୍ସ ତଥ୍ୟ

ଅହମଦାବାଦ୍, ୨୬।୬(ଏଜେନ୍ସି): ଅହମଦାବାଦ୍‌ରେ ଜୁନ୍ ୧୨ରେ ହୋଇଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ବ୍ଲାକ ବକ୍ସର ଡାଟା ମିଳିଛି ତଥା ରିକଭର ହୋଇଛି। ଏହି ଡାଟା ତଥା ତଥ୍ୟକୁ ଡାଉନଲୋଡ କରାଯାଇଛି ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ମେମୋରି ମଡ୍ୟୁଲର ଆକ୍ସେସ ବି ମିଳିଯାଇଛି। ଏବେ ଯାଞ୍ଚ୍ ଏଜେନ୍ସି ମିଳିଥିବା ଡାଟାର ବିଶ୍ଳେଷଣ କରିବେ। ଏଥିରେ ଦୁର୍ଘଟଣା କାରଣ ନେଇ ସୂଚନା ମିଳିପାରିବ ବୋଲି କୁହାଯାଇଛି। ପୂର୍ବରୁ ୨୪ ତାରିଖରେ ଯାଞ୍ଚ୍ ପାଇଁ ବ୍ଲାକ୍ ବକ୍ସକୁ ବିଦେଶ ପଠାଯିବ ନାହିଁ ବୋଲି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାୟୁଡୁ କହିଥିଲେ। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ବ୍ଲାକ୍ ବକ୍ସର ଯାଞ୍ଚ୍ କରୁଛି। ବିମାନର ଦୁଇଟି ବ୍ଲାକ ବକ୍ସ ଯଥା ସିଭିଆର ଓ ଡିଏଫ୍‌ଡିଆରର ସେଟ୍ ମିଳିଛି। ଦୁର୍ଘଟଣା ସମୟରେ ପାଇଲଟ୍‌ଙ୍କ ମଧ୍ୟ ହୋଇଥିବା କଥାବାର୍ତ୍ତାର ଓ ବିମାନର ବୈଷୟିକ ତଥ୍ୟ ନେଇ ସୂଚନା ଏଥିରୁ ମିଳିପାରିବ।

ଅଳକାନନ୍ଦାରେ ଖସି ପଡ଼ିଲା ଟ୍ରାଭେଲର୍

## ୩ ଜଣଙ୍କ ମୃତ୍ୟୁ, ୫ ନିଖୋଜ

ଉଦୟପୁର, ୨୬।୬(ଏଜେନ୍ସି): ଉତ୍ତରାଖଣ୍ଡର ଅଳକାନନ୍ଦା ନଦୀରେ ଏକ ଛୋଟ ବସ୍ (ଟ୍ରାଭେଲର) ଖସିପଡ଼ିଛି। ଫଳରେ ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ନିଖୋଜ ଅଛନ୍ତି। ୧୦ଜଣ ଯାତ୍ରୀଙ୍କୁ ଉଦ୍ଧାର କରାଯାଇଛି। ଉଦୟପୁର ଓ ଗୋଗୁନ୍ଦାରୁ ୪ ଧାମକୁ ଯାତ୍ରା କରୁଥିବା ଏକ ପରିବାରର ୨୦ ଜଣ ସଦସ୍ୟଙ୍କୁ ନେଇ ଯାଉଥିବା ଏହି ଟ୍ରାଭେଲରକୁ ରୁଦ୍ରପ୍ରୟାଗ ଓ ଗୌଚ୍ଛର ମଧ୍ୟରେ ପଛପଟୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ନିୟନ୍ତ୍ରଣ ହରାଇ ବସ ନଦୀକୁ ଖସି ପଡ଼ିଥିଲା।

## ନ୍ୟୁୟର୍କ ମେୟର ପ୍ରାର୍ଥୀ ମୀରା ନାଏରଙ୍କ ପୁଅଙ୍କୁ ନେଇ ଚର୍ଚ୍ଚା

ନ୍ୟୁୟର୍କ, ୨୬।୬(ଏଜେନ୍ସି): ପ୍ରସିଦ୍ଧ ଭାରତୀୟ ସିନେମା ନିର୍ଦ୍ଦେଶିକା ମୀରା ନାଏରଙ୍କ ପୁଅ ୩୩ ବର୍ଷୀୟ ଜୋହରାନ ମାମଦାନୀ ଆମେରିକାର ନ୍ୟୁୟର୍କ ମେୟର ପଦ ପାଇଁ ଲଢିବା ଏକପ୍ରକାର ନିଶ୍ଚିତ ହୋଇଛି। ମାମଦାନୀ ମଙ୍ଗଳବାର ରାତିରେ ନ୍ୟୁୟର୍କ ଟାଉନ୍ ପାଇଁ ଡେମୋକ୍ରାଟିକ୍ ଦଳର ପ୍ରାଥମିକ ନିର୍ବାଚନରେ ପୂର୍ବ ଗଭର୍ନର ଆଣ୍ଡ୍ର୍ୟୁ କୁଓମୋଙ୍କୁ ପରାସ୍ତ କରି ଆଗରେ ରହିଛନ୍ତି। ଜୋହରାନ ଏପେ ଡେମୋକ୍ରାଟିକ୍ ପାର୍ଟି ତରଫରୁ ପ୍ରାର୍ଥୀ ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। କେବଳ ସେତିକି ନୁହଁ ସେ ମେୟର ପଦ ପାଇଁ ଆୟୋଜନ ହେବାକୁ ଥିବା ସାଧରଣ ନିର୍ବାଚନରେ ବିଜୟୀ ହେବା ମଧ୍ୟ ନିଶ୍ଚିତ । ସେ ଜଣେ ଭାରତୀୟ ବଂଶୋଦ୍ଭବ ହୋଇଥିବାରୁ ତାଙ୍କୁ ନେଇ ସବୁଠି ଚର୍ଚ୍ଚା ଚାଲିଛି।

## ଏନ୍‌କାଉଣ୍ଟରରେ ଆତଙ୍କବାଦୀ ନିହତ

ଉଧମପୁର, ୨୬।୬(ଏଜେନ୍ସି): ଜମ୍ମୁ-କଶ୍ମୀରର ଉଧମପୁରର ବସନ୍ତଗଡ଼ ଇଲାକାରେ ଗୁରୁବାର ସକାଳେ ହୋଇଥିବା ଏନ୍‌କାଉଣ୍ଟରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ଏହି ଅଞ୍ଚଳରେ ଆଉ ୩ ଜଣ ଆତଙ୍କବାଦୀ ଛପି ରହିଥିବା ଆଶଙ୍କା କରାଯାଉଛି। ସେନାବାହିନୀ ଓ ପୁଲିସର ସର୍ଚ୍ଚ ଅପରେସନ ଚାଲୁ ରହିଛି। ଗତବର୍ଷରୁ ଏହି ଅଞ୍ଚଳରେ ୪ ଆତଙ୍କବାଦୀ ଲୁଚି ରହିଥିବାର ସୂଚନା ମିଳିଥିଲା ବୋଲି ଜମ୍ମୁ ଜୋନ ଆଇଜିପି ଭିମ ସେନ୍ କହିଛନ୍ତି। ଗୁରୁବାର ସକାଳ ୮ଟାରେ ଏ ନେଇ ଠୋସ ସୂଚନା ମିଳିବା ପରେ ସର୍ଚ୍ଚ ଅପରେସନ ଚାଲୁ ରହିଛି। ଏତିକି ବେଳେ ଆତଙ୍କବାଦୀମାନେ ସୁରକ୍ଷାବଳର ଜବାନଙ୍କ ଉପରେ ଗୁଳି ଚଲାଇବା ପରେ ଜବାବି କାର୍ଯ୍ୟାନୁଷ୍ଠାନ ପରେ ଜଣେ ଆତଙ୍କବାଦୀ ଟଳି ପଡ଼ିଥିଲେ।

## ଇହୁଦୀକୁ ପରିବର୍ତ୍ତିତ ହେବା ଚର୍ଚ୍ଚାକୁ ଆର୍ମେନିଆ ପ୍ରଧାନମନ୍ତ୍ରୀଙ୍କ ଖଣ୍ଡନ

ୟେରେଭାନ, ୨୬।୬(ଏଜେନ୍ସି): ଆର୍ମେନିଆ ପ୍ରଧାନମନ୍ତ୍ରୀ ନିକୋଲ ପାଶିନୟାନଙ୍କ ବିରୋଧରେ ଏକ ନୂଆ ଅଭିଯୋଗ ଆଣିଛନ୍ତି ଦେଶର ସବୁଠାରୁ ବଡ଼ ଚର୍ଚ୍ଚର ପାଦ୍ରୀ ଫାଦର ଜୋରହ ଅଶୁରୟାନ। ଖତନା କରି ନିକୋଲ ଇହୁଦି ଧର୍ମ ଆପଣାଇଛନ୍ତି ବୋଲି ଫାଦର ସୋସିଆଲ ମିଡିଆରେ ପୋଷ୍ଟ କରି ଅଭିଯୋଗ ଆଣିଛନ୍ତି। ସେ ଖ୍ରୀଷ୍ଟିଆନ ନୁହନ୍ତି ବୋଲି କୁହାଯାଇଛି। କିନ୍ତୁ ଏହି ଅଭିଯୋଗକୁ ନିକୋଲ ଖଣ୍ଡନ କରିଛନ୍ତି। ଖତନା କରିନାହିଁ ଓ ଏ ନେଇ ପ୍ରମାଣ ଦେବାକୁ ରାଜି। ଯଦି ଚର୍ଚ୍ଚ ମୋ ଉପରେ ସନ୍ଦେହ କରୁଛି, ତେବେ ଏ ନେଇ ତଦନ୍ତର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି। ପୂର୍ବରୁ ନିକୋଲ ଫାଦରଙ୍କ ବିରୋଧରେ ମଧ୍ୟ ବିଭିନ୍ନ ଅଭିଯୋଗ ଆଣିଥିଲେ। ତେଣୁ ଉଭୟେ ପରସ୍ପର ବିରୋଧରେ ଅଭିଯୋଗ ଲଗାଇ ଚାଲିଛନ୍ତି।

## ଟ୍ୟୁସନ କରି ମାସକୁ ୮୬ ଲକ୍ଷ ଆୟ

ନ୍ୟୁୟର୍କ, ୨୬।୬ (ଏଜେନ୍ସି): ଆଶ୍ଚର୍ଯ୍ୟ ହେଲେ ବି ସତ। ନ୍ୟୁୟର୍କର ଷ୍ଟିଭନ ମେକିଙ୍ଗ ଟ୍ୟୁସନ କରି ଘଣ୍ଟାକୁ ହଜାରେ ଡଲାର (ପ୍ରାୟ ୮୬ ହଜାର ଟଙ୍କା) ଆୟ କରୁଛନ୍ତି। ସେ ସପ୍ତାହକୁ ୨୦-୨୫ ଘଣ୍ଟା ପର୍ଯ୍ୟନ୍ତ ଟ୍ୟୁସନ କରୁଛନ୍ତି। ଏହି ପରି ଭାବେ ସେ ମାସକୁ ଘରେ ରହି ୮୬ ଲକ୍ଷ ଟଙ୍କା ଆୟ କରୁଛନ୍ତି। ଷ୍ଟିଭନ ପୂର୍ବରୁ ୱାଲ୍ ଷ୍ଟ୍ରିଟ୍ ଟ୍ରେଡରରେ କାମ କରୁଥିଲେ। କିନ୍ତୁ ଟ୍ୟୁସନ ପାଇଁ ସେ ଏହି ଚାକିରି ଛାଡ଼ି ଦେଇଥିଲେ। ସେ ପ୍ରଥମେ ସହରର ବିଭିନ୍ନ ଏଜେନ୍ସି ସହ ମିଶି କାମ କରୁଥିଲେ। ପରେ ୱାଇଜାଣ୍ଟ ଭଳି ଅନ୍‌ଲାଇନ ପ୍ଲାଟଫର୍ମ ସହ ସାମିଲ ହୋଇଥିଲେ। ପ୍ରଥମେ ସେ ଘଣ୍ଟାକୁ ୪ରୁ ୮ ହଜାର ଟଙ୍କା ପର୍ଯ୍ୟନ୍ତ ନେଉଥିଲେ। କିନ୍ତୁ ପରେ ଏଭଳି ବିଷୟ ପଢ଼ାଇଲେ ଯେଉଁଥି ପାଇଁ ତାଙ୍କ ଆୟ ବଢି ଯାଇଥିଲା।

# ଲାଞ୍ଚ ନେଇ ଧରାପଡ଼ିଲେ ଆକାଉଣ୍ଟାଣ୍ଟ



ଜଗତସିଂହପୁର, ୨୬।୬ (ସମିସ): କୁଜଙ୍ଗ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଆକାଉଣ୍ଟାଣ୍ଟ ସୂର୍ଯ୍ୟକାନ୍ତ ସ୍ୱାଇଁ ଜଣେ ଶିକ୍ଷକଙ୍କଠାରୁ ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଶିକ୍ଷକଙ୍କ ଘର ତିଆରି ପାଇଁ ୧ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହାର ବିଲ୍ ପ୍ରସ୍ତୁତ କରିବାରେ ଆକାଉଣ୍ଟାଣ୍ଟ ଶ୍ରୀ ସ୍ୱାଇଁ ବିଳମ୍ବ କରିବା ସହ ଏଥିପାଇଁ ୫ହଜାର ଟଙ୍କା ଦେବାକୁ ସଂପୃକ୍ତ ଶିକ୍ଷକଙ୍କୁ କହିଥିଲେ। ଘଟଣା ସମ୍ପର୍କରେ ଶିକ୍ଷକଜଣକ ଭିଜିଲାନ୍ସକୁ ଜଣାଇଥିଲେ। ପୂର୍ବ ଯୋଜନା ମୁତାବକ ଆଜି ସମ୍ପୃକ୍ତ ଶିକ୍ଷକ ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଆକାଉଣ୍ଟାଣ୍ଟ ସୂର୍ଯ୍ୟକାନ୍ତଙ୍କୁ ୫ହଜାର ଟଙ୍କା ଦେବା ବେଳେ ସେଠାରେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ଶ୍ରୀ ସ୍ୱାଇଁଙ୍କଠାରୁ ଏହି ୫ ହଜାର ଟଙ୍କା ଜବତ କରିବା ସହିତ ତାଙ୍କ କାର୍ଯ୍ୟାଳୟ ଓ ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଅଳସୁଧା ଗ୍ରାମରେ ଥିବା ଘରେ ଚଢ଼ଉ କରାଯାଇଥିଲା। ପରେ ଶ୍ରୀ ସ୍ୱାଇଁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ସାପ କାମୁଡ଼ାରେ ମହିଳା ମୃତ

ମହାକାଳପଡ଼ା, ୨୬।୬ (ସମିସ): ମହାକାଳପଡ଼ା ବ୍ଲକ୍ ଅଳାଇଲୋ ପଞ୍ଚାୟତ ଓଳିହାନୀଳକଣ୍ଠପୁର (କୁମାରୁଣୀ) ଗ୍ରାମର ଶୁକଦେବ ମଲିକଙ୍କ ପତ୍ନୀ ସବିତା ମଲିକ (୩୭)ଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ବୁଧବାର ରାତିରେ ଶୋଇଥିବା ବେଳେ ରାତି ପ୍ରାୟ ୧ଟାରେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାରଲୋକ ତାଙ୍କୁ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଯାଜପୁରରେ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ

ଯାଜପୁର, ୨୬।୬ (ସମିସ): ଯାଜପୁର ଜିଲ୍ଲାରେ ଏବେ ବି ଅନେକ ସ୍ଥାନରେ ଝାଡ଼ାବାନ୍ତି ଓ ହଇଜାରେ ନିୟନ୍ତ୍ରଣ ଅଣାଯାଇପାରିନାହିଁ। ଏବେ ବି ଅନେକ ଗ୍ରାମାଞ୍ଚଳ ଓ ବସ୍ତି ଅଞ୍ଚଳରୁ ଲୋକେ ଆକ୍ରାନ୍ତ ହୋଇ ଡାକ୍ତରଖାନା ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରିଛନ୍ତି। ରଥଯାତ୍ରା ଓ ଚତୁର୍ଥ ଶନିବାର ଛୁଟି ଥିବା ବେଳେ ଏହାକୁ ଜିଲ୍ଲାପାଳ ବାତିଲ କରିଛନ୍ତି। ଜୁନ୍ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀଙ୍କୁ ଛୁଟିକୁ ବାତିଲ କରାଯାଇଛି।

## ଅବଶିଷ୍ଟାଂଶ...

### ମହାପ୍ରଭୁଙ୍କ ନବଯୌବନ...

୫୦ରେ ଚକା ଅପସର କରାଯାଇଥିଲା। ପରେ ଦଶାବତାର ବା ପଟିଦିଅଁଙ୍କ ନିକଟରେ ମଙ୍ଗଳ ଆଳତି ହୋଇ ଅବକାଶ ନୀତି ବଢ଼ିବା ପରେ ପଟିଦିଅଁ ମଣ୍ଡଣି ଘରକୁ ବିଜେ ହୋଇଥିଲେ। ଅନ୍ୟ ଦିଅଁମାନେ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ସକାଳ ୮ଟାରେ ଅଣସର ତାଟି ଫିଟିବାକୁ ସମୟ ନିର୍ଘଣ୍ଟ ହୋଇଥିଲା। ମାତ୍ର ନୀତିକାନ୍ତି ସଅଳ ଚାଲିଥିବାରୁ ସକାଳ ୭ଟା୨୫ରେ ଫିଟିଥିଲା ଅଣସର ତାଟି। ନବଯୌବନ ବେଶରେ ଦର୍ଶନ ଦେଇଥିଲେ ଦାରୁଦିଅଁ। ପରମାଣିକ ଦର୍ଶନ ସକାଳ ୮ଟାରୁ ଗୋଟିଏ ଘଣ୍ଟା ଧାର୍ଯ୍ୟ ହୋଇଥିଲା। ମାତ୍ର ୭ଟା ୪୦ରୁ ପରିମାଣିକ ଦର୍ଶନ ଆରମ୍ଭ ହୋଇ ୮ଟାରେ ଶେଷ ହୋଇଥିଲା। ପରମାଣିକ ଟିକଟଧାରୀମାନେ ଦକ୍ଷିଣଦ୍ୱାର, ସାତପାହାଚ, ଜୟବିଜୟ ଦ୍ୱାର ଦେଇ ଭିତରକାଠ ନିକଟରେ ଦର୍ଶନ କରିଥିଲେ। ପରମାଣିକ ଦର୍ଶନ ଶେଷ ହେବା ପରେ ସଅଳ ସାହାଣମେଳା ଦର୍ଶନ ହୋଇଥିଲା। ପୂର୍ବରୁ ସକାଳ ୯ଟାରୁ ପୂର୍ବାହ୍ଣ ସାଢ଼େ ୧୦ଟା ସାହାଣମେଳା ବା ସର୍ବସାଧାରଣ ଦର୍ଶନ ପାଇଁ ସମୟନିର୍ଘଣ୍ଟ ହୋଇଥିଲା। ମାତ୍ର ସକାଳ ୮ଟାରୁ ସାହାଣମେଳା ବା ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ପୂର୍ବାହ୍ଣ ସାଢ଼େ ୧୦ଟା ଯାଏ ଚାଲିଥିଲା। ସାହାଣମେଳାରେ ବି ଭକ୍ତମାନେ ଭିତରକାଠରୁ ଭଗବାନଙ୍କୁ ଦର୍ଶନ କରିଥିଲେ। ପରେ ସର୍ବସାଧାରଣ ଦର୍ଶନ ବନ୍ଦ କରାଯାଇ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ନବଯୌବନ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ହୋଇଥିଲା। ସଅଳ ନୀତିକାନ୍ତି ଯୋଗୁଁ ଭକ୍ତମାନେ ଭଲ ଭାବେ ଦର୍ଶନ କରିଥିଲେ। ତେବେ ପରମାଣିକ ଟିକଟଧାରୀଙ୍କ ସଂଖ୍ୟା କମ୍ ଥିବାରୁ ଶୀଘ୍ର ଦର୍ଶନ ସରିଥିଲା।

### ସିଂହଦ୍ୱାରରେ ତିନିରଥ...

ହୋଇଥିଲା। ତିନିବାଡ଼ରୁ ତିନିଜଣ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳ ଆଣି ଘଣ୍ଟଘଣ୍ଟି, କାହାଳୀ ଶୋଭାଯାତ୍ରାରେ ବଡ଼ଦାଣ୍ଡକୁ ବାହାରିଥିଲେ। ଅପରାହ୍ଣ ୪ଟା ୪୫ରେ ଆଜ୍ଞାମାଳ ରଥଖଳାରେ ପହଞ୍ଚିଥିଲା। ପ୍ରଥମେ ବଡ଼ଠାକୁର, ପରେ ଶ୍ରୀଜଗନ୍ନାଥ ଓ ଶେଷରେ ଦେବୀ ସୁଭଦ୍ରାଙ୍କ ରଥରେ ଆଜ୍ଞାମାଳ ବିଜେ ହୋଇଥିଲା। ମହାପ୍ରଭୁଙ୍କ ଆଜ୍ଞା ପାଇବା ପରେ ରଥରେ ଦଉଡ଼ି ଲଗାଯାଇ ସବୁ ଚକରେ ତେଲ ଦିଆଯାଇଥିଲା। ରଥଟଣା ପାଇଁ ବିଜେ କାହାଳୀ ବାଜିବା ପରେ ସିଂହଦ୍ୱାର ଅଭିମୁଖେ ଗଡ଼ିଥିଲା ତିନିରଥ। ରଥ ଟାଣିଥିଲେ ସୁରକ୍ଷା କର୍ମୀ ଓ ସେବାୟତ।

ପରମ୍ପରା ଅନୁଯାୟୀ, ପ୍ରଥମେ ନନ୍ଦିଘୋଷ, ପରେ ଦେବଦଳନ ଏବଂ ଶେଷରେ ତାଳଧ୍ୱଜ ରଥ ସିଂହଦ୍ୱାରରେ ଲାଗିଥିଲା। ସନ୍ଧ୍ୟା ସୁଦ୍ଧା ତିନିରଥ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଯାଇଥିଲା। ପରେ ତିନିରଥକୁ ଫୁଲରେ ସଜାଯାଇଥିବା ବେଳେ ଚାରବନ୍ଧା ଯାଇ ରଥ ଉପରକୁ ସାରଥୀଙ୍କୁ ନିଆଯାଇଥିଲା। ଶ୍ରୀମନ୍ଦିରରେ ଚତୁର୍ଦ୍ଧାବିଗ୍ରହଙ୍କ ପହୁଡ଼ ଆଳତି ସରିବା ପରେ ଶ୍ରୀମୁଖ ଖଣ୍ଡୁଆ ନୀତି ସମ୍ପନ୍ନ ହେବ। ପରେ ଦଇତାପତି ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ସୁରକ୍ଷା ଲାଗି ବାହୁଟକଣ୍ଠ ଏବଂ ସେନାପଟା କାର୍ଯ୍ୟ ଆରମ୍ଭ କରିବେ। ଶୁକ୍ରବାର ସକାଳ ୬ଟାରେ ମଙ୍ଗଳ ଆଳତି ହେବ। ସକାଳ ୯ଟାରେ ରଥ ପ୍ରତିଷ୍ଠା ପରେ ମଙ୍ଗଳାର୍ପଣ ହୋଇ ସାଢ଼େ ୯ଟାରେ ପହଣ୍ଡି ଆରମ୍ଭ ହେବ। ମଧ୍ୟାହ୍ନ ସାଢ଼େ ୧୨ଟା ସୁଦ୍ଧା ପହଣ୍ଡି ଶେଷ କରାଯାଇ ଅପରାହ୍ଣ ୧ଟାରେ ରଥକୁ ରାମକୃଷ୍ଣ, ମଦନମୋହନ ବିଜେ ହେବେ। ଅପରାହ୍ଣ ସାଢ଼େ ୨ଟାରୁ ସାଢ଼େ ୩ଟା ମଧ୍ୟରେ ଛେରାପହଁରା ନୀତି ବଢ଼ି ୪ଟା ସୁଦ୍ଧା ରଥ ଟାଣିବା ଲାଗି ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଛି।

ଅନ୍ୟପକ୍ଷରେ, ମହାପ୍ରଭୁଙ୍କ ଘୋଷଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଲାଗି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। କଡ଼ା ସୁରକ୍ଷା ବଳୟରେ ରହିଛି ପୁରୀ। ଅତ୍ୟାଧୁନିକ ୨୭୫ଟି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କ୍ୟାମେରା ଲଗାଯାଇଛି। ଉତ୍ତରା-ପୁରୀ ଏବଂ କୋଣାର୍କ-ପୁରୀ ରାସ୍ତାରେ ବି କ୍ୟାମେରା ରଖିଛି ନଜର। ଓଡ଼ିଶା ପୁଲିସ୍ ଚଳିତବର୍ଷ ପ୍ରଥମଥର ଟ୍ରାଫିକ୍ ସୁପରିଚାଳନା ନିମନ୍ତେ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରିଛି। ଏଥିସହ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ୨୦୫ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି।

### ନବୀନଙ୍କ ଆଶୁ ଆରୋଗ୍ୟ...

ଯତ୍ନ ନେବା ନିମନ୍ତେ ପରାମର୍ଶ ଦେଇଛନ୍ତି।

ସର୍ଭିକାଲ ଆର୍ଥ୍ରାଇଟିସ ଚିକିତ୍ସା ନିମନ୍ତେ ନବୀନ ୨୦ ତାରିଖରେ କୋକିଳାବେନ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଓ ତାଙ୍କ ବ୍ୟକ୍ତିଗତ ଚିକିତ୍ସକ ଡ଼ା. ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ୨୨ ତାରିଖରେ ତାଙ୍କର ଅସ୍ତ୍ରୋପଚାର ହୋଇଛି। ଦୁଇଦିନ ଆଇସିୟୁରେ ପର୍ଯ୍ୟବେକ୍ଷଣରେ ରହିବା ପରେ ସେ ଗତକାଲି କ୍ୟାବିନ୍‌କୁ ସ୍ଥାନାନ୍ତରିତ ହୋଇଛନ୍ତି ଓ ଦ୍ରୁତ ଆରୋଗ୍ୟଲାଭ କରୁଛନ୍ତି। ପ୍ରତିଦିନ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଡାକ୍ତରଖାନାରେ ଭେଟି ତାଙ୍କର ସୁସ୍ୱାସ୍ଥ୍ୟ ଓ ଶୀଘ୍ର ଆରୋଗ୍ୟ କାମନା କରୁଛନ୍ତି।

### ନବୀନଙ୍କ ସହ କଥା...

ଜ୍ଞାପନ କରିଛନ୍ତି। ଓଡ଼ିଶାର ସେବା କରିବା ପାଇଁ ନବୀନଙ୍କୁ ଅଶେଷ ଶକ୍ତି ଓ ସୁସ୍ୱାସ୍ଥ୍ୟ ଦିଅନ୍ତୁ ବୋଲି ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ଶ୍ରୀ ଖଡ଼୍‌ଗେ କହିଛନ୍ତି। ଅନୁରୂପ ଭାବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ନବୀନଙ୍କୁ ଫୋନ କରି ତାଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଛନ୍ତି। ଭଗବାନ ଆପଣଙ୍କୁ ଶୀଘ୍ର ସୁସ୍ଥ କରିଦେବେ ବୋଲି ଆଶା କରୁଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ସୁସ୍ଥତା କାମନା କଲେ...

ଜନ୍ ବ୍ରିଟାସ୍, ସାଂସଦ ଅଶୋକ କୁମାର ମିତ୍ତଲ, ଡିଏମ୍‌କେ ନେତ୍ରୀ କାନିମୋଝୀ ପ୍ରମୁଖ ନବୀନଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି।

ଶିବସେନା ସାଂସଦ ପ୍ରିୟଙ୍କା ଚତୁର୍ବେଦୀ ଉଲ୍ଲେଖ କରିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଓଡ଼ିଶାର ସବୁଠାରୁ ଲୋକପ୍ରିୟ ବ୍ରାଣ୍ଡ ଆମ୍ବାସାଡର ନବୀନ ପଟ୍ଟନାୟକ ଶୀଘ୍ର ଆରୋଗ୍ୟଲାଭ କରନ୍ତୁ। ଉତ୍ତମ ସ୍ୱାସ୍ଥ୍ୟ ଲାଭ କରି ଓଡ଼ିଶାବାସୀଙ୍କ ପାଇଁ ବର୍ଷବର୍ଷ ସେବା କରିନ୍ତୁ ବୋଲି କାମନା କରୁଛି । ସେହିପରି ଶଶୀ ଥରୁର କହିଛନ୍ତି ଯେ ନବୀନ ବାବୁଙ୍କ ଅସ୍ତ୍ରୋପଚାର ସୂଚନା ପାଇଛି। ସେ ବର୍ତ୍ତମାନ ସୁସ୍ଥ ଥିବା ଖବର ଆଶ୍ୱସ୍ତ କରିଛି । ନବୀନଙ୍କ ଶୀଘ୍ର ଓ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରୁଛି ବୋଲି ଥରୁର୍ ଉଲ୍ଲେଖ କରିଛନ୍ତି। ଅଶୋକ ମିତ୍ତଲ କହିଛନ୍ତି ଯେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୀଘ୍ର ଏବଂ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରୁଛି। ନବୀନଙ୍କର ଶକ୍ତି, ସ୍ଥିରତା ଏବଂ ଓଡ଼ିଶା ପ୍ରତି ସମର୍ପଣ ସର୍ବଦା ଲକ୍ଷ ଲକ୍ଷ ଲୋକଙ୍କୁ ପ୍ରେରଣା ଦେଇଆସିଛି। ଆପଣ ଶୀଘ୍ର ସୁସ୍ଥ ହୁଅନ୍ତୁ ଏବଂ ଅଧିକ ଶକ୍ତିଶାଳୀ ହୋଇ ଫେରି ଆସନ୍ତୁ ବୋଲି ସେ ଲେଖିଛନ୍ତି। ଅଭିଷେକ ମନୁସିଂଘଭୀ କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ସଫଳ ଚିକିତ୍ସା ପ୍ରକ୍ରିୟା ଏବଂ ତାଙ୍କ ଆରୋଗ୍ୟଲାଭ ବିଷୟରେ ଶୁଣି ଖୁସି ଅନୁଭବ କରୁଛି। ଜଣେ ଅତ୍ୟନ୍ତ ଭଦ୍ରଲୋକ, ମୃଦୁଭାଷୀ । ନବୀନବାବୁଙ୍କ ନିକଟରେ ଓଡ଼ିଶା ଏବଂ ଭାରତ ପାଇଁ ଆହୁରି ଅନେକ ବର୍ଷ ପର୍ଯ୍ୟନ୍ତ ଜନସେବା ବାକି ଅଛି। ତାଙ୍କର ସମ୍ପୂର୍ଣ୍ଣ ଏବଂ ଶୀଘ୍ର ଆରୋଗ୍ୟ ଏବଂ ସୁସ୍ଥତା କାମନା କରୁଛି। ତାମିଲ୍‌ନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ୍ କହିଛନ୍ତି ଯେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଚିକିତ୍ସା କରୁଥିବା କୋଏମ୍ବାଟୁରର ଡାକ୍ତର ରାଜଶେଖରଙ୍କ ସହ କଥା ହୋଇଛି । ନବୀନଙ୍କ ସ୍ୱାସ୍ଥ୍ୟ ଭଲ ଅଛି । ମୁଁ ତାଙ୍କର ଶୀଘ୍ର ଓ ସମ୍ପୂର୍ଣ୍ଣ ଆରୋଗ୍ୟ କାମନା କରୁଛି ।

### କାଶ୍ମୀର ଯୁବକକୁ...

ପାକିସ୍ତାନ ଲିଙ୍କ୍ ରହିଥିବା ନେଇ ସେ ସମୟରେ ଚର୍ଚ୍ଚା ହୋଇଥିଲା। ତେବେ ତା' ନିକଟରୁ କୌଣସି ପାକିସ୍ତାନ ଲିଙ୍କ୍ ରହିଥିବା ସୁରାଖ ମିଳିନଥିଲା। ବୁଖାରୀ ଜଣେ ବଡ଼ ଠକ ବୋଲି ପୁଲିସ ତଦନ୍ତରେ ଜଣାପଡ଼ିଥିଲା। ବିଭିନ୍ନ ଠକେଇ ମମଲାରେ ତା'ର ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ଠକେଇ ମାମଲାରେ ପୁଲିସ ତାକୁ ଗିରଫ କରି କୋର୍ଟଚଲାଣ କରିଥିଲା। ସେବେଠାରୁ ସେ ବିଚାର ବିଭାଗୀୟ ଜେଲରେ ରହୁଥିବା ବେଳେ ଚଣ୍ଡିଖୋଲ କୋର୍ଟରେ ତା'ର ବିଚାର ଚାଲିଥିଲା। ଆଜି ଏହାର ରାୟ ପ୍ରକାଶ ପାଇଛି। ବୁଖାରୀକୁ ଚଣ୍ଡିଖୋଲ କୋର୍ଟ ଆଜି ବିଭିନ୍ନ ମାମଲାରେ ୫ବର୍ଷ ଦଣ୍ଡାଦେଶ ରାୟ ଶୁଣାଇଛନ୍ତି ବୋଲି ସରକାରୀ ଓକିଲ ପ୍ରକାଶ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି।

---

**RAGHUNATHJEW H.S SCHOOL**
**DEULASAHI, CUTTACK-753008**

**WALK IN INTERVIEW**

Wanted Teaching Guest Faculties for Education, Logic, Sanskrit, Odia, Commerce, I.T., subjects will be held in the office of the undersigned at 08:45 a.m. on 30/06/2025. Interested candidates having minimum 55% of marks in concerned subjects in master degree level should attend the interview with their Resume, original photo copied testimonials.

Sd/- Principal
Raghunathjew H.S. School
Deulasahi, Cuttack-8

---

O-328 email- serwsbd2003@yahoo.com

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA

**e- Procurement Notice for Building works**

1 Name of the work : Construction of Building Works - 03 Nos
3 Class of contractor : "B" & "A" Class of (Odisha PWD) or relevant class of other licensing authority.
3 Estimated Cost : Various from Rs.102.51 Lakhs to Rs.217.15 Lakhs (Approximately)
4 Details projects as per Annexure attached. :

| Procurement Officer | Bid Identification No | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD – Online – 06/2025-26 | 01.07.2025 at 11.00 A.M. | 19.07.2025 up to 5.00 P.M. | 18.07.2025 up to 2.00 P.M. | 21.07.2025 at 11.00 A.M. | To be intimated separately |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender web site.

OIPR-25182/11/0063/2526

Chief Construction Engineer,
Rural Works Circle, Sunabeda.

---

यूनियन बैंक ऑफ इंडिया Union Bank of India
Nanganallur 3
ପ୍ଲଟ ନଂ. ସି-୬୦, ଦ୍ୱାର ନଂ. ୨୭, ସର୍ଭେ ନଂ. ୨୫, ଅଞ୍ଜଳି ଆପାର୍ଟମେଣ୍ଟସ୍, ୪ର୍ଥ ମୁଖ୍ୟ ରାସ୍ତା, ନାଙ୍ଗାନାଲ୍ଲୁର, ଚେନ୍ନାଇ ୬୦୦ ୦୬୧
ଇମେଲ: ubin0907791@unionbankofindia.bank

**ସରଫେଶୀ ଆଇନ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ**

ପ୍ରତି
ଋଣଗ୍ରହୀତା(ମାନେ)/ବନ୍ଧକଦାତା(ମାନେ): ୧. ଶ୍ରୀମତୀ ଆଭାରାଣୀ ମହାପାତ୍ର,
ମୃତ ଋଣଗ୍ରହୀତା ତଥା ବନ୍ଧକଦାତା ସ୍ୱର୍ଗତ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ସମ୍ପତ୍ତି, ନିମ୍ନଲିଖିତ ଆଇନଗତ ଉତ୍ତରାଧିକାରୀଙ୍କ ଦ୍ୱାରା ପ୍ରତିନିଧିତ୍ୱ କରାଯାଇଛି।
**୨. ଶ୍ରୀମତୀ ଆଭାରାଣୀ ମହାପାତ୍ର (ମୃତକଙ୍କ ପତ୍ନୀ),**
**୩. ଶ୍ରୀ ଅଭିଷେକ ମହାପାତ୍ର (ମୃତକଙ୍କ ପୁତ୍ର)**
ସମସ୍ତଙ୍କ ଠିକଣା: ଫ୍ଲାଟ ନଂ. ୨୫-ବି/୧, ବିଷ୍ଣୁ ପ୍ରିୟା ଫ୍ଲାଟସ୍, ୧ମ ମୁଖ୍ୟ ରାସ୍ତା, ଥିଲ୍ଲାଇ ଗଙ୍ଗା ନଗର, ନାଙ୍ଗାନାଲ୍ଲୁର, ଚେନ୍ନାଇ ୬୦୦୦୬୧
ଅନ୍ୟ ଠିକଣା: ଶିବାନନ୍ଦ ଗେଷ୍ଟ ହାଉସ, କୋଟାକ ମହିନ୍ଦ୍ରା ବ୍ୟାଙ୍କ ପଛପଟେ, ଭିଆଇପି ରୋଡ, ପୁରୀ-୭୫୨୦୦୨।
ମହୋଦୟ/ମହୋଦୟା,
ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩(୨) ସହିତ ଧାରା ୧୩(୩) ଅନୁଯାୟୀ ନୋଟିସ।
ଆପଣମାନେ, ଉପରେ ଉଲ୍ଲିଖିତ ଋଣଗ୍ରହୀତା/ବନ୍ଧକଦାତାମାନେ, ଆମର ଚେନ୍ନାଇ ନାଙ୍ଗାନାଲ୍ଲୁର ୩ ଶାଖାରୁ ନିମ୍ନଲିଖିତ ଋଣ ସୁବିଧା ଗ୍ରହଣ କରିଛନ୍ତି ଏବଂ ବକେୟା / କିସ୍ତି / ସୁଧ /ଖାତାକୁ ସନ୍ତୋଷଜନକ ଭାବେ ପରିଚାଳନା କରିବାରେ ବିଫଳ ହୋଇଛନ୍ତି। ତେଣୁ, ଆରବିଆଇ ନିର୍ଦ୍ଦେଶାବଳୀ ଅନୁଯାୟୀ ଆୟ ସ୍ୱୀକୃତି ଏବଂ ସତର୍କତାପୂର୍ଣ୍ଣ ହିସାବ ନୀତି ଅନୁସାରେ, ଆପଣଙ୍କ ଖାତା(ଗୁଡ଼ିକ)କୁ ୩୧.୦୩.୨୦୨୫ ସୁଦ୍ଧା ଅଣ-ନିଷ୍ପାଦନଶୀଳ ସମ୍ପତ୍ତି (ନନ-ପରଫର୍ମିଂ ଆସେଟ୍) ଭାବେ ଶ୍ରେଣୀବଦ୍ଧ କରାଯାଇଛି। ୩୧.୦୩.୨୦୨୫ ସୁଦ୍ଧା ଆପଣଙ୍କ ଖାତା(ଗୁଡ଼ିକ)ରେ ମୋଟ ଟଙ୍କା ୭,୪୮,୯୭୮.୭୯/- (ସାତ ଲକ୍ଷ ଅଠଚାଳିଶ ହଜାର ନଅଶହ ଅଠସ୍ତରୀ ଟଙ୍କା ଓ ଅଣାଅସୀ ପଇସା) ବକୟା ରହିଛି।
ଉପରୋକ୍ତ ଋଣଗ୍ରହୀତା/ବନ୍ଧକଦାତାମାନଙ୍କଠାରୁ ବ୍ୟାଙ୍କକୁ ବକେୟା ରାଶିର ବିବରଣୀ ନିମ୍ନଲିଖିତ ଅନୁସାରେ ରହିଛି:

| କ୍ର.ନଂ. | ସୁବିଧା/ଋଣ | ସୀମା (ଲକ୍ଷରେ) | ସମୟରେ | ୩୧.୦୩.୨୦୨୫ ସୁଦ୍ଧା ବକେୟା ଦେୟ |
|---|---|---|---|---|
| ୧ | ଗୃହ | ୧୫.୦୦ | ୧୦୦୯-୨୦୧୦ | ଟ.୭,୪୮,୯୭୮.୭୯/- |

ବ୍ୟାଙ୍କକୁ ବକେୟା ଅର୍ଥ କିମ୍ବା ଭବିଷ୍ୟତରେ ବକେୟା ହେବାକୁ ଥିବା ଅର୍ଥର ପରିଶୋଧ ନିଶ୍ଚିତ କରିବା ପାଇଁ, ସ୍ୱର୍ଗତ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ର ଏବଂ ଶ୍ରୀମତୀ ଆଭାରାଣୀ ମହାପାତ୍ର ତାରିଖ ୩୧.୧୨.୨୦୦୯ରେ ଏବଂ ୦୨.୦୩.୨୦୧୦ରେ ଏମଓଡିଟି (MODT) ତାରିଖରେ ଦଲିଲ ସମ୍ପାଦନ କରିଥିଲେ /କରିଛନ୍ତି ଏବଂ ଏହାଦ୍ୱାରା ନିମ୍ନଲିଖିତ ଭାବେ ସୁରକ୍ଷା ସୁଧ ସୃଷ୍ଟି କରିଛନ୍ତି:
**ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ବିବରଣୀ ନିମ୍ନରେ ଦିଆଗଲା:**
ସମ୍ପତ୍ତି ୧: ଆବାସିକ ଫ୍ଲାଟ ନଂ. ୨-ବି୨, ପ୍ରଥମ ମହଲା, ବିଷ୍ଣୁ ପ୍ରିୟା ଫ୍ଲାଟସ୍, ୧ମ ମୁଖ୍ୟ ରାସ୍ତା, ଥିଲ୍ଲାଇ ଗଙ୍ଗା ନଗର, ନାଙ୍ଗାନାଲ୍ଲୁର, ଚେନ୍ନାଇ ୬୦୦୦୬୧, ଯାହାର ପ୍ଲିନ୍ଥ କ୍ଷେତ୍ରଫଳ ପ୍ରାୟ ୭୫୩.୫ ବର୍ଗଫୁଟ, ଯେଉଁଥିରେ ୪୮.୬୯ ବର୍ଗଫୁଟ ସାଧାରଣ କ୍ଷେତ୍ର ଅନ୍ତର୍ଭୁକ୍ତ, ଏବଂ ପ୍ରାୟ ୩୨୧୦ ବର୍ଗଫୁଟ ଜମିରେ ୧/୪ଅଂଶ ଅବିଭାଜିତ ଅଧିକାର, ସ୍ୱତ୍ୱ ଏବଂ ସୁଧ ସହିତ, ଯାହା ପ୍ଲଟ ନଂ. ୬, ୧ମ ମୁଖ୍ୟ ରାସ୍ତା, ଥିଲ୍ଲାଇ ଗଙ୍ଗା ନଗର, ନାଙ୍ଗାନାଲ୍ଲୁର, ଚେନ୍ନାଇ ୬୦୦୦୬୧ରେ ଅବସ୍ଥିତ, ପାଲାଭାକ୍କାଙ୍ଗଲ ଗାଁ, ଆଲନ୍ଦୁର ତାଲୁକ, କାଞ୍ଚୀପୁରମ ଜିଲ୍ଲାର ସର୍ଭେ ନଂ. ୧୯/୧ (ଆଂଶିକ)ରେ ଅନ୍ତର୍ଭୁକ୍ତ, ଯାହା ଦକ୍ଷିଣ ଚେନ୍ନାଇ ନିବନ୍ଧନ ଜିଲ୍ଲା ଏବଂ ଆଲନ୍ଦୁର, ଚେନ୍ନାଇର ଉପ-ନିବନ୍ଧନ ଜିଲ୍ଲା ମଧ୍ୟରେ ଅବସ୍ଥିତ।
**ଚାରିପାର୍ଶ୍ୱରେ (ମୋଟ ୩୨୧୦ ବର୍ଗଫୁଟ ଜମି)**: ଉତ୍ତର: ୨୦ ଫୁଟ ଚଉଡ଼ା ରାସ୍ତା, ଦକ୍ଷିଣ: ପ୍ଲଟ ନଂ. ୧୦, ପଶ୍ଚିମ: ପ୍ଲଟ ନଂ. ୫, ପୂର୍ବ: ପ୍ଲଟ ନଂ. ୭
ଆପଣମାନେ, ନଂ. ୨ ଏବଂ ନଂ. ୩, ମୃତ ଋଣଗ୍ରହୀତା ସ୍ୱର୍ଗତ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ଆଇନଗତ ଉତ୍ତରାଧିକାରୀ ହିସାବରେ, ସ୍ୱର୍ଗତ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ସୁରକ୍ଷା ସମ୍ପତ୍ତିଗୁଡ଼ିକୁ ଉତ୍ତରାଧିକାର ସୂତ୍ରେ ପାଇଛନ୍ତି। ତେଣୁ, ସ୍ୱର୍ଗତ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ଆଇନଗତ ଉତ୍ତରାଧିକାରୀ ହିସାବରେ, ଆପଣମାନେ ସ୍ୱର୍ଗତ ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ରଙ୍କ ଦ୍ୱାରା ଗୃହୀତ ଉପରୋକ୍ତ ଦାୟିତ୍ୱ ଏବଂ ବକେୟା ପରିଶୋଧ କରିବା ପାଇଁ ଦାୟୀ ଅଟନ୍ତି। ତେଣୁ, ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ ଆସେଟ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ, ଆପଣଙ୍କୁ ଏହି ନୋଟିସ ମାଧ୍ୟମରେ ତାରିଖ ୩୧.୦୩.୨୦୨୫ ସୁଦ୍ଧା ବକେୟା ଥିବା **ଟଙ୍କା ୭,୪୮,୯୭୮.୭୯/- (ସାତ ଲକ୍ଷ ଅଠଚାଳିଶ ହଜାର ନଅଶହ ଅଠସ୍ତରୀ ଟଙ୍କା ଓ ଅଣାଅସୀ ପଇସା)** ଏବଂ ଋଣ ଦଲିଲର ସର୍ତ୍ତାବଳୀ ଅନୁଯାୟୀ ଚୁକ୍ତିବଦ୍ଧ ହାରରେ ଅଧିକ ସୁଧ ଏବଂ ଶୁଳ୍କ ସହିତ ପରିଶୋଧ କରିବାକୁ ଏବଂ ଏହି ନୋଟିସ ପ୍ରାପ୍ତିର ତାରିଖଠାରୁ ୬୦ ଦିନ ମଧ୍ୟରେ ଆପଣଙ୍କ ସମସ୍ତ ଦାୟିତ୍ୱ ସମ୍ପୂର୍ଣ୍ଣ ରୂପେ ପରିଶୋଧ କରିବାକୁ ଅନୁରୋଧ କରାଯାଉଛି। ଏହା କରିବାରେ ବିଫଳ ହେଲେ, ଆମେ ଉକ୍ତ ଆଇନ ଅନୁଯାୟୀ ପ୍ରଦତ୍ତ ଅଧିକାରଗୁଡ଼ିକ ମଧ୍ୟରୁ କୌଣସି ଏକ ବା ସମସ୍ତ ଅଧିକାର ପ୍ରୟୋଗ କରି ଉପରୋକ୍ତ ସୁରକ୍ଷା ସମ୍ପତ୍ତିଗୁଡ଼ିକୁ ପ୍ରବର୍ତ୍ତନ କରିବାକୁ ବାଧ୍ୟ ହେବୁ।
ଆଇନର ଧାରା ୧୩(୧୩) ଅନୁଯାୟୀ, ଏହି ନୋଟିସ ପ୍ରାପ୍ତ ହେବା ପରେ ଆପଣମାନେ ବ୍ୟାଙ୍କର ସମ୍ମତି ବିନା ଉପରୋକ୍ତ ସୁରକ୍ଷା ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରିବା କିମ୍ବା କୌଣସି ପ୍ରକାରେ ବ୍ୟବହାର କରିବାରୁ ନିଷେଧିତ/ପ୍ରତିରୋଧିତ ହୋଇଛନ୍ତି।
ସୁରକ୍ଷା ସମ୍ପତ୍ତିଗୁଡ଼ିକୁ ମୁକ୍ତ କରିବା ପାଇଁ ଉପଲବ୍ଧ ସମୟ ସମ୍ପର୍କରେ ସାରଫେସୀ ଆଇନର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥାଗୁଡ଼ିକ ପ୍ରତି ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି।

ସ୍ଥାନ: ଚେନ୍ନାଇ, ତାରିଖ: ୩୧.୦୫.୨୦୨୫ — ସ୍ୱା/- ଅଧିକୃତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

---

**AFFIDAVIT**

By virtue of an Affidavit No. 360/20/06/2025 I, Suchismita Padhi, W/o- Amitav Kumar Nanda, R/o- Sonepur, Gokarneswar Para, Po/Ps- Sonepur, Odisha, 767017 do hereby declared that I shall be known as Suchismita Padhi instead of Suchismita Nanda in all purposes.

Sd/- Suchismita Padhi

**WANTED**

ବୟସ୍କ ଲୋକ କେୟାର, ବେବିକେୟାର ଓ ରୋଷେଇ, ଘର କାମ ପାଇଁ ତିନିଜଣ ମହିଳା ଆବଶ୍ୟକ, ଭଲ ଦରମା ମିଳିବ
6370964966

**SALE**

Booking Open 2/3 BHK Flats Price Starts from 60 Lakhs BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara & Ready to move 3 BHK Flats BHPL ARYA, Ghatikia & R.J Palace, Samantarapur, Bhubaneswar.

Contact
GADHWAL GROUP
Mob.: 9437015112

**AFFIDAVIT**

By virtue of affidavit sworn before Notary Public Puri Affidavit No.: 33, dtd. 26.06.2025 Nibedita Satapathy, D/o-Dasharathi Satapathy Bhagabanpur, Brahmagiri, Puri. I have declared that my father's name Dasharathi Satapathy and Dasarathi Satapathy is one and same person.

**AFFIDAVIT**

By virtue of an affidavit No. 321, dt. 29.5.2025 sworn before the Executive Magistrate, Rajesh Kumar Hota S/o Gangadhar Hota, P.O./P.S. Komna, Dist. Nuapada state that my daughter's actual and correct name is ARADHANA HOTA.But in her Aadhaar card no. 2745 3218 7088, her name is wrongly recorded as Annal Hota.Her name should be corrected as **ARADHANA HOTA**, D/o Rajesh Kumar Hota and Sagarika Hota.

**TO-LET**

Commercial Space available on rent for Shopping Mall, Bank, Office, Restaurant, Banquet Hall, Saloon & Spa, Gym, Godown, Rooftop restaurant and other purposes. Beside Vipul Gardens, Kalinga Nagar, Ghatikia, Bhubaneswar. Basement - 2755 sqft, Ground - 2191 sqft,1st, 2nd & 3rd floor - 2757 sqft and Terrace / Rooftop - 2755 sqft. with Anandban scenery view.

CONTACT : 6371093914

**AFFIDAVIT**

By Virtue of an affidavit sworn before P.K Mishra (O.R.S) Executive Magistrate, Balasore .Sl No- 7292 Dt- 21/06/2025.I Mallika Dei,W/o- Late. Bhagabat Jena, D/o- Late. Mushina Jena, of Village- Ghagarapal, Po- Udambar, Ps-Industrial,Dist- Balasore,Pin-756019 ,My Voter Id No-ZHO0227959 & D.O.B – 01/01/1958 .That my Name wrongly mentioned Aadhar Card – 643151138321 As Tulasi Majhi instead of Mallika Dei. I declared that Mallika Dei & Tulashi Majhi same and one person for all future purposes.

Mallika Dei

**AFFIDAVIT**

I, Smt. Sukmati Chattar, wife of Army No. 1490884A Ex-Hav Damodar Chattar residing at Vill - Baria, PO - Mananda Biunria, PS - Jashipur, Dist-Keonjhar, Odisha, have changed my name from Smt. Sukmati Chattar to Smt. Arati Chattar & Date of Birth is 11/03/1966 vide affidavit dtd. 02/05/2025 before Notary Keonjhar (Odisha). Hence Smt. Sukmati Chattar and Smt. Arati Chattar both are same and one person. Henceforth I will be known as **Smt. Arati Chattar** in all purposes.

**AFFIDAVIT**

I, Chitrasen Ananta Sahu, S/o- Ananta Sahu, resident of At- Sadasibapur VTC, PO- Gandala, PS-Hinjili, Dist- Ganjam, Pin-761003, Odisha declare by this affidavit No.575, dated- 16/06/2025 that now onwards I shall be known as **CHITRASEN SAHU** for all future purposes.

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar dated- 16/04/2025. I, **Ramesh Bhoi,** Address: At- Brahmakundal, PO- Retanga, PS- Airfield, Bhubaneswar, Dist- Khordha, Odisha declare that I have changed my minor son's name from **Om Prakash Sahoo To Om Prakash Bhoi.** Henceforth, he shall be known as **Om Prakash Bhoi** for all future purposes.

**Ramesh Bhoi**

**AFFIDAVIT**

By virtue of an affidavit before The Notary Public, Titilagarh, on dated- 25/06/2025. I, **Mukteswari Bhoi** (new name), formerly called as **Mukteswar Bhoi** (old name), D/o- Nishakanta Bhoi, Permanent resident of AT- Kotenmunda, P.O.- Bhuliasikuan, P.S. Khariar, Dist- Nuapada, (Odisha), PIN- 766107 now residing at the same place affirm that I have changed my name from **Mukteswar Bhoi** (old name) To **Mukteswari Bhoi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Mukteswari Bhoi** (new name).

**Mukteswari Bhoi**

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 26/06/2025. I, **Basanti Nag,** now lately called as **Pasanti Majhi,** Wife of Rajendra Nag, permanent resident of AT- Kumudipadar, PO- Desil, PS- Titilagarh, Dist- Balangir, (Odisha), PIN- 767033 now residing at the same place affirm that I have changed my name from **Pasanti Majhi To Basanti Nag.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Basanti Nag** (new name).

**Basanti Nag**

**AFFIDAVIT**

By virtue of an affidavit sworn before The Executive Magistrate, Champua dated- 25/06/2025. I, **Priyanka Priyadarshini Sarangi,** W/o- Shasibhusan Sarangi, currently resident of AT/PO- Nakasara, PS- Ghagarbeda, Dist- Mayurbhanj, PIN-757035, Odisha declare that I have changed my name from **Priyanka Priyadarshini Behera To Priyanka Priyadarshini Sarangi.** Henceforth, I shall be known as **Priyanka Priyadarshini Sarangi,** W/o- Shasibhusan Sarangi for all future purposes.

**Priyanka Priyadarshini Sarangi**

---

Office of the Principal
**PANCHAYAT SAMITI COLLEGE GAISILAT**
Dist.- Bargarh, Pin-768037

**Tender Call Notice**

Invited sealed quotations from deputed Farms / Agency / Vendors to supply 8.00 lakhs IT equipment's project at the college office by post /by hand on or before 30.06.2025. For more details call: - 9937145100 (Principal) as per Govt rate.

Sd/- Principal
PS College, Gaisilat

---

Office of the Principal
**SALANDI DEGREE MAHAVIDYALAYA**
UTTARABAHINI, BHADRAK – 756181
Ph. (06784) 250991, Mob. 9090209949 (Principal)
E-mail: salandidegreemv@rediffmail.com

Walk-in-Interview for male candidates for the following posts in our college – Lecturers in Pol.Sc, Economics, English, Urdu and work with at least 55% marks in P.G. in respective subjects and practical computer knowledge and one clerk with graduation and practical computer knowledge of accounting and office work for seven hours.

**Date of Interview - 14.7.2025**
**Registration - 10 AM to 11 AM**

Documents – All original certificates + matriculation onwards with complete Biodata. Principal, Salandi Degree Mahavidyalaya, Uttarabahini, Bhadrak – 756181

Sd/- Principal
SALANDI DEGREE MAHAVIDYALAYA
UTTARABAHINI, BHADRAK

---

**EASTERN INVESTMENTS LIMITED**
CIN: L65993OR1927GOI034842
Regd. Office :Plot No:255, Pristine Green, Pokhariput, Bhubaneswar-751020.

***Statement of Standalone & Consolidated Audited Financial Results For the quarter and year ended 31st March' 2025***

(Rs in lakhs)

| Sl No. | Particulars | Standalone | | | | Consolidated | | | |
|---|---|---|---|---|---|---|---|---|---|
| | | Quarter Ended | | Year Ended | | Quarter Ended | | Year Ended | |
| | | 31.03.2025 | 31.03.2024 | 31.03.2025 | 31.03.2024 | 31.03.2025 | 31.03.2024 | 31.03.2025 | 31.03.2024 |
| | | (Reviewed) | | (Audited) | | (Reviewed) | | (Audited) | |
| 1 | Total Income from Operation (including Other Income) | (19.40) | (6.90) | 44.27 | 95.56 | 2,572.79 | 5,696.03 | 13,405.00 | 17,546.53 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (41.98) | (14.59) | (44.47) | (8.00) | (3,951.42) | (57.05) | (4,119.11) | (226.91) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (41.98) | (14.59) | (44.47) | (8.00) | (3,951.42) | (57.05) | (4,119.11) | (226.91) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (29.41) | (11.57) | (28.91) | 2.10 | (3,166.75) | 239.19 | (3,518.39) | 592.46 |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | (29.41) | (11.37) | (28.91) | 2.30 | (3,173.88) | 111.36 | (3,525.52) | 464.63 |
| 6 | Net Profit attributable to Non Controlling Interests | - | - | - | | (1,580.08) | 122.32 | (1,791.41) | 255.35 |
| 7 | Net Profit attributable to Owners of the Company | - | - | - | | (1,586.67) | 116.87 | (1,726.98) | 337.11 |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 144.44 | 141.90 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,546.64 | 26,575.55 | 26,546.64 | 26,575.55 | (9,409.25) | (7,678.70) | (9,409.25) | (7,678.70) |
| 10 | Earning per share ( Rs) | | | | | | | | |
| | (i) Basic : | (2.04) | (0.80) | (2.00) | 0.15 | (111.82) | 8.24 | (121.71) | 23.76 |
| | (ii) Diluted : | (2.04) | (0.80) | (2.00) | 0.15 | (111.82) | 8.24 | (121.71) | 23.76 |

1. The above results of the Company were approved by the Board of Directors at their respective meetings held on 25-06-2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Visakhapatnam
Date: 25th June' 2025

Sd/-
(S.C.Pandey)
Managing Director-EIL

ସକାଳ
THE SAKALA

# ସମ୍ପାଦକୀୟ



ଯୁଦ୍ଧ ମାନବ ସଭ୍ୟତାକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବା ପୂର୍ବରୁ ମଣିଷ ଯୁଦ୍ଧର ସମସ୍ତ ସମ୍ଭାବନାକୁ ସମାପ୍ତ କରିଦେବା ଠିକ୍ ହେବ।
-ଜେ ଏଫ୍ କେନେଡ଼ି

## ମୂଲ୍ୟବୋଧର ସୁରକ୍ଷା

ଗତ ସାତଦିନ ମଧ୍ୟରେ ଦେଶରେ ଏଭଳି ତିନିଟି ଅଘଟଣ ଗଣମାଧ୍ୟମ ଜରିଆରେ ଲୋକଲୋଚନକୁ ଆସିଛି, ଯାହା ଆଜିର ସଭ୍ୟ ସମାଜ ଓ ଏକବିଂଶ ଶତାବ୍ଦୀର ମାନବ ସଭ୍ୟତା ପ୍ରତି ଏକ କଳଙ୍କ କହିବାର ଯଥାର୍ଥତା ରହିଛି। ଗଣମାଧ୍ୟମର ଦୃଷ୍ଟି ଆଢୁଆଳରେ ଦେଶରେ ପ୍ରତିକୋଣରେ ପ୍ରତିକ୍ଷଣରେ ଏଭଳି ଅନେକ ସ୍ପର୍ଶକାତର ଘଟଣା ଘଟୁଥିଲେ ମଧ୍ୟ ନିର୍ଯାତିତ ଓ ପୀଡ଼ିତମାନେ ଭାଗ୍ୟକୁ ଆଦରି ବଞ୍ଚିବାକୁ ବାଧ୍ୟ ହେଉଛନ୍ତି। କେଉଁଠାରେ ଦଳିତମାନଙ୍କର ଘର ପୋଡ଼ି ଦିଆଯାଉଛି ତ କେଉଁଠାରେ ନିଆଁପାଣି ବାସନ୍ଦ କରାଯାଉଛି। ଏପରିକି ପିଇବା ପାଇଁ ପାଣିରୁ ମଧ୍ୟ ବଞ୍ଚିତ କରାଯାଉଛି। ସେଥିମଧ୍ୟରୁ କାଁ ଭାଁ କେତୋଟି ଘଟଣା ଗଣମାଧ୍ୟମ ଜରିଆରେ ପ୍ରତିଫଳିତ ହେଉଛି।

ନିକଟରେ ଘଟିଥିବା ସେଭଳି ସମ୍ବେଦନଶୀଳ ଘଟଣାଗୁଡ଼ିକ ମଧ୍ୟରୁ ଗୋଟିଏ ଉତ୍ତରପ୍ରଦେଶରେ ଇଟାୱା ଜିଲ୍ଲାର ଦାଦରପୁର ଗାଁରେ ଜଣେ ଦଳିତ ବ୍ୟକ୍ତି ପ୍ରବଚନ ଦେଉଥିବା ବେଳେ ସେଥିପାଇଁ ତାଙ୍କର ଅଧିକାର ଉପରେ ପ୍ରଶ୍ନ ଉଠାଇ କିଛି ଲୋକ ତାଙ୍କୁ ଅଧାମୁଣ୍ଡନ କରିବା ଓ ପରିସ୍ରା ପିଇବାକୁ ବାଧ୍ୟ କରିବା ସହିତ ମାଡ଼ ମାରିଥିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଦ୍ୱିତୀୟ ଘଟଣା ଘଟିଛି ଓଡ଼ିଶାରେ। ଅଭିଯୋଗ ଅନୁଯାୟୀ, ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ସିଙ୍ଗିରି ଗ୍ରାମରେ ଦଳିତ ସମ୍ପ୍ରଦାୟର ଦୁଇଜଣ ବ୍ୟକ୍ତି ସେମାନଙ୍କ ଝିଅର ଶାଶୂଘରକୁ ଯୌତୁକ ଦେବା ପାଇଁ ତିନିଟି ଗାଈ ନେଇ ଯାଉଥିବା ବେଳେ କିଛି ଲୋକ ସେମାନଙ୍କୁ ଅଟକାଇ ଚାନ୍ଦା ଦାବି କରିଥିଲେ। ଚାନ୍ଦା ଦେବାକୁ ମନା କରିବାରୁ ସେମାନଙ୍କୁ ଗୋଚାଲାଣକାରୀ ଭାବେ ଅଭିଯୁକ୍ତ କରି ଅଧା ମୁଣ୍ଡନ କରାଇବା ସହିତ ନର୍ଦ୍ଦମା ପାଣି ପିଆଇବା ଏବଂ ପ୍ରାୟ ଦୁଇକିମି ପର୍ଯ୍ୟନ୍ତ ଆଣ୍ଠେଇ ଚାଲିବାକୁ ବାଧ୍ୟ କରିଥିଲେ। ଦୁଇଟିଯାକ ଘଟଣାରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିବା ସୂଚନା ଦିଆଯାଇଛି। ଓଡ଼ିଶା ଘଟଣାରେ ଦଳିତ ମହାସଭା ଆପତ୍ତି ଉଠାଇଥିବା ବେଳେ ଲୋକସଭା ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧୀ ଘଟଣାକୁ ନିନ୍ଦା କରିଛନ୍ତି। ଉତ୍ତରପ୍ରଦେଶ ଘଟଣାରେ ମାନବାଧିକାର ଆୟୋଗ ରିପୋର୍ଟ ତଲବ କରିଛନ୍ତି। ତୃତୀୟ ଘଟଣା ଘଟିଛି ଏକ ଘରୋଇ ବିମାନ ଚଳାଚଳ ସଂସ୍ଥାରେ। ବିମାନରେ ତାଲିମ ନେଉଥିବା ଜଣେ ଅଧସ୍ତନଙ୍କୁ ଉପରିସ୍ଥ ଅଧିକାରୀ ଜାତିଆଣ ଆକ୍ଷେପ କରି ନିର୍ଯାତନା ଦେଇଥିବା ଅଭିଯୋଗ ଆସିଛି। ବିମାନ ସଂସ୍ଥା ପକ୍ଷରୁ ଜାତିଆଣ ଅଭିଯୋଗକୁ ଖଣ୍ଡନ କରାଯାଇଥିଲେ ମଧ୍ୟ ପୁଲିସ୍ ଏଫ୍ଆଇଆର ବଳରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଜାତିଆଣର ଧୂଆଁ ଯେ ଶିଳ୍ପ ଓ ସମ୍ଭ୍ରାନ୍ତ ଜଗତକୁ ମଧ୍ୟ ବ୍ୟାପୀଚାଲିଛି ତାହା ଉପରୋକ୍ତ ଘଟଣାରୁ ପ୍ରମାଣିତ ହୋଇଛି।

ବିଡ଼ମ୍ବନା ହେଉଛି ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ତା'ର ସମ୍ବିଧାନର ୭୫ତମ ବର୍ଷ ପାଳନ କରୁଛି। ଦେଶ ସ୍ୱାଧୀନତାର ଅମୃତକାଳରେ ଯାତ୍ରା କରୁଛି। ରୂଢ଼ିବାଦୀ ପରମ୍ପରା ଅନ୍ଧବିଶ୍ୱାସ ଆଦିକୁ ପଛରେ ଛାଡ଼ି ବିଶ୍ୱଗୁରୁ ହେବା ପାଇଁ ଭାରତ ସ୍ୱପ୍ନ ଦେଖୁଛି। ଅଥଚ ଆଜି ମଧ୍ୟ ଆମ ସମାଜ ମଧ୍ୟଯୁଗୀୟ ରକ୍ଷଣଶୀଳତା ଓ ବର୍ବରତାରୁ ମୁକ୍ତି ପାଇନାହିଁ। ଆମ ସମ୍ବିଧାନର ଅନେକ ବିଶେଷତ୍ୱ ମଧ୍ୟରୁ ସ୍ୱତନ୍ତ୍ର ହେଲା ସମାଜର ନିମ୍ନସ୍ତରରେ ଥିବା ବର୍ଗଙ୍କ ବିକାଶ ଓ କଲ୍ୟାଣ। ଏହି ପୃଷ୍ଠଭୂମିରେ ସ୍ୱତଃ ପ୍ରଶ୍ନ ଉଠେ ଆମେ ୭୫ ବର୍ଷ ଭିତରେ ସମ୍ବିଧାନର ଏହି ମୌଳିକ ଲକ୍ଷ୍ୟ ପୂରଣ କରିବାରେ ସମର୍ଥ ହୋଇଛୁ କି? ଇଟାୱା ଓ ଧରାକୋଟ ପରି ଘଟଣା ଭିଆଇ ଆମେ ଆମ ଦେଶଶାସନ ଓ ଗଣତନ୍ତ୍ରର ପବିତ୍ର ଗ୍ରନ୍ଥ ସମ୍ବିଧାନର ସ୍ୱତଃ ଅପମାନ କରୁନାହୁଁ କି? ସଂଯୋଗବଶତଃ ଏହି ଦୁଇଟି ଯାକ ରାଜ୍ୟ ନିକଟରେ ଦେଶରେ ଜରୁରୀ ପରିସ୍ଥିତି ଜାରି ହେବାର ୫୦ ବର୍ଷ ପୂର୍ତ୍ତି ଅବସରରେ 'ସମ୍ବିଧାନ ହତ୍ୟା ଦିବସ' ପାଳନ କରିଛନ୍ତି। ତେଣୁ ଉକ୍ତ ଦିବସ ପାଳନର ଶବ୍ଦାର୍ଥ ଓ ତାତ୍ତ୍ୱିକ ଅନୁଶୀଳନ ଏବଂ ଦଳିତ ବିରୋଧୀ ଅଘଟଣକୁ ମିଶାଇ ତର୍ଜମା କଲେ ସାଧାରଣ ଭାବେ ଯେଉଁ ନିଷ୍କର୍ଷ ଆସୁଛି ତାହାର ସରଳ ଓ ସ୍ୱଷ୍ଟ ବ୍ୟାଖ୍ୟା ଜରୁରୀ ମନେ ହୁଏ।

ପ୍ରାଚୀନ କାଳରୁ ବର୍ଣ୍ଣାଶ୍ରମ ଆଧାରରେ ଗଢ଼ି ଉଠିଥିବା ଭାରତୀୟ ସାମାଜିକ ବ୍ୟବସ୍ଥା ଓ ସାଂସ୍କୃତିକ ପ୍ରଥାରୁ ଯେ ଜାତିବାଦ ବା ସବର୍ଣ୍ଣ-ଅସବର୍ଣ୍ଣ ବିବାଦ ସମ୍ପୂର୍ଣ୍ଣ ଲୋପ କରିଦିଆଯାଇପାରିବ ସେ କ୍ଷମତା ବା ସୁଯୋଗ ଆପାତତଃ କୌଣସି ଶାସନ ଓ ପ୍ରଶାସନର ଥିବା ପରି ମନେ ହେଉନାହିଁ। ତେଣୁ କୌଣସି ସରକାରଙ୍କୁ ଏଥିପାଇଁ ଆକ୍ଷେପ ବା ସମାଲୋଚନା କରିବା ବୃଥା। ଅନ୍ତତଃ ସ୍ୱାଧୀନତାର ଅମୃତକାଳ ମଧ୍ୟରେ ଜାତିବ୍ୟବସ୍ଥାରେ ପୂର୍ଣ୍ଣଚ୍ଛେଦ ପଡ଼ିବା ସମ୍ଭାବନା ଯେ ଆଦୌ ନାହିଁ, ତାହା ଆଗାମୀ ଜାତିଭିତ୍ତିକ ଜନଗଣନା ଘୋଷଣାରୁ ଜୋର ଦେଇ କହିହେଉଛି। ଆଇନ କାନୁନ ଓ ବିଧିବ୍ୟବସ୍ଥା ଯେତେ ସ୍ୱଚ୍ଛ, ସରଳ, ଉଦାର କିମ୍ବା କଠୋର ହେଲେ ମଧ୍ୟ ଆମ ଗଣତନ୍ତ୍ରର ନିର୍ବାଚନୀ-ସଂସ୍କୃତି ଜାତିବାଦକୁ ସମାପ୍ତ ହେବାକୁ ଦେବ ନାହିଁ - ଏହା ଅବଧାର୍ଯ୍ୟ। କେବଳ ଆରୋପ-ପ୍ରତ୍ୟାରୋପ, ଆଲୋଚନା-ସମାଲୋଚନା, ଆଲୋଡ଼ନ-ସମବେଦନାର କିଞ୍ଚିତ ଜଳଛିଞ୍ଚନ ଦ୍ୱାରା ଜାତିଆଣ ହିଂସା ଓ ଉତ୍ତେଜନା ସାମୟିକ ପ୍ରଶମିତ ହୋଇଯିବ ସିନା ପାଉଁଶ ତଳେ ଥିବା ନିଆଁ କେବେ ଲିଭିବ ନାହିଁ। ସମୟ ସମୟରେ ଉସୁକାଣର ପବନରେ ତାହା ପୁଣି ଅଗ୍ନିସ୍ଫୁଲିଙ୍ଗ ପାଲଟୁଥିବ ଏବଂ ଇତିହାସରେ ଗୋଟିଏ ଲେଖାଏଁ କଳଙ୍କିତ ଅଧ୍ୟାୟ ଲେଖି ଚାଲିଥିବ।

ସାମାଜିକ ବ୍ୟବସ୍ଥାରୁ ଜାତିଆଣ ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିଲୋପ ନ ହେବା ପଛରେ ଅନେକ କାରଣ ରହିଛି। କିନ୍ତୁ ଏହା ଯଦି ଉଚ୍ଚଶିକ୍ଷିତ ଓ ସଭ୍ୟ ସମାଜର ପରିଚାୟକ କର୍ପୋରେଟ୍ କ୍ଷେତ୍ରକୁ ବ୍ୟାପିଥାଏ ତେବେ ତାହାର ପ୍ରତିକାର ଏକ ଉଦ୍‌ବେଗଜନକ ଓ ଜଟିଳ ପ୍ରସଙ୍ଗ। କର୍ପୋରେଟ୍ ଅର୍ଥନୀତିରେ ଜାତିବାଦକୁ ଅନୁଶୀଳନ କରି ସମ୍ବିଧାନ ପ୍ରଣେତା ଡ. ବାବାସାହେବ ଆମ୍ବେଦକର କହିଥିଲେ ଯେ ଅର୍ଥନୀତିରେ ଜାତିବାଦ ଶ୍ରମ ବିଭକ୍ତିକରଣ(ଡିଭିଜନ୍ ଅଫ ଲେବର) ନୁହେଁ, ବରଂ ଶ୍ରମିକଙ୍କ ବିଭକ୍ତିକରଣ(ଡିଭିଜନ୍ ଅଫ ଲେବରର)। ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ ଭାରତୀୟ ସାମାଜିକ ବ୍ୟବସ୍ଥାରେ ଏଭଳି ତୀବ୍ର ବର୍ଣ୍ଣବୈଷମ୍ୟ ଓ ଜାତିଆଣ ମନୋଭାବରୁ ହିଁ ସମ୍ବିଧାନରେ ସଂରକ୍ଷଣ ବ୍ୟବସ୍ଥାଟି ଜନ୍ମ ନେଇଥିଲା, ଯାହା ହଟିବାର କୌଣସି ସମ୍ଭାବନା ଭବିଷ୍ୟତରେ ଦେଖାଯାଉନାହିଁ।

ଆମ ଧର୍ମଧାରଣା ବସୁଧୈବ କୁଟୁମ୍ବକମ୍ ଉପରେ ଆଧାରିତ। ସର୍ବଧର୍ମ ସମନ୍ୱୟ ଓ ଜାତି-ଧର୍ମ-ବର୍ଣ୍ଣ-ସମ୍ପ୍ରଦାୟ ଭାବନାର ଊର୍ଦ୍ଧ୍ୱରେ ମାନବତାର ଉଦ୍‌ଘୋଷଣା କରୁଥିବା ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ପତିତପାବନ ଜଗତରନାଥ ପତିତମାନଙ୍କୁ ଉଦ୍ଧାର କରିବା ପାଇଁ ବଡ଼ଦାଣ୍ଡକୁ ଆସିଛନ୍ତି। ଏହି ପତିତପାବନ ଯାତ୍ରାର ପବିତ୍ର ସନ୍ଦେଶ ଆମ ଜୀବନାଦର୍ଶ ହେଉ। ସବର୍ଣ୍ଣ-ଅସବର୍ଣ୍ଣ ବିଭେଦରୁ ଊର୍ଦ୍ଧ୍ୱରେ ଆମ ଦୃଷ୍ଟିକୋଣ ଓ ମାନସିକତା ମାନବବାଦୀ ହେଉ। ମାନବତାର ସୁରକ୍ଷା ହୋଇପାରିଲେ ସାମ୍ବିଧାନିକ ମୂଲ୍ୟବୋଧର ସୁରକ୍ଷା ସ୍ୱତଃ ହୋଇଯିବ।

## ଘୋଷଯାତ୍ରାରେ ଶ୍ରୀପୁରୁଷୋତ୍ତମ ଚେତନା

**ଚାରଣ ବସନ୍ତ ପଣ୍ଡା**

ଆଜି ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା। ବଡ଼ଦାଣ୍ଡରେ ଦିବ୍ୟ ଆଭରଣରେ ମଣ୍ଡିତ ହୋଇ ଝଟକୁଛନ୍ତି ତିନିରଥ। ନିର୍ଦ୍ଦେଶ ପାଇବା ମାତ୍ରେ ବ୍ରହ୍ମଲୋକ ପର୍ଯ୍ୟନ୍ତ ଅତିକ୍ରମ କରିଯିବେ। ରଥରୂଢ଼ ନୀଳାଚଳ ଶିଖା ମଣେ। କ୍ଷରଶୀଳ ଜଗତରୁ ଅତୀତ, ଅକ୍ଷର ଜୀବ ଭୂତ ଆତ୍ମାଠାରୁ ଶ୍ରେଷ୍ଠ, ସବୁର ଆଦି, ଅନ୍ତ, ମଧ୍ୟ, ପରମ- ଧାମ ଓ ଆଧାର ମଧ୍ୟ ଏହି। ଏଠି ରାଜା-ପ୍ରଜା, ଉଚ୍ଚ-ନୀଚ, ଧନୀ-ଦରିଦ୍ର, ଜାତି-ବର୍ଣ୍ଣ-ଧର୍ମ ନିର୍ବିଶେଷରେ ସମସ୍ତେ ସମାନ। କେହି ଜ୍ୟେଷ୍ଠ-ଶ୍ରେଷ୍ଠର ଅଧିକାରୀ ନୁହନ୍ତି। ସେହି କ୍ଷରାକ୍ଷରାତୀତ ଏ ପରମ ପୁରୁଷ ଜଗତର ଏକମାତ୍ର କାରଣ। ସମସ୍ତ ଚିନ୍ତା-ଚେତନାକୁ, ଧର୍ମ-ଧାରଣାକୁ ଧଣ୍ଡା ମାଳ ସମ ଗଳାରେ ଲମ୍ବାଇ ସୃଷ୍ଟି କରିଛନ୍ତି ଏକ ଧର୍ମୀୟ ମହୋଦଧି। 'ଐତିହାସିକତାର ପ୍ରମାଣ ଖୋଜ ନାହିଁ; କେବଳ ମାନବବାଦର ଆଧ୍ୟାତ୍ମିକ ଭାବନାକୁ ସାକ୍ଷ୍ୟ ରୂପେ ଗ୍ରହଣ କର' - ଏ ଭାବନା ତାଙ୍କ ସଂସ୍କୃତିରେ ପାଖୁଡ଼ା ପାଖୁଡ଼ା ହୋଇ ଉନ୍ମୋଚିତ ହୋଇଛି।

ବହୁ ଧର୍ମର ଧ୍ୱଜା ଏ ମାଟିରେ ଉଡ଼ିଛି। ବହୁ ଧର୍ମର ମହାପ୍ଲାବନ ଘଟିଛି ଏ ମାଟିରେ। ତଥାପି ତା'ର ରୂପ, ଗୁଣ, ଧର୍ମକୁ କେହି ପରିବର୍ତ୍ତନ କରିପାରି ନାହାନ୍ତି; ବରଂ ସେମାନେ ସେ ଦାରୁଦେହରେ ସ୍ୱ ସ୍ୱ ଧର୍ମର ଇଷ୍ଟକୁ ଦର୍ଶନ କରି ପ୍ରତ୍ୟେକେ ତା'କୁ ନିଜର କରି ନେଇଛନ୍ତି। ଫଳତଃ ତାହାକୁ କେନ୍ଦ୍ର କରି ଗଢ଼ି ଉଠିଛି ଏକ ବିରାଟ ସାଂସ୍କୃତିକ ସୌଧ। ସମୟର ସ୍ରୋତରେ ମହାଭାରତୀୟ ବିଚାରଧାରା, ବ୍ୟବହାରିକ ରୀତିନୀତିକୁ ନେଇ ଗଢ଼ି ଉଠିଥିବା ଆର୍ଷ ଓ ଆପ୍ତ ରୂପକ ଦୁଇଟି ପରମ୍ପରା ଦିନେ ବିପରୀତ ଦିଗରେ ଧାବିତ ହୋଇ ସରସ୍ୱତୀ ସଭ୍ୟତାଠାରୁ ଆରମ୍ଭ କରି ସରିତ ସଭ୍ୟତା ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଥିଲା। ଗୋଷ୍ଠୀ ଭାବନାକୁ କେନ୍ଦ୍ର କରି ମୈତ୍ରୀ ଭାବନା ବିବାଦରେ ପରିଣତ ହୋଇଥିଲା। ସେହି ବିବାଦର ସମାଧାନ ଏହିଠାରେ ହିଁ ସମ୍ଭବ ହୋଇଛି।

ବଡ଼ ବିଚିତ୍ର ବିଚିତ୍ର ଏହାଙ୍କ ପରମ୍ପରା। ଯେଉଁଠାରେ ଶବର, ଦିଶାରି ଓ ଆର୍ଯ୍ୟ ପୁରୋଧା ସମାନ ଭାବରେ ସ୍ୱସ୍ୱ ଆସନରେ ମର୍ଯ୍ୟାଦାବନ୍ତ ହୋଇଥା'ନ୍ତି। ଯେଣୁ ଏ ସଂସ୍କୃତିର ମୂଳମନ୍ତ୍ର ସମନ୍ୱୟବାଦ, ଏହାଙ୍କ ଯଜ୍ଞ ପ୍ରତିଷ୍ଠିତ ଅନ୍ନ(ମହାପ୍ରସାଦ) ଜାତିଭେଦ ରହିତ। ମୁକ୍ତିକାମୀ ଜନଜୀବନର ଆଲୋକବର୍ତ୍ତିକା। ଏହାଙ୍କ ନିର୍ମାଣ ଶୈଳୀକୁ ଦେଖାଯାଉ। ସବୁରି ମଧ୍ୟରେ ତାଙ୍କର ନେତ୍ରଦ୍ୱୟ। କେହି କେବେ ଏହାଙ୍କ ନେତ୍ରଦ୍ୱୟକୁ ରମଣୀୟ ନେତ୍ର କହିପାରେ? ଶାବର ପଦ୍ଧତିରେ ଏ ନେତ୍ର ଉପାସିତ ହେଉଥିଲେ ମଧ୍ୟ ସମଗ୍ର ଜଗତ୍ ଏ ନେତ୍ର ମଧ୍ୟରେ ଯେଉଁ ଚରମ ସତ୍ୟକୁ ଉଦ୍‌ଘାଟନ କରିଛି, ତାହା ହେଉଛି 'ସମ ଦୃଷ୍ଟିପାତ'। ନେତ୍ର ମଧ୍ୟସ୍ଥ ଘୂର୍ଣ୍ଣିୟମାନ ସେ ତ୍ରାଟକ ଡୋଳା, ଦଶଦିଶାକୁ ସମ ବ୍ୟବଧାନରେ ଧାବିତ ହୋଇଥାଏ। ଏଥିରୁ କ'ଣ ପ୍ରମାଣିତ ହୁଏ? ଏଥିରୁ ପ୍ରମାଣିତ ହୁଏ ଏ ଦ୍ରଷ୍ଟା ନିରପେକ୍ଷ ଭେଦଭାବରହିତ। ଅଙ୍ଗୁଳିଯୁକ୍ତ ହସ୍ତ ଦଣ୍ଡ ନିର୍ଦ୍ଦିଷ୍ଟ ବସ୍ତୁକୁ ସ୍ପର୍ଶ ଜନିତ ସୁଖ ପ୍ରଦାନ କରିଥାଏ। ମାତ୍ର ଅଙ୍ଗୁଳି ବିହୀନ ହସ୍ତ ସାର୍ବଜନୀନ ସୁଖ ଦିଏ, ଯାହାକି ସଦା ନିରପେକ୍ଷତା ଉପରେ ପ୍ରତିଷ୍ଠିତ।

ଏବେ ଏହାଙ୍କ ସୃଷ୍ଟିରେ ବିରଳ ଦର୍ଶନ ବିଧିକୁ ଦେଖାଯାଉ। ଦେଖିଛ କେଉଁଠାରେ ସାଧକ ତା'ର ସାଧ୍ୟକୁ କୋଳ କରିବାର ପଦ୍ଧତି? ଉପାସ୍ୟ ତା'ର ଉପାସକକୁ ଆଲିଙ୍ଗନ କରିବାର ଭାବଭଙ୍ଗୀ? ଏଥିରେ ଜାତି-ଅଜାତି, ସ୍ପୃଶ୍ୟ-ଅସ୍ପୃଶ୍ୟର ହୀନମାନ୍ୟତା ଭାବ ନାହିଁ। ଏବେ ଦେଖିବା ବର୍ଣ୍ଣ ବା ରଙ୍ଗ ଭେଦ। ସମଗ୍ର ବିଶ୍ୱବାସୀଙ୍କୁ ତିନି ଗୋଟି ବର୍ଣ୍ଣ (ରଙ୍ଗ) ଭେଦରେ ବିଭକ୍ତ କରାଯାଇପାରେ - ଶ୍ୱେତ, ପୀତ, କୃଷ୍ଣ। ତାହାର ଏକତ୍ରୀକରଣ ଶ୍ରୀପୁରୁଷୋତ୍ତମ ଚେତନାରେ ସମ୍ଭବ ହୋଇପାରିଛି। ଏହାଦ୍ୱାରା ସମଗ୍ର ବିଶ୍ୱରେ ମୁଣ୍ଡଟେକି ଉଠୁଥିବା ବର୍ଣ୍ଣଭେଦ ଭାବ ଏଠାରେ ବିଲୟ ଘଟିଛି। ପ୍ରକାରାନ୍ତରେ ଶ୍ରୀପୁରୁଷୋତ୍ତମ ଚିନ୍ତନ ଘୋଷଣା କରୁଛି - ବର୍ଣ୍ଣବୈଷମ୍ୟ ଜନିତ ଭାବନାକୁ ମନ ମଧ୍ୟରୁ ପରିହାର କରି ଭ୍ରାତୃତ୍ୱର ଶୃଙ୍ଖଳାରେ ସମସ୍ତେ ଆବଦ୍ଧ ହୁଅ।

ମଣିଷ ମନରେ ପୂର୍ଣ୍ଣତା ଆସେ, ଯେବେ ତା'ର ମନ ମଧ୍ୟରେ ସହନଶୀଳତାର ଭାବ ସାର୍ଥକ ଲଭେ। ଅର୍ଥାତ୍ ଯେତେବେଳେ ସେ ଦୀପ୍ତତା ସହିତ ସହନଶୀଳତାକୁ ସମଞ୍ଜାନ କରେ। ଏପରି ଧାରା କେବଳ ଶ୍ରୀପୁରୁଷୋତ୍ତମ ଜଗନ୍ନାଥ ସଂସ୍କୃତିରେ ପ୍ରତିଭାତ ହେଉଛି। ଏଠାରେ ସୃଷ୍ଟି ବିଚାର ଧାରାକୁ ପର୍ଯ୍ୟାଲୋଚନା କରାଯାଉ। ଜଗତରେ ଯେତେ ପଦାର୍ଥ ଅଛି, ତା'କୁ ଯଦି ଅଗ୍ନିରେ ନିକ୍ଷେପ କରିବା ତା'ର ଏକ ପାର୍ଶ୍ୱ ଉତ୍ତପ୍ତ ହେଲେ ଅପର ପାର୍ଶ୍ୱ ତାପ ପ୍ରଦାନ କରିବ। ମାତ୍ର ସମଗ୍ର ଜଗତରେ ଏକମାତ୍ର ଦାରୁ (କାଷ୍ଠ)କୁ ଯଦି ସେହି ପକ୍ରିୟାରେ ଦେଖାଯାଏ, ତେବେ ତା'ର ଏକ ପାର୍ଶ୍ୱ ଉତ୍ତପ୍ତ (ଜଳୁଥିବା) ହେଉଥିବା ସମୟେ ପାରପାର୍ଶ୍ୱ ଶୀତଳତା ପ୍ରଦାନ କରୁଥିବ। ତେଣୁ ଜଡ଼ ଓ ଚେତନା ମଧ୍ୟରେ ସମନ୍ୱୟ ରକ୍ଷା କରେ ଶ୍ରୀପୁରୁଷୋତ୍ତମ ସଂସ୍କୃତି, ଯାହାର ପଟ୍ଟାନ୍ତର ନାହିଁ। ଏ ଚିନ୍ତନକୁ ଭୁବନବିଦିତ କରିବା ପାଇଁ ସ୍ୱୟଂ ଦେବାଧିଦେବରାଜ ଆପଣାର ବାପୁକୁ ଦାରୁରେ ନିର୍ମାଣ କରାଇଛନ୍ତି।

ସେବା ଭାବକୁ ଦେଖିବା। ଆର୍ଯ୍ୟ ମତବାଦର ପ୍ରବର୍ତ୍ତକ ରାଜଶ୍ରୀ ଇନ୍ଦ୍ରଦ୍ୟୁମ୍ନ ଯଦି ଶାବରମାନଙ୍କୁ ଯଥାମାନ୍ୟ ମର୍ଯ୍ୟାଦା ଦେଇ ସେମାନଙ୍କୁ ତୃପ୍ତ କରିବାର ଅଭିଳାଷ ମନରେ ପୋଷଣ କରିଥା'ନ୍ତେ, ତେବେ ତାଙ୍କୁ ମହାପ୍ରଭୁଙ୍କ ବହୁ ମହାର୍ଘ୍ୟ ସେବା ମିଳି ପାରିଥା'ନ୍ତା। ପରନ୍ତୁ ଏ ପ୍ରତିଷ୍ଠାପକ ଶକ୍ତି ସମାଜର ସର୍ବକନିଷ୍ଠ ସେବା(ମାର୍ଜନୀ)କୁ ଆଦରି ନେଲେ କାହିଁକି? ପରକ୍ଷଣରେ ସେ ମହାଭାଗ ପ୍ରମାଣ କରିଦେଇ ଗଲେ ସମାଜର ସର୍ବୋଚ୍ଚ ଆସନରେ ଯେ ଆସୀନ ହେବ ସେ ସମାଜର ସର୍ବନିମ୍ନ ସେବାର ଆଦର୍ଶକୁ ଗ୍ରହଣ କରିବା ଉଚିତ୍। ସୃଷ୍ଟିର ଆଦିମ ଚିନ୍ତା ଏହି କି, କନିଷ୍ଠକୁ ତଥା ତାଙ୍କର ମହତ୍ତ୍ୱକୁ ପ୍ରତିଷ୍ଠା କରାଇବା ଜ୍ୟେଷ୍ଠର ପ୍ରଧାନ କର୍ତ୍ତବ୍ୟ। ତେଣୁ ଏ ଭାବ ଧାରାକୁ ଲୋକଲୋଚନରେ ପରିପ୍ରକାଶ କରିବା ପାଇଁ ସ୍ୱୟଂ ମହାପ୍ରଭୁ ତଳେ ରହି ପ୍ରାସାଦର ସର୍ବୋଚ୍ଚ ଶିଖରରେ ଦେବାୟୁଧ ସୁଦର୍ଶନଙ୍କୁ ସ୍ଥାନ ଦେଇ ତାହାଙ୍କ ନିକଟରେ ଜଗତର କଲ୍ୟାଣକାରୀ ବାଣୀକୁ ଉଦ୍‌ଘୋଷଣା କରାଉଛନ୍ତି। ଏ ସଂସ୍କୃତିରେ ଭାଇ-ଭଉଣୀ ମଧ୍ୟରେ ଯେଉଁ ଅପ୍ରାକୃତ ସ୍ନେହ, ପ୍ରେମ ତା'ର ସର୍ବବାଦୀ ଦର୍ଶନର ଚରମ ନିଦର୍ଶନ ମଧ୍ୟ ପ୍ରତିଷ୍ଠା ଲାଭ କରିଛି। ଏହି ଭାବଧାରାକୁ ଆଜି ସକଳ ମାନବ ସମାଜ ଆଦରି ନେବା ଉଚିତ୍।

ପରିଶେଷରେ ଏତିକି କୁହାଯାଇପାରେ ଯେ ଏ ସଂସ୍କୃତିରେ ସଦାସର୍ବଦା ଧର୍ମନିରପେକ୍ଷତା, ଧର୍ମସହବସ୍ଥାନ, ସମନ୍ୱୟବାଦୀ ଦର୍ଶନ, ନିରହଙ୍କାରିତା, ଶାନ୍ତି, ମୈତ୍ରୀ, ପ୍ରୀତି ଓ ସଂହତିର ଘଟିଛି ପୁଷ୍କଳ ପରିପ୍ରକାଶ, ଯହାକି କୋଣସି ଶାସକ ଆପଣାର କ୍ଷମତା ବଳରେ ଏହାକୁ ପ୍ରତିଷ୍ଠା କରିନାହିଁ, ବରଂ ଏହା ଶତାବ୍ଦୀ ଶତାବ୍ଦୀ ଧରି ସାଧନା, ପରୀକ୍ଷା, ନିରୀକ୍ଷା ମଧ୍ୟରେ ଗତିକରି ପରିପକ୍ୱତା ଲାଭ କରିଛି। ପରବର୍ତ୍ତୀ ସମୟରେ ଆତ୍ମୀୟତା ଓ ବିଶ୍ୱାସର ଶାଶ୍ୱତ ଧାରାରେ ରୂପ ନେଇଛି ଏକ ଗଣଧର୍ମର। ପୁରୁଷୋତ୍ତମ ଜଗନ୍ନାଥ ଉକ୍ତ ଚେତନା/ଧର୍ମର ମୂର୍ତ୍ତିମନ୍ତ ପ୍ରତୀକ। ଜାତୀୟ ସଂହତି ରକ୍ଷାର ଦୃଢ଼ କବଚ। ସେ ଏକ ସ୍ୱଚ୍ଛ ମୁକୁର, ଯେଉଁଥିରେ ପ୍ରତିବିମ୍ବିତ ହୁଏ ମହାନ୍ ଐତିହ୍ୟ ତଥା ସୁସଂହତ ଭାବନାର, ଆଧ୍ୟାତ୍ମିକ ଉଦାରତାର, ମୈତ୍ରୀ ଚେତନାର, ବିଶ୍ୱ ଭ୍ରାତୃତ୍ୱର। ମାନବିକ ଐକ୍ୟ, ସାମ୍ୟ ତଥା ସମନ୍ୱୟବାଦ, ଜାତୀୟ ସଂହତି, ମାନବିକତା ଏବଂ ସୁସ୍ଥ ସାମାଜିକ ପରମ୍ପରାର ସନ୍ଦେଶ ଏହି ମହାନ ସଂସ୍କୃତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଘୋଷ ଯାତ୍ରା ଅବକାଶରେ ସତେଯେପରି ସୂକ୍ଷ୍ମ ଶ୍ରୁତି ଲଭ୍ୟ ଜ୍ଞାନରେ ଶୁଣାଉଛନ୍ତି - ହେ ବିଶ୍ୱ ମାନବ ଗଣ! ପରସ୍ପର ମଧ୍ୟରୁ ଭେଦଭାବ ଭୁଲି ସ୍ନେହର ବନ୍ଧନରେ ଆବଦ୍ଧ ହୁଅ। ସଂଘବଦ୍ଧ ଭାବରେ ମୈତ୍ରୀ ଭାବନାରେ ପରସ୍ପରକୁ କୋଳାଗ୍ରତ କର। କାରଣ ମୈତ୍ରୀ ପ୍ରଣୋଦିତ ଜନସଂହତି ବିନା ରାଷ୍ଟ୍ରସଂହତି ରକ୍ଷା ଅସମ୍ଭବ। ତେଣୁ ଐକ୍ୟବଦ୍ଧ ହୁଅ। ଏହାଦ୍ୱାରା ରାଷ୍ଟ୍ରୀୟ ମହତ୍ତ୍ୱ ପ୍ରତିଷ୍ଠା ହେବ। ମାନବିକତାର ଅମୀୟ ଧାରା ସର୍ବତ୍ର ପ୍ରବାହିତ ହେବ।

ପଦ୍ମଶ୍ରୀ ରଥଶର୍ମାଙ୍କ ଭାଷାରେ, ଶ୍ରୀଜଗନ୍ନାଥ ସଂସ୍କୃତି କେଉଁ ସ୍ମରଣାତୀତ କାଳରୁ ମହାଭାରତୀୟ ସନାତନ ଚିନ୍ତନରେ ଏକ ସାଂସ୍କୃତିକ ପିଣ୍ଡି, ଯେଉଁଥିରେ ବୈଦିକ ବିଚାର, ବ୍ରହ୍ମ ଜିଜ୍ଞାସାର ସିଦ୍ଧାନ୍ତ, ତାନ୍ତ୍ରିକ ଆଚରଣ ବିଧି, ପୌରାଣିକ ଆଦର୍ଶ ଗତ ଆଖ୍ୟାୟିକା ସ୍ତର ବିସ୍ତାରିତ ହୋଇଛି। ତାଦୃଶୀ ତାଙ୍କର ଘୋଷଯାତ୍ରା। ଆଜି ଜଗତ ଯୋଡ଼ହସ୍ତ ହୋଇ ପ୍ରାର୍ଥନା କରୁଛି - ହେ ମହାପ୍ରଭୁ! ତୁମେ ହିଁ ଜଗତର କାରଣ। ଜୟ ଜଗନ୍ନାଥ!


ନୟାଗଡ଼, ମୋ: ୯୨୩୭୦୯୫୨୪୯

## ଓଡ଼ିଆ ଭାଷା ଓ ସାହିତ୍ୟର ଭବିଷ୍ୟତ

**ମଦନ ମୋହନ ମହାପାତ୍ର**

ବର୍ତ୍ତମାନ ବିଶ୍ୱ ଜନମାନସ ଆଗ ଭଳି ସାହିତ୍ୟାନୁରାଗୀ ନୁହେଁ। ବର୍ତ୍ତମାନ ସାହିତ୍ୟ ପଛ ଧାଡ଼ିରେ। ଆଗରେ ଅଛି -ଏସ.ଟି.ଇ.ଏମ.(ସାଇନ୍ସ-ବିଜ୍ଞାନ, ଟେକ୍‌ନୋଲଜି-ବୈଷୟିକ ଜ୍ଞାନକୌଶଳ, ଇଞ୍ଜିନିୟରିଂ-ଯାନ୍ତ୍ରିକ ବିଦ୍ୟା, ମ୍ୟାଥମେଟିକ୍ସ-ଗଣିତ)। ଆମେରିକା, ଚୀନ ଆଦି ବିକଶିତ ଦେଶମାନେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ଏବଂ ଆଜିର ଦୁନିଆ ସହିତ ତାଳ ଦେଇ ନିଜକୁ ବଞ୍ଚାଇ ରଖିବାକୁ ହେଲେ ଏହା ଉପରେ ଗୁରୁତ୍ୱ ଦେବା ମଧ୍ୟ ଜରୁରୀ ହେଇପଡ଼ିଛି।

ଜେଡ ଜେନେରେସନର କ୍ୱଚିତ ପିଲା (୧୩ ରୁ ୨୮ ବର୍ଷ ବୟସ) କ୍ଲାସିକ କିମ୍ବା ସମସାମୟିକ ସାହିତ୍ୟ ପଢ଼ନ୍ତି ବା କୌଣସି ପ୍ରତିଷ୍ଠିତ ସାହିତ୍ୟିକଙ୍କୁ ଜାଣନ୍ତି। କେବଳ ବେବି ବୁମର୍ସ (ଜନ୍ମ ୧୯୪୬-୧୯୬୪) ଏବଂ ଜେନ ଏକ୍ସ (ଜନ୍ମ ୧୯୬୫-୧୯୮୦)ମାନେ ସାହିତ୍ୟ ପାଠକ ବର୍ଗର ଅଟନ୍ତି। ଅର୍ଥାତ ସାହିତ୍ୟ ଧାରାରେ ନୂଆ ପିଢ଼ିର ଉପସ୍ଥିତି ନଗଣ୍ୟ। ଏହାର ପ୍ରଭାବ ଓଡ଼ିଶାରେ ମଧ୍ୟ ଅନୁଭୂତ ହେବା ସ୍ୱାଭାବିକ। ଏଠାରେ ସାଧାରଣ ସାହିତ୍ୟ ପାଠକଙ୍କ ସଂଖ୍ୟା ଖୁବ କମ ଏବଂ ପ୍ରାୟତଃ ବୟସ୍କ କବି ଓ ଲେଖକମାନେ ହିଁ ପରସ୍ପରର କୃତି ପଢ଼ିବାର ଦେଖାଯାଇଥାଏ। ସାଧାରଣ ଲୋକଙ୍କର ସାହିତ୍ୟ ସହିତ ସମ୍ପର୍କ କେବଳ ଇଲେକ୍ଟ୍ରୋନିକ ମିଡିଆର କିଛି ସୋପ ଅପେରା, ଲଘୁ ସଙ୍ଗୀତ, ଶସ୍ତା ଧାରାବାହିକ ଓ ଫର୍ମୁଲା ଚଳଚ୍ଚିତ୍ରରେ ସୀମିତ ହେଇ ରହିଯାଉଛି। ଅପରପକ୍ଷରେ ଉନ୍ନତମାନର ଓଡ଼ିଆ ଚଳଚ୍ଚିତ୍ର, ଲଘୁ ସଙ୍ଗୀତ ଓ ଧାରାବାହିକ ଅଭାବରେ ଓଡ଼ିଶାର ଦର୍ଶକମାନଙ୍କ ନିକଟରେ ଦିନକୁ ଦିନ ଅନ୍ୟାନ୍ୟ ଭାଷାର ଚଳଚ୍ଚିତ୍ର ଓ ଲଘୁ ସଙ୍ଗୀତର ଚାହିଦା ବୃଦ୍ଧି ପାଇବାରେ ଲାଗିଛି।




ଏ ତ ଗଲା ସାହିତ୍ୟ କଥା। ଭାଷାକୁ ଆସିବା। ଏ ବିଷୟରେ ତର୍ଜମା କଲା ବେଳେ ଓଡ଼ିଆ ଭାଷାର ଭବିଷ୍ୟତ ସେତେ ଉଜ୍ୱଳ ଦେଖାଯାଏ ନାହିଁ। ପୃଥିବୀର ପ୍ରାୟ ୮୨୨ କୋଟି ଲୋକଙ୍କ ଭିତରୁ ଇଂରାଜୀ ଭାଷାଭାଷୀ ମାତ୍ର ୩୯ କୋଟି ବା ୪.୭%। କିନ୍ତୁ ପୃଥିବୀର ପାଖାପାଖି ୧୫୩ କୋଟି ବା ୧୮.୬% ଲୋକ ଇଂରାଜୀ ବ୍ୟବହାର କରନ୍ତି, ଯାହାକି ସର୍ବାଧିକ ବ୍ୟବହୃତ ଭାଷାର ମାନ୍ୟତା ପାଇଚାଲିଛି। ପ୍ରାୟ ୫ କୋଟି ଓଡ଼ିଆ ବିଶ୍ୱ ଜନସଂଖ୍ୟାର ପାଖାପାଖି ୦.୬ ଭାଗ। କିନ୍ତୁ ସେମାନଙ୍କ ମଧ୍ୟରୁ କେବଳ ୮୨ ଭାଗ ଲୋକଙ୍କର ମୁଖ୍ୟ ବ୍ୟବହୃତ ଭାଷା ଓଡ଼ିଆ। ଓଡ଼ିଶା ବାହାରେ ରହୁଥିବା ଖୁବ କମ ଲୋକ ଓଡ଼ିଆ ବୁଝିପାରନ୍ତି।

ଦିନକୁ ଦିନ ଅଣଇଂରାଜୀ ଭାଷାଭାଷୀ ଦେଶ (ଭାରତ, ଚୀନ, ଜର୍ମାନୀ, ନେଦରଲାଣ୍ଡ ସମେତ ଅନ୍ୟ ଏସୀୟ ଓ ଆଫ୍ରିକୀୟ ଦେଶ)ମାନଙ୍କରେ ଇଂରାଜୀ ଭାଷାର ପ୍ରଚାର ପ୍ରସାର ବଢ଼ି ଚାଲିଛି। ସମଗ୍ର ବିଶ୍ୱରେ କେବଳ ଇଂରାଜୀ ହିଁ ସାଧାରଣ ଭାବ ବିନିମୟ ଓ ଶିକ୍ଷାର ମାଧ୍ୟମ ହେବାକୁ ବସିଛି। କାରଣ ଇଂରାଜୀ ଭିନ୍ନ ଅନ୍ୟ ଭାଷାରେ ବିଜ୍ଞାନ, ବୈଷୟିକ ଜ୍ଞାନକୌଶଳ ଓ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ବିଷୟରେ ଜ୍ଞାନ ଆହରଣ କରିବା ଏବଂ ବୈଜ୍ଞାନିକ, ଯୁକ୍ତିବାଦୀ ଆଧୁନିକ ମଣିଷର ଭାବାବେଗକୁ ପ୍ରକାଶ କରିବା କଷ୍ଟକର। ସେଥିପାଇଁ ଦୈନନ୍ଦିନ ଜୀବନଚର୍ଯ୍ୟାରେ ଇଂରାଜୀ ଶବ୍ଦ ଓ ଭାଷାର ପ୍ରଚଳନ ଅପରିହାର୍ଯ୍ୟ ହେଇପଡ଼ିଛି।

ଓଡ଼ିଆ ମାଧ୍ୟମରେ ପିଲାମାନେ ଶିକ୍ଷା ଗ୍ରହଣ କରିବାକୁ ଅନିଚ୍ଛୁକ। ଓଡ଼ିଆ ମାଧ୍ୟମରେ ଦଶମ ଯାଏଁ ପଢ଼ିଥିବା ଏବେକାର ଅନେକ ଓଡ଼ିଆ ପିଲା ହିନ୍ଦୀ ଓ ସଂସ୍କୃତ ବିଷୟକୁ ତୃତୀୟ ଭାଷା ଭାବେ ନେଇ ପଢ଼ନ୍ତି। ଅପରପକ୍ଷରେ ଓଡ଼ିଆ କିମ୍ବା ଅନ୍ୟ ଭାରତୀୟ ଭାଷା ଠିକ ଭାବେ ପଢ଼ି ବା ବୁଝି ପାରୁ ନ ଥିବା ବେଳେ ପ୍ରତ୍ୟେକ କାମ ପାଇଁ କେବଳ ଇଂରାଜୀକୁ ହିଁ ଏକମାତ୍ର ବିକଳ୍ପ ଭାଷା ଭାବେ ବାଛି ନେଇଥିବାର ପ୍ରତ୍ୟକ୍ଷ ଅନୁଭୂତି ଲେଖକର ରହିଛି। ବର୍ତ୍ତମାନ ପିଢ଼ି ସାମ୍ନାରେ ପ୍ରଶ୍ନବାଚୀ - ଯଦି ସେମାନେ ଇଂରାଜୀରେ ମେଲ କରିବେ, ମେସେଜ କରିବେ, ଚାଟିଙ୍ଗ କରିବେ, ପାଠ ପଢ଼ିବେ, ସାକ୍ଷାତକାର ଦେବେ, ଅଫିସ କାମ କରିବେ, ମନୋରଞ୍ଜନ ପାଇଁ ଇଂରାଜୀ ଚଳଚ୍ଚିତ୍ର ଦେଖିବେ ତେବେ ଓଡ଼ିଆ ପଢ଼ିବେ କାହିଁକି? ଆଉ ବିନା ଭାଷାଜ୍ଞାନରେ ସାହିତ୍ୟର ଗଭୀରତାକୁ ଜଣେ ଛୁଇଁବ କେମିତି?

ଓଡ଼ିଆ ସାହିତ୍ୟର ପାଠକୀୟତା ଓ ଓଡ଼ିଆ ଭାଷାର ଗ୍ରହଣୀୟତାରେ ବୃଦ୍ଧି ନଘଟିଲେ ଏହାର ଆୟୁଷ ବେଶୀ ଦିନ ନୁହେଁ। ଏକଦା ମହାନ ଭାଷାର ମାନ୍ୟତା ପାଇଥିବା ସଂସ୍କୃତର ଅବସ୍ଥା ଏବେ ଯାହା, ସେହି ଅବସ୍ଥା ଭବିଷ୍ୟତରେ ଓଡ଼ିଆ ଭାଷା ଭୋଗିବାକୁ ଯାଉଛି। ତେଣୁ ଏ ସମୟ ଓଡ଼ିଆ ସାହିତ୍ୟର ଆଲୋଚକ, ପ୍ରକାଶକ ଓ ଲେଖକମାନଙ୍କ ପାଇଁ ଏକ ଆହ୍ୱାନର ସମୟ। ନୂତନ ପିଢ଼ିକୁ ଓଡ଼ିଆ ଭାଷା ଓ ସାହିତ୍ୟ ଅନୁରାଗୀ କରାଇବାକୁ ହେଲେ ଯୁବ ପିଢ଼ିର ରୁଚି, ଚିନ୍ତା, ଚେତନା, ସମସ୍ୟା ଓ ଆବଶ୍ୟକତାକୁ ଆଖି ଆଗରେ ରଖି ସଂକ୍ଷିପ୍ତ, ବୋଧଗମ୍ୟ, ସରଳ, ଭାବଗର୍ଭକ ଓ ଯୁଗପୋଯୋଗୀ ସାହିତ୍ୟ କୃତିକୁ ପ୍ରୋତ୍ସାହନ ଦେବା ସହିତ ଭାଷାର ଶବ୍ଦକୋଷରେ ସାମ୍ପ୍ରତିକ ମାନବୀୟ ଭାବର ପ୍ରକାଶଯୋଗ୍ୟ ଯଥେଷ୍ଟ ଶବ୍ଦ ରହିବା ଦରକାର। ସେଥିପାଇଁ ହୀନମନ୍ୟତା, ଗତାନୁଗତିକତା, ରକ୍ଷଣଶୀଳତା ଓ ଗୋଷ୍ଠୀ ପ୍ରତିଯୋଗିତାରୁ ଊର୍ଦ୍ଧ୍ୱକୁ ଆସି କାମ କଲେ ହୁଏତ ଓଡ଼ିଆ ଭାଷା ଓ ସାହିତ୍ୟକୁ ଆଗାମୀ ପିଢ଼ି ଯାଏ ବଞ୍ଚିବାରେ ସାହାଯ୍ୟ କରି ହୁଅନ୍ତା।

ଭୁବନେଶ୍ୱର, ମୋ: ୯୮୯୨୦୦୦୨୨୪

## ଡାକ୍ତର ହନୁମାନ

**ଓଜସ୍ୱିନୀ**

*ନାସୈ ରୋଗ ହରୈ ସବ୍ ପିରା, ଜୋ ସୁମିରୈ ହନୁମତ ବଲବୀରା... ।*

ସଦାସର୍ବଦା ପବନସୁତ ହନୁମାନଙ୍କ ଚିନ୍ତନ, ସ୍ମରଣ ଓ ନାମ ସ୍ମରଣ କରିବା ଦ୍ୱାରା ସବୁ ଦୁଃଖକଷ୍ଟରୁ ମୁକ୍ତି ମିଳିବା ସହିତ ସମସ୍ତ ରୋଗ ନାଶ ହୋଇଥାଏ। ହନୁମାନ ଚାଲିଶାର ଏହି ଦୋହା ଏବେ ପ୍ରତ୍ୟକ୍ଷ ପ୍ରମାଣିତ ହୋଇପାରିଛି। ଅଞ୍ଜନିସୂତ ହନୁମାନ ଡାକ୍ତର ବେଶରେ ପୂଜା ପାଉଛନ୍ତି ଏବଂ ଏହି ମନ୍ଦିରକୁ ଆସୁଥିବା ରୋଗୀମାନେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଫେରୁଛନ୍ତି। ଏପରିକି କର୍କଟ, ଟିବି, ଅଲ୍‌ସର୍ ଭଳି ଦୁରାରୋଗ୍ୟ ମଧ୍ୟ ଏଠାରେ ସମ୍ପୂର୍ଣ୍ଣ ଭଲ ହୋଇପାରୁଛି। ବର୍ତ୍ତମାନ ଚିକିତ୍ସା ବିଜ୍ଞାନ ଆଗରେ କର୍କଟରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଏକ ଆହ୍ୱାନ ପାଲଟିଥିବା ବେଳେ ଭଗବାନଙ୍କ ପ୍ରତି ଭକ୍ତର ବିଶ୍ୱାସ ଏ କ୍ଷେତ୍ରରେ ବିଜୟଲାଭ କରିଛି। ଡାକ୍ତର ହନୁମାନଙ୍କ କୃପାରୁ କର୍କଟ ରୋଗୀ ପୁନର୍ଜନ୍ମ ପାଉଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଡାକ୍ତର ହନୁମାନ ମନ୍ଦିର ନାମରେ ପ୍ରସିଦ୍ଧ ଏହି ମଠ ମଧ୍ୟପ୍ରଦେଶସ୍ଥିତ ଭିଣ୍ଡ ଜିଲ୍ଲାର ଦଂଦରୋଆଠାରେ ଅଛି। ଏଠାରେ ହନୁମାନଙ୍କ ମୂର୍ତ୍ତି ନୃତ୍ୟ ମୁଦ୍ରାରେ ଥିବା ଭଳି ପ୍ରତୀତ ହୋଇଥାଏ। ଭାରତର କେବଳ ଏହି ସ୍ଥାନରେ ହିଁ ହନୁମାନଙ୍କ ମୂର୍ତ୍ତି ନୃତ୍ୟରତ ସ୍ୱରୂପରେ ଅଛି ବୋଲି ଗବେଷକମାନେ ମତ ଦେଇଥା'ନ୍ତି। ମନ୍ଦିର ସମ୍ପର୍କିତ ପ୍ରଚଳିତ କିମ୍ବଦନ୍ତୀ ଅନୁସାରେ ଏକଦା ଏଠାରେ ଶିବକୁମାର ଦାସ ନାମକ ଜଣେ ସାଧୁ ସାଧନା କରୁଥିଲେ। ପରବର୍ତ୍ତୀ ସମୟରେ ସେ କର୍କଟ ରୋଗରେ ପୀଡ଼ିତ ହେଲେ। ସେ ହନୁମାନଙ୍କର ପରମ ଭକ୍ତ ଥିଲେ ଏବଂ ପ୍ରତିଦିନ ମନ୍ଦିରକୁ ଆସି ନିଷ୍ଠାପୂର୍ବକ ରୁଦ୍ରାବତାରଙ୍କ ପୂଜାର୍ଚ୍ଚନା କରୁଥିଲେ। ତାଙ୍କର ପୂଜାର୍ଚ୍ଚନା ଓ ଭକ୍ତିରେ ସନ୍ତୁଷ୍ଟ ହୋଇ ଦିନେ ହନୁମାନ ତାଙ୍କୁ ଡାକ୍ତର ରୂପରେ ଦର୍ଶନ ଦେଲେ। ସେଦିନ ଶିବକୁମାର ଦାସ ସମ୍ପୂର୍ଣ୍ଣ ଭାବେ କର୍କଟରୁ ଆରୋଗ୍ୟ ଲାଭ କଲେ।




ଏହି ଖବର ସ୍ଥାନୀୟ ଅଞ୍ଚଳରେ ପ୍ରଚାରିତ ହେବା ପରେ ଲୋକମାନେ ହନୁମାନ ମୂର୍ତ୍ତିକୁ ଡାକ୍ତର ବେଶରେ ପୂଜା କରିବା ଆରମ୍ଭ କଲେ। ୩୦୦ ବର୍ଷ ପୁରୁଣା ଏହି ହନୁମାନଙ୍କ ମୂର୍ତ୍ତି ଗୋଟିଏ ନିମ୍ବ ଗଛ ତଳେ ଲୁଚି ରହିଥିଲା। ଗଛକୁ କାଟି ମୂର୍ତ୍ତିକୁ ଉଦ୍ଧାର କରିବା ପରେ ଦେଖାଗଲା ଯେ ହନୁମାନଙ୍କ ଏହି ମୂର୍ତ୍ତି ଗୋପାଙ୍ଗନା ରୂପରେ ନୃତ୍ୟ ମୁଦ୍ରାରେ ଅଛି। ସେହିଦିନଠାରୁ ନୃତ୍ୟରତ ମୁଦ୍ରାରେ ଥିବା ହନୁମାନଙ୍କୁ ଡାକ୍ତର ବେଶ କରାଇ ପୂଜାର୍ଚ୍ଚନା କରାଯାଉଛି। ଏଠାରେ ଭକ୍ତମାନେ ଶୁଦ୍ଧପୂତ ଭକ୍ତିରେ ହନୁମାନଙ୍କୁ ପୂଜା କରିବା ଦ୍ୱାରା କର୍କଟ ସହିତ ଅନ୍ୟ ଦୁରାରୋଗରୁ ମଧ୍ୟ ମୁକ୍ତି ପାଇଥା'ନ୍ତି ବୋଲି ଦୃଢ଼ ବିଶ୍ୱାସ ରହିଛି। ଏଠାରେ ଭକ୍ତମାନେ ୫ କିମ୍ବା ୭ଟି ମଙ୍ଗଳବାର କିମ୍ବା ଶନିବାର ନିରନ୍ତର ପରିକ୍ରମା କରିବାର ସଂକଳ୍ପ ନେଇଥା'ନ୍ତି। ଡାକ୍ତର ହନୁମାନଙ୍କ ଦର୍ଶନ ଓ ମନ୍ଦିରର ପରିକ୍ରମା କରିବା ପରେ ଭକ୍ତମାନଙ୍କୁ ପ୍ରସାଦ ଭାବେ ବିଭୂତି ଓ ପାଦୁକା ପାଣି ଦିଆଯାଏ। ଏହାକୁ ସେବନ କରିବା ପରେ ରୋଗୀମାନେ ସମ୍ପୂର୍ଣ୍ଣ ସୁସ୍ଥତା ଲାଭ କରିଥା'ନ୍ତି। ମାନସିକ ପୂରଣ ହେବା ପରେ ଏଠାରେ ସତ୍ୟନାରାୟଣ ପୂଜା ଅନୁଷ୍ଠାନ ଆୟୋଜନ କରାଯାଏ।

ଭାରତର ବିଭିନ୍ନ ଅଞ୍ଚଳ ସମେତ ବିଦେଶରୁ ମଧ୍ୟ ଅନେକ କର୍କଟ ରୋଗୀ ଏହି ପ୍ରାଣଘାତୀ ରୋଗରୁ ମୁକ୍ତି ପାଇବା ଆଶାରେ ଡାକ୍ତର ହନୁମାନଙ୍କ ନିକଟକୁ ଆସିଥା'ନ୍ତି। ଏହାର ମଠାଧୀଶ ଶ୍ରୀଶ୍ରୀ ୧୦୦୮ ମହାମଣ୍ଡଳେଶ୍ୱର ରାମଦାସଜୀ ମହାରାଜଙ୍କ କହିବା ଅନୁସାରେ ମନ୍ଦିରର ପରିକ୍ରମା କରିବା କରିବା ସହିତ ହନୁମାନଙ୍କ ବିଭୂତି ଓ ପାଦୁକା ପାଣି ସେବନ ଏବଂ "ଓଁ ଶ୍ରୀ ଦଂଦରୋଆ ହନୁମତେ ନମଃ" ମନ୍ତ୍ର ଜପ କରିବା ଦ୍ୱାରା ରୋଗ ନାଶ ହେବା ସହିତ ମାତା ଲକ୍ଷ୍ମୀଙ୍କ କୃପା ପ୍ରାପ୍ତ ହୋଇଥାଏ। ତେଣୁ ଏହି ମନ୍ଦିର ଦୃଢ଼ ଭଗବତ୍ ବିଶ୍ୱାସର ପ୍ରତୀକ ଭାବେ ରହିଛି।

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଓଡ଼ିଶାରୁ ଲୋପ ପାଇଯିବ ନଡ଼ିଆ ଚାଷ!

## ହ୍ରାସ ପାଉଛି ଉତ୍ପାଦନ, ସରକାର ଉଦାସୀନ

ଭୁବନେଶ୍ୱର, ୨୬।୬(ସମିସ): ନଡ଼ିଆ ଉତ୍ପାଦନର ପ୍ରମୁଖ ସ୍ଥାନ ହେଉଛି ଓଡ଼ିଶା। ଏଠି ୪୫୦ କିଲୋମିଟର ସୁଦୀର୍ଘ ବେଳାଭୂମି ରହିଛି। ବେଳାଭୂମି ସଂଲଗ୍ନ ଅଞ୍ଚଳରେ ନଡ଼ିଆ ଓ ନଡ଼ିଆ କତା ତିଆରି ଦ୍ରବ୍ୟ ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ମଧ୍ୟ ଅଛି। ଏହି ସୁଯୋଗର ସଦୁପଯୋଗ କରି ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରାଯାଇପାରନ୍ତା। ଏଥିସହ ଚାଷୀଙ୍କ ଆୟ ବୃଦ୍ଧିରେ ମଧ୍ୟ ବିଶେଷ ସହାୟକ ହୁଅନ୍ତା। କିନ୍ତୁ ରାଜ୍ୟ ସରକାରଙ୍କର ଦୂରଦୃଷ୍ଟି ଅଭାବ ଓ ଭବିଷ୍ୟତମୁଖୀ ଯୋଜନା ନଥିବାରୁ ଏହା ସଫଳ ହୋଇପାରୁନି।

- ସୁଯୋଗର ସଦୁପଯୋଗ ହୋଇପାରୁନି
- କାମରେ ଆସୁନି ସୁଦୀର୍ଘ ଉପକୂଳ

ଫଳସ୍ୱରୂପ, ଭାରତରେ ନଡ଼ିଆ ଉତ୍ପାଦନ ସୂଚକାଙ୍କରେ ଓଡ଼ିଶା ଦିନକୁ ଦିନ ତଳକୁ ଖସୁଛି। ଏମିତିକି, ଆଗାମୀ ଦିନରେ ନଡ଼ିଆ ଉତ୍ପାଦନ ସଂପୂର୍ଣ୍ଣ ହ୍ରାସ ପାଇବା ନେଇ ଆଶଙ୍କା ପ୍ରକାଶ ପାଉଛି।

ସମଗ୍ର ଭାରତବର୍ଷରେ ନଡ଼ିଆ ଉତ୍ପାଦନରେ କେରଳ ପ୍ରଥମ ସ୍ଥାନରେ ଅଛି। ତା' ପଛକୁ ଯଥାକ୍ରମେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ରହିଛନ୍ତି। ଏହି ସୂଚକାଙ୍କରେ ଓଡ଼ିଶାର ସ୍ଥାନ ପଞ୍ଚମରେ ରହିଛି। ମାତ୍ର ଆମର ସୁଦୀର୍ଘ ବେଳାଭୂମି ରହିଛି। ଯାହା ଅନ୍ୟ ରାଜ୍ୟ ତୁଳନାରେ ନଡ଼ିଆ ଚାଷ ପାଇଁ ବେଶ ଉପଯୋଗୀ ଜମି। ପୂର୍ବରୁ ଆମ ରାଜ୍ୟ ତିନି ନମ୍ବରରେ ଥିଲା। ଗତ କିଛି ବର୍ଷ ଭିତରେ କେରଳ ମଡେଲ୍‌କୁ ଆପଣାଇ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଆମଠାରୁ ଅଧିକ ନଡ଼ିଆ ଉତ୍ପାଦନ କରୁଛନ୍ତି। କେରଳରେ ସର୍ବାଧିକ ୭୬୦ ହଜାର ହେକ୍ଟର ଜମିରେ ନଡ଼ିଆ ଚାଷ ହେଉଥିବା ବେଳେ ଆମ ରାଜ୍ୟରେ ମାତ୍ର ୫୩ ହଜାର ହେକ୍ଟର୍ ଜମିରେ ଚାଷ ହେଉଛି। ବିଶେଷକରି ୧୯୯୯ ମହାବାତ୍ୟାରେ ଓଡ଼ିଶାରେ ସର୍ବାଧିକ ନଡ଼ିଆ ଗଛ କ୍ଷତିଗ୍ରସ୍ତ ହୋଇଥିଲା। ପରବର୍ତ୍ତୀ ସମୟରେ ଫନି ବାତ୍ୟାରେ ମଧ୍ୟ ପୁରୀ ଜିଲ୍ଲା ନଡ଼ିଆ ଚାଷ ସଂପୂର୍ଣ୍ଣ ମୂଳପୋଛ ହୋଇଯାଇଥିଲା। ବାତ୍ୟା ଯୋଗୁଁ ଯେତିକି କ୍ଷତି ହୋଇଥିଲା, ପରବର୍ତ୍ତୀ ସମୟରେ ତା'ର କିଛି ପରିମାଣରେ ନୂଆ ଗଛ ଲଗାଇ



ଭରଣା କରାଯାଇଥିଲା। ହେଲେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁଁ ପୂର୍ବଭଳି ଗଛଗୁଡ଼ିକ ବୃଦ୍ଧି ପାଇନଥିଲା ଓ ବିଭିନ୍ନ ରୋଗ ଦେଖାଦେଇଥିଲା।

ଓଡ଼ିଶାରେ ନଡ଼ିଆ ଚାଷ ଓ 'କଏର୍ ଇଣ୍ଡଷ୍ଟ୍ରି' ପାଇଁ ଅନୁକୂଳ ପରିବେଶ। ଏହାକୁ ଦୃଷ୍ଟିରେ ରଖି ୫ବର୍ଷ ପୂର୍ବରୁ ୫ଟି 'କଏର୍ କ୍ଲଷ୍ଟର୍' ସ୍ଥାପନ ହୋଇଥିଲା। ପୁରୀ ଜିଲ୍ଲାରେ କୋଣାର୍କ, ଡେଲାଙ୍ଗ ଓ ସତ୍ୟବାଦୀରେ ତିନୋଟି ଖୋଲାଯାଇଥିବା ବେଳେ ବାଲେଶ୍ୱର ଭୋଗରାଇ ଓ କେନ୍ଦ୍ରାପଡ଼ା ରାଜକନିକାରେ ଗୋଟିଏ ଲେଖାଁଏ କ୍ଲଷ୍ଟର୍ ଖୋଲାଯାଇଥିଲା। ମାତ୍ର ବର୍ଷ କେଇଟା ଭିତରେ ତିନୋଟି କ୍ଲଷ୍ଟର୍ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କେବଳ ପୁରୀ ଜିଲ୍ଲାର ସତ୍ୟବାଦୀ ଓ ଡେଲାଙ୍ଗରେ କ୍ଲଷ୍ଟର୍ କାର୍ଯ୍ୟକ୍ଷମ ରହିଛି। ମାତ୍ର ଏହାର କାର୍ଯ୍ୟକାରିତ କ'ଣ ନଡ଼ିଆ ଚାଷୀମାନେ ଜାଣିପାରୁନାହାନ୍ତି। ଫଳସ୍ୱରୂପ କ୍ଲଷ୍ଟର୍‌ଗୁଡ଼ିକ ଏକପ୍ରକାର ଅଚଳ ଅବସ୍ଥାକୁ ଆସିଗଲାଣି।

ନଡ଼ିଆ ଚାଷ ଉପରେ ବହୁବର୍ଷ ଧରି ଗବେଷଣା କରିଥିବା ଗବେଷକ ଅମରଯୋଶୀ ପଟ୍ଟନାୟକ କହିଛନ୍ତି, ସାରା ଭାରତବର୍ଷରେ ଆମ ରାଜ୍ୟର ମାଟି ଓ ଜଳବାୟୁ ନଡ଼ିଆ ଉତ୍ପାଦନ ପାଇଁ ସର୍ବୋତ୍କୃଷ୍ଟ। କେରଳ ଏବେ ସର୍ବାଧିକ ନଡ଼ିଆ ଉତ୍ପାଦନ ରାଜ୍ୟ ହୋଇଥିଲେ ହେଁ ଆମ ରାଜ୍ୟରେ ହେକ୍ଟର ପିଛା ୭୫୨୮ ଟି ନଡ଼ିଆ ଫଳୁଛି। କେରଳରେ ଏହି ସଂଖ୍ୟା ୭୪୦୨। ଏସବୁକୁ ଦୃଷ୍ଟିରେ ଆମ ରାଜ୍ୟରେ ନଡ଼ିଆ ଚାଷକୁ ବ୍ୟବସ୍ଥିତ କରିପାରିଲେ ଚାଷୀଙ୍କ ଆୟ ବୃଦ୍ଧି ପାଇବାରେ ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି।


ଶ୍ରୀ ପଟ୍ଟନାୟକ ଆହୁରି କହିଛନ୍ତି, କେବଳ ପଇଡ଼ କିମ୍ବା ନଡ଼ିଆ ଚାଷ ନୁହେଁ; ନଡ଼ିଆ ତେଲ, ନଡ଼ିଆ କ୍ଷୀର, ନଡ଼ିଆ ବିସ୍କୁଟ୍‌ଠାରୁ ଆରମ୍ଭ କରି ନଡ଼ିଆ କତା, ପାପୋଛ, କାର୍ପେଟ୍, ପୋଷାକ, ଦଉଡ଼ି, ଗୃହସଜ୍ଜା ସାମଗ୍ରୀ, କଣ୍ଢେଇ, ବିଞ୍ଚଣା ଆଦି ପ୍ରସ୍ତୁତ ହୋଇପାରିବ। ଏହାଦ୍ୱାରା କର୍ମନିଯୁକ୍ତି ବୃଦ୍ଧି ପାଇବ। ବର୍ତ୍ତମାନ ସରକାର ମାତ୍ରାଧିକ କର୍ମନିଯୁକ୍ତି ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ତେଣୁ ଏହା ଉପରେ ବିଶେଷ ଦୃଷ୍ଟି ଦେଇ କାର୍ଯ୍ୟ କଲେ, ଏହା ଏକ ନଡ଼ିଆ ଚାଷରେ ଉନ୍ନତି ହେବା ସହ ଓଡ଼ିଶାରେ କୁଟୀର ଶିଳ୍ପ ବୃଦ୍ଧି ହେବ। ଯାହା ଗ୍ରାମାଞ୍ଚଳ ଅର୍ଥନୀତିକୁ ସୁଧାରିବାରେ ମହୌଷଧି ସାଜିବ ବୋଲି ସେ କହିଛନ୍ତି।

**ଦଳିତଙ୍କ ଉପରେ ବଢୁଛି ବର୍ବୋରଚିତ ଆକ୍ରମଣ**

# ଜାତୀୟ ସ୍ତରରେ ନିନ୍ଦିତ ହେଉଛି ଓଡ଼ିଶା

ଭୁବନେଶ୍ୱର,୨୬।୬(ସମିସ): ଗତ୨୨ ତାରିଖରେ ଗଞ୍ଜାମ ଜିଲ୍ଲା ଧରାକୋଟ ଦୁଇ ଦଳିତ ବ୍ୟକ୍ତି ବୁଲୁ ନାଏକ ଓ ବାବୁଲା ନାଏକଙ୍କୁ ଗାଁ ଦାଣ୍ଡରେ କଙ୍ଗାରୁ କୋର୍ଟ କରି ଅଧା ଲଣ୍ଡା କରି, ଆଣ୍ଠେଇ, ଘାସ ଖୁଆଇ, ନର୍ଦ୍ଦମା ପାଣି ପିଆଗଲା। ନିଜକୁ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ, ଗୋରକ୍ଷକ କହି ଯେଉଁ ଅମାନବୀୟ କାଣ୍ଡ କରାଯାଇଛି ତାହା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ ବୋଲି ରାଜ୍ୟ କଂଗ୍ରେସ ପକ୍ଷରୁ କୁହାଯାଇଛି। ଏହି ଘଟଣା ପାଇଁ ଓଡ଼ିଶା ସାରା ବିଶ୍ୱରେ ନିନ୍ଦିତ ହୋଇଛି ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ କହିଛନ୍ତି। ତଥ୍ୟ ଅନୁସନ୍ଧାନ କମିଟିର ଅଧ୍ୟକ୍ଷ ଥିବା କାଡାମ କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଏହି ଘଟଣାକୁ ନେଇ ପ୍ରତିଟି ଓଡ଼ିଆ ଦୁଃଖିତ, ଚିନ୍ତିତ ଓ ମର୍ମାହତ।

ଶ୍ରୀ କାଡାମ କହିଥିଲେ କି ପୀଡ଼ିତ ବାବୁଲା ନାୟକ ନିଜ ଝିଅ ବିବାହ ପାଇଁ ହିନ୍ଦୁ ରୀତି ନୀତି ଅନୁଯାୟୀ ଗୋଧନ ପ୍ରଦାନ କରିବା ଉଦ୍ଦେଶ୍ୟରେ ୨୨ ତାରିଖ ଦିନ ଦିନ ଗୁମା ଅଞ୍ଚଳରୁ ଗାଈ କିଣି ନିଜ ଘରକୁ ଫେରୁଥିଲେ। ଫେରିବା ସମୟରେ ଖାରିଗୁମାଠାରେ କିଛି ଅସାମାଜିକ ଯୁବକ ଅଟକାଇଥିଲେ। ବାବୁଲା ଝିଅ ପାଇଁ ଗୋଧନ ପ୍ରଦାନ କରିବାକୁ ନେଉଛି ବୋଲି କହିଥିଲେ। କିନ୍ତୁ ଏହି ଯୁବକମାନେ ମିଥ୍ୟାରୋପ ଲଗାଇ ଗାଈ ବେପାରୀ ଇତ୍ୟାଦି କହିବା ସହ ତାଙ୍କ ଜାତିକୁ ନେଇ ଗାଳିଗୁଲଜ କରିଥିଲେ। ବାବୁଲା ଭୟଭୀତ ହୋଇ ଛାଡ଼ିବାପାଇଁ କାକୁତି ମିନତି ହେବାରୁ ତାଙ୍କୁ ମାଡ ମାରିଥିଲେ। କିଛି ସମୟପରେ ଅଭିଯୁକ୍ତମାନେ ତାଙ୍କର ସହଯୋଗୀମାନଙ୍କୁ ଡକାଇଲେ ଏବଂ ଛାଡ଼ିବାକୁ ୩୦ ହଜାର ଟଙ୍କା ବଟି ମାଗିଲେ। ସେହି ଘଟଣା ସମୟରେ ବୁଲୁ ପହଞ୍ଚି ବାବୁଲାକୁ ଛାଡ଼ିବାକୁ କହିବାରୁ ବୁଲୁକୁ ମଧ୍ୟ ନିସ୍ଥୁକ ମାଡ଼ ମାରିଲେ। ଦଳିତ ଦୁଇ ଜଣ ଗରିବ ପରିବାର ଓ ଆର୍ଥିକ ସ୍ଥିତି ଦୁର୍ବଳ, ନିଜ ପରିବାରକୁ ଚଳାଇବା ମଧ୍ୟ କଷ୍ଟ। ୩୦ ହଜାର ନଦେବାରୁ ସେମାନଙ୍କୁ ରାସ୍ତାରେ କଙ୍ଗାରୁ କୋର୍ଟ କରି ଚଲାଇଲେ ପରେ ଆଣ୍ଠେଇଲେ, ଘାସ ଖୁଆଇଲେ, ନର୍ଦ୍ଦମା ଅପରିଷ୍କାର ପାଣି ପିଆଇ ଦୀର୍ଘ ୩ ଘଂଟା ଧରି ନିର୍ଯାତନା ଦେଇ ଚାଲିଥିଲେ। ଥାନାରୁ ୬ କିମି ଦୂରରେ ଏମିତି ଲୋମହର୍ଷଣକାରୀ ଘଟଣା ଘଟୁଥିଲା। କିନ୍ତୁ ପ୍ରଶାସନ ପାଖରେ ଖବର ନଥିବାକୁ ନେଇ କାଡାମ୍ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି, ଅପରାଧୀମାନେ ଦିନଦ୍ୱିପହରରେ ଅପରାଧ କରୁଛନ୍ତି। ସରକାର ଓ ଗୃହ ବିଭାଗ ଚୁପ୍ ହୋଇ ନୀରବ ଦ୍ରଷ୍ଟା ସାଜିଛନ୍ତି। ଦଳିତ ମାନଙ୍କ ଉପରେ ଆକ୍ରମଣ ବଢୁଛି। ଏହି ଘଟଣାର ଅଭିଯୁକ୍ତ ମାନେ ସରକାରୀ ଦଳର କର୍ମକର୍ତ୍ତା, ମନ୍ତ୍ରୀଙ୍କ ସହ ଶାସକ ଦଳର ନେତାଙ୍କ ସହ ଫଟୋ ଭାଇରାଲ ହେଉଛି। ଶାସକ ଦଳର ପୃଷ୍ଠପୋଷକତାରେ ଏହି ଘଟଣା ଘଟିଛି। କିନ୍ତୁ ମୁଖ୍ୟ ଆସାମୀ ରାଜା ଏପର୍ଯ୍ୟନ୍ତ ଗିରଫ ନ ହେବାକୁ ନେଇ କଂଗ୍ରେସ ଆପତ୍ତି ଉଠାଇଛି।




# ସାମୟିକ କର୍ମଚାରୀ କାର୍ଯ୍ୟ ନିବୃତ୍ତି ସମୟରେ ପାଇବେ ୨.୫ ଲକ୍ଷ ଟଙ୍କା

ଭୁବନେଶ୍ୱର,୨୬।୬(ସମିସ): ରାଜ୍ୟର ସାମୟିକ କର୍ମଚାରୀମାନେ କାର୍ଯ୍ୟରୁ ନିବୃତ୍ତ ବେଳେ ପାଉଥିବା ଅର୍ଥରାଶିକୁ ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ପୂର୍ବରୁ ସାମୟିକ କର୍ମଚାରୀ ମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବା ବେଳେ କରାଯିବା ସମୟରେ ସେମାନଙ୍କୁ ଏକକାଳୀନ ୧.୫ ଲକ୍ଷ ଟଙ୍କା ମିଳୁଥିଲା। ଏହି ପରିମାଣକୁ ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି। ଅନୁମୋଦିତ ନିଷ୍ପତ୍ତି ଅନୁଯାୟୀ ଯଦି ସାମୟିକ କର୍ମଚାରୀମାନେ ନିୟମିତ ପଦବୀକୁ ଯାଇଥିବେ କିନ୍ତୁ ୫ ବର୍ଷ ପୂରଣ କରିନଥିବେ ତେବେ ସେ କ୍ଷେତ୍ରରେ ସେମାନଙ୍କୁ ମଧ୍ୟ ୨.୫ ଲକ୍ଷ ଟଙ୍କା ଏକକାଳୀନ ରାଶି ମିଳିବ। ନିୟମିତ ପଦବୀରେ ୫ ବର୍ଷରୁ ଅଧିକ ସମୟ କାମ କରିଥିଲେ, କାର୍ଯ୍ୟ ନିବୃତ୍ତି ସମୟରେ ସେମାନେ ସର୍ବନିମ୍ନ ଗ୍ରାଚ୍ୟୁଇଟି ୨.୫ ଲକ୍ଷ ଟଙ୍କା ପାଇବେ। ଏହା ସହିତ ଏହି ଏକକାଳୀନ ଗ୍ରାଚ୍ୟୁଇଟି ପରିମାଣ ପ୍ରତି ଦୁଇ ବର୍ଷରେ ୧୦ ପ୍ରତିଶତ ଲେଖାଏଁ ବୃଦ୍ଧି ପାଇବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୃଦ୍ଧି ପାଇଁ ଅର୍ଥ ବିଭାଗର ଅନୁମୋଦନ ଆବଶ୍ୟକତା ପଡ଼ିବ ନାହିଁ। ବିଭାଗ ମାନେ ନିଜେ ପ୍ରତି ଦୁଇ ବର୍ଷରେ ଏହି ପରିମାଣ ବୃଦ୍ଧି କରି ପାରିବେ।

# ବିଜେପି କାର୍ଯ୍ୟାଳୟରେ ବୋମାମାଡ଼


## ଅଳ୍ପକେ ବର୍ତ୍ତିଲେ ରାଜ୍ୟ ସମ୍ପାଦକ ନବୀନ ରାମ

ରାଇରଙ୍ଗପୁର, ୨୬।୬(ସମିସ): ରାଇରଙ୍ଗପୁର ସହରରେ ଥିବା ବିଜେପି କାର୍ଯ୍ୟାଳୟରେ ବୁଧବାର ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତମାନେ ବୋମାମାଡ଼ କରିଛନ୍ତି। ସୂଚନାନୁସାରେ, ରାଇରଙ୍ଗପୁର ସହରର ୧୩ ନଂ. ୱାର୍ଡସ୍ଥିତ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟରେ ବିଜେପି ରାଜ୍ୟ ସମ୍ପାଦକ ନବୀନ ରାମ ଥିବା ବେଳେ ବୁଧବାର ରାତି ୧୨ଟାରେ ଦୁଇଜଣ ଦୁର୍ବୃତ୍ତ ଏକ ବୁଲେଟରେ ପହଞ୍ଚି କାର୍ଯ୍ୟାଳୟ ଉପରକୁ ବୋମାମାଡ଼ କରି ଫେରାର୍ ହୋଇଯାଇଥିଲେ। ତେବେ ଏହି ବୋମାମାଡ଼ରୁ ରାଜ୍ୟ ସମ୍ପାଦକ ନବୀନ ରାମ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବୋମାମାଡ଼ ପରେ ନବୀନ ରାମ ଘଟଣା ସମ୍ପର୍କରେ ନିଜ କର୍ମକର୍ତ୍ତାଙ୍କୁ ସୂଚନା ଦେଇଥିଲେ। ବୋମାମାଡ଼ରେ କାର୍ଯ୍ୟାଳୟର ମୁଖ୍ୟଦ୍ୱାର କାନ୍ଥର ଗୋଟିଏ ପାର୍ଶ୍ୱ କ୍ଷତିଗ୍ରସ୍ତ ହୋଇଛି। ଗୁରୁବାର ସକାଳେ ଶ୍ରୀ ରାମ ଏହି ଘଟଣାକୁ ନେଇ ରାଇରଙ୍ଗପୁର ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପରବର୍ତ୍ତୀ ସମୟରେ ଟାଉନ୍ ଥାନା ପୁଲିସ ଓ ବାରିପଦାରୁ ଆସିଥିବା ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ଅଧିକ ତଦନ୍ତ କରୁଥିବା ସୂଚନା ମିଳିଛି।

# ଲାଞ୍ଚ ନେଇ ଆର୍‌ଆଇ, ଅମିନ ଗିରଫ

କଟକ, ୨୬।୬(ସମିସ): ଏକ ଜମିର କିସମ ପରିବର୍ତ୍ତନ ପୂର୍ବକ ସାନି ପଟ୍ଟା ପ୍ରଦାନ ପାଇଁ ଜଣେ ଅଭିଯୋଗକାରୀଙ୍କଠାରୁ ୧୨ହଜାର ଟଙ୍କା ଲାଞ୍ଚ ଗ୍ରହଣ କରି ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କଟକ ଜିଲ୍ଲା କନ୍ଦରପୁର ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ(ଆରଆଇ) ମନୋଜ କୁମାର ବେହେରା ଓ ଅମିନ ବିଚିତ୍ରାନନ୍ଦ ଶତପଥୀ। ଉଭୟଙ୍କୁ ଭିଜିଲାନ୍ସ ଟିମ ଗିରଫ କରିବା ସହ ଅଦାଲତ ଚାଲାଣ କରିଛି। କନ୍ଦରପୁର ରାଜସ୍ୱ ସର୍କଲ କାର୍ଯ୍ୟାଳୟ ନିକଟରେ ଜଣେ ଅଭିଯୋଗକାରୀ (ଦୋକାନ ମାଲିକ) ଙ୍କଠାରୁ ଏକ ଚାଷଜମିକୁ ଘରବାରି ଜମିରେ ପରିବର୍ତ୍ତନ କରି ପଟ୍ଟା ପ୍ରଦାନ କରିବା ପାଇଁ ୧୨ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିବା ବେଳେ ଭିଜିଲାନ୍ସ ଟିମ ହାବୁଡରେ ପଡ଼ିଥିଲେ। ଏକ ମାସରୁ ଅଧିକ ସମୟ ଧରି ଆରଓଆର ପ୍ରଦାନ ପାଇଁ ଆବଶ୍ୟକ ରିପୋର୍ଟ ଦାଖଲ କରିବାକୁ ଉଭୟ ଆରଆଇ ଓ ଅମିନ ଦାବି କରିଆସୁଥିଲେ। କୌଣସି ବିକଳ୍ପ ନ ପାଇ ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ। ଉପରୋକ୍ତ ଅଭିଯୋଗକୁ ଆଧାର କରି ଆଜି ଭିଜିଲାନ୍ସ ଟିମ ଏକ ଜାଲ ବିଛାଇ ଦୁଇ ଜଣଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛି। ଏଥିସହ ଲାଞ୍ଚ ଟଙ୍କା ଜବତ କରିଛି ଭିଜିଲାନ୍ସ। ଆର୍‌ଆଇ ଶ୍ରୀ ବେହେରାଙ୍କ କଟକ ସିଡିଏରେ ଥିବା ଭଡ଼ାଘର ଏବଂ ତାଙ୍କ ପୈତୃକ ଘର କଟକ ଜିଲ୍ଲା ବୈଦେଶ୍ୱର ଥାନା ପାଣ୍ଡାଲାମ ଗ୍ରାମ ସହ ଶ୍ରୀ ଶତପଥୀଙ୍କ ବେଣ୍ଟକାର ଘର ଓ କନ୍ଦରପୁର ଆରଆଇ ଅଫିସରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଏ ସମ୍ପର୍କରେ କଟକ ଭିଜିଲାନ୍ସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।













# ଶ୍ରୀଜିଉଙ୍କ ନବଯୌବନ ବେଶ

ବୌଦ୍ଧ, ୨୬ ।୬(ସମିସ): ବୌଦ୍ଧ ସହର ବିରାଜିତ ଶ୍ରୀ ଜଗନ୍ନାଥଙ୍କ ନେତ୍ର ଉତ୍ସବ ଓ ନବ ଯୌବନ ଦର୍ଶନ ଅନୁଷ୍ଠିତ ହୋଇଯାଇଛି । ପୂଜକ ବିଭୁ ପ୍ରସାଦ ପଣ୍ଡା, ବ୍ରାହ୍ମଣ ସମାଜର ସଦସ୍ୟ ଓ ମନ୍ଦିର ପରିଚାଳନା କମିଟି ସଦସ୍ୟ ଡାକୁରସେବା ପୂଜାରେ ସହଯୋଗ କରିଥିଲେ ।

**ମନମୁଣ୍ଡା:** ସ୍ଥାନୀୟ ଦଧିବାମନ ଏବଂ ଗମ୍ଭାରୀଗୋରା (ପଦରପଡ଼ା) ଶ୍ରୀ ଜଗନ୍ନାଥ ମନ୍ଦିରରେ ନେତ୍ର ଉତ୍ସବ ଓ ନବଯୌବନ ବେଶ ଅନୁଷ୍ଠିତ ହୋଇଯାଇଛି । ପୂଜକ ଆଶୁତୋଷ ହୋତା ଏବଂ ଗମ୍ଭାରୀଗୋରାର ପୂଜକ ରମେଶ ହୋତା ଏବଂ ଶୁକଦେବ ହୋତା ମହାପ୍ରଭୁଙ୍କ ଗୁପ୍ତ



ସେବା ଓ ଉପଚାର କରୁଥିଲେ । ମନମୁଣ୍ଡାରେ ବ୍ରାହ୍ମଣ ଚନ୍ଦ୍ରଶେଖର ରଥ ଓ ମନ୍ଦିର କମିଟି ସଦସ୍ୟ, ଗମ୍ଭାରୀଗୋରାରେ ଦେବାଶିଷ ଖମାରୀ, ଗୌତମ ଖମାରୀ ଓ ମନ୍ଦିର କମିଟି ସଦସ୍ୟ ସହଯୋଗ କରିଥିଲେ ।

**ଶଗଡ଼ା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଳାସପୁର ପଞ୍ଚାୟତ ପଦରପଡ଼ା ଜଗନ୍ନାଥ ମନ୍ଦିରରରେ ନେତ୍ର ଉତ୍ସବ ଓ ନବ ଯୌବନ ଦର୍ଶନ ଅନୁଷ୍ଠିତ ହୋଇଯାଇଛି । ସେହିଭଳି କଣ୍ଟାମାଳ, ଘଣ୍ଟାପଡ଼ା, ଖୁଣ୍ଟିଗୋରା, ଆମ୍ବଗାଁ, ରୁଣ୍ଡିମହୁଲ, ପଲସାଗୋରା, ଗୁଡ଼ଭେଲିପଦର, ବରଗୋଛା, ଟୁରି ଦେଉଳ ଆଦି ଅନେକ ସ୍ଥାନରେ ନେତ୍ର ଉତ୍ସବ ଓ ନବ ଯୌବନ ଦର୍ଶନ ଅନୁଷ୍ଠିତ ହୋଇଥିଲା ।

**ବିନିକା:** ବିନିକା ଗଡ଼ଭିତର ପଡ଼ାସ୍ଥିତ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ନେତ୍ର ଉତ୍ସବ ପାଳିତ ହୋଇଛି । ଏହି ଅବସରରେ ଭକ୍ତ ପ୍ରଭୁଙ୍କ ନବଯୌବନ ଦର୍ଶନ କରିଥିଲେ । ସେହିପରି ପୁଣ୍ୟପୀଠ ପାପକ୍ଷୟଠାରେ ଥିବା ଜଗନ୍ନାଥ ମନ୍ଦିରରେ ମଧ୍ୟ ତିନି ଦିଅଁଙ୍କ ନେତ୍ର ଉତ୍ସବ ଓ ନବଯୌବନ ଦର୍ଶନ ଅନୁଷ୍ଠିତ ହୋଇଥିଲା ।

# ୧୨୯ କେଜି ଗଞ୍ଜେଇ ଜବତ

ଶଗଡ଼ା/ମନମୁଣ୍ଡା, ୨୬ ।୬(ସମିସ): ମନମୁଣ୍ଡା ଥାନା ଶଗଡ଼ା ଫାଣ୍ଡି ଅଧୀନ ଟିରଚି ପଡ଼ା ଗ୍ରାମ ନିକଟରୁ ୧୨୯ କେଜି ଗଞ୍ଜେଇ ଜବତ ହୋଇଛି । ଗ୍ରାମ ନିକଟରେ ଗଞ୍ଜେଇ ଚୋରା ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଖବର ପାଇ ପୁଲିସ ଚଢ଼ଉ କରିଥିଲା । ତେବେ ମାଫିଆମାନେ ଫେରାର ମାରିଥିଲେ । ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ ହୋଇଛି । ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଅଞ୍ଜଳି ବିଶ୍ୱାଳ ସୂଚନା ଦେଇଛନ୍ତି ।

# ରେଳ ପ୍ରକଳ୍ପ ଅଗ୍ରଗତିର ବାଧକ ସାଜିଛନ୍ତି ବିଧାୟକ

ବୌଦ୍ଧ, ୨୬ ।୬(ସମିସ)

ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ଅଗ୍ରଗତିର ବୌଦ୍ଧ ବିଧାୟକ ବାଧକ ସାଜିଛନ୍ତି । ବୌଦ୍ଧ ସର୍କିଟ ହାଉସଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ, ପୂର୍ବତନ ବାଚସ୍ପତି ତଥା ବୌଦ୍ଧ ବିଜୁ ଜନତା ଦଳ ସଭାପତି ପ୍ରଦୀପ ଅମାତ ଏହା କହିଛନ୍ତି । ବିଧାୟକଙ୍କ ଇଙ୍ଗିତରେ କିଭଳି ଏହି ରେଳ ପ୍ରକଳ୍ପ କାମରେ ବାଧା ସୃଷ୍ଟି କରାଯାଉଛି ତାହା ଶ୍ରୀ ଅମାତ ତନ୍ନ ତନ୍ନ କରି ତଥ୍ୟ ଆଧାରରେ ସୂଚନା ଦେଇଛନ୍ତି ।

ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରୁ ଅର୍ଥାତ ୧୯୪୪ ମସିହାରୁ ଚିନ୍ତା କରାଯାଇଥିବା ପୂର୍ବ-ପଶ୍ଚିମ ଓଡ଼ିଶାର ସଂଯୋଗର ସେତୁ ଖୁର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ନାଲିଫିତା ତଳୁ ବାହାରିଛି । ବହୁ ଲଢେଇ ତଥା ଆନ୍ଦୋଳନ ଫଳରେ ଖୋର୍ଦ୍ଧାରୁ ନୟାଗଡ଼ ଏବଂ ବଲାଙ୍ଗୀରରୁ ବିଛୁପାଲି ପର୍ଯ୍ୟନ୍ତ ରେଳ ଗଡ଼ିଛି । ଏକଦା ବର୍ଷ ବର୍ଷ ଧରି ଏହି ପ୍ରକଳ୍ପ ଅତ୍ୟନ୍ତ ଧିମା ଗତିରେ ଚାଲୁଥିଲା । ଏ କଥା ଯେତେବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନଜରକୁ ଆସିଲା ତାଙ୍କ ନିର୍ଦ୍ଦେଶକ୍ରମେ ୧୯ ।୮ ।୨୦୧୫ରେ ରାଜ୍ୟ ସରକାର ରେଳ ବିଭାଗ ସହ ତତ୍କାଳୀନ ରେଳ ମନ୍ତ୍ରୀ ସୁରେଶ ପ୍ରଭୁଙ୍କ ସହ ରାଜ୍ୟ ପରିବହନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀ ଏବଂ



ଅନ୍ୟ ବିଜୁ ଜନତାଦଳ ନେତୃବୃନ୍ଦଙ୍କ ଉପସ୍ଥିତିରେ ଚୁକ୍ତି ହୋଇଥିଲା । ଏହି ଚୁକ୍ତିନାମା ଅନୁଯାୟୀ ରାଜ୍ୟ ସରକାର ସମସ୍ତ ଜମି ମାଗଣା ଯୋଗାଇ ଦେବା ସହ ପ୍ରକଳ୍ପ ଖର୍ଚ୍ଚର ୫୦ ପ୍ରତିଶତ ପ୍ରଦାନ କରିବା ପରେ ଏହି ପ୍ରକଳ୍ପ ତ୍ୱରାନ୍ୱିତ ହୋଇଛି । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସୋନପୁରରୁ ପୁରୁଣାକଟକ ଯାଏଁ ପ୍ରାୟ ୯୫ପ୍ରତିଶତ ନିର୍ମାଣ କାର୍ଯ୍ୟମଧ୍ୟ ସମାପ୍ତ ହୋଇସାରିଥିଲା । ଚଳିତ ଜୁନ ୨୨ ତାରିଖ ପ୍ରଧାନମନ୍ତ୍ରୀ ଆଭାସୀ ଜରିଆରେ ବୌଦ୍ଧ-ପୁରୁଣା କଟକ ରେଳ ଷ୍ଟେସନ ଉଦ୍‌ଘାଟନ କରିବା ସହ ରେଳଯାତ୍ରାର ଶୁଭାରମ୍ଭ କରିଛନ୍ତି । ଏହି ସମୟରେ ଡବଲ ଇଞ୍ଜିନ ସରକାର ସମସ୍ତ ଶ୍ରେୟ ନେବାକୁ ଉଦ୍ୟମ କରି ବଡ଼ ବଡ଼ ହୋର୍ଡିଂ ସବୁଆଡେ ମାରିବାକୁ ପଛାଇ ନ ଥିଲା । ପ୍ରଧାନମନ୍ତ୍ରୀ ଆଭାସୀ ଜରିଆରେ ଉଦ୍‌ଘାଟନ କଲାବେଳେ ପୁରୁଣାକଟକ ରେଳ ଷ୍ଟେସନକୁ ଜଣେ ଅନାମଧେୟ ବିଜେପି ନେତା ଯିଏକି କୌଣସି ଜନପ୍ରତିନିଧି ସୁଦ୍ଧା ନୁହନ୍ତି ସେ ଉଦ୍‌ଘାଟନ କଲେ । ପୂଜା ତଥା ହୋମରେ ବସିଲେ । କେଉଁ ଗୁଣବଳରେ ସେ ଏହି ଉଦ୍‌ଘାଟନ କଲେ ଏ ସମ୍ପର୍କରେ ଏବେ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି । ସବୁଠାରୁ ବଡ଼ କଥା ହେଉଛି ଏ ପ୍ରକଳ୍ପର ସମସ୍ତ ଶ୍ରେୟ ଡବଲ ଇଞ୍ଜିନ ସରକାର ନେବାକୁ ଉଦ୍ୟମ କରୁଛି । ବାକିଥିବା ବୌଦ୍ଧରୁ ଦଶପଲ୍ଲା ପର୍ଯ୍ୟନ୍ତ ରେଳ ଲାଇନ କାର୍ଯ୍ୟ ଦ୍ରୁତଗତିରେ ଚାଲୁଛି । ବୌଦ୍ଧ ଜିଲ୍ଲାର ସମସ୍ତ ଟନେଲ କାର୍ଯ୍ୟ ପ୍ରାୟ ସରିଲାଣି । ଏହି ସମୟରେ ବୌଦ୍ଧ ବିଧାୟକ ନାନା ଆଳ କରି ବାଣୀଭୂଷଣପୁର ପଞ୍ଚାୟତ ଭଉଁରୀପଥରଠାରେ ବିଭିନ୍ନ ଲୋକଙ୍କ ନାମରେ ବସ୍ତି ଥିବା କହି କାମରେ ଅନ୍ତରାୟ ସାଜିଛନ୍ତି । କିଛି ଅସାଧୁ ବ୍ୟକ୍ତି ବୌଦ୍ଧ ବିଧାୟକଙ୍କ ପ୍ରତ୍ୟକ୍ଷ ସମର୍ଥନରେ ମନ୍ଦ ଉଦ୍ଦେଶ୍ୟ ରଖି ଘର ନିର୍ମାଣ କରି ରହୁଛନ୍ତି । ସର୍ଭେ ସମୟରେ ସେ ଜାଗାରେ କୌଣସି ଘର ନ ଥିଲା । ପରେ ରେଳ ବିଭାଗ ସେ ସବୁ ଘର ଭାଙ୍ଗୁଥିବା ବେଳେ ବିଧାୟକ ରୋକିବାକୁ ଉଦ୍ୟମ କରି ବିଫଳ ହୋଇଥିଲା । ନିକଟରେ ବୌଦ୍ଧ ଗସ୍ତରେ ଆସିଥିବା ଷ୍ଟାଣ୍ଡିଙ୍ଗ କମିଟିର ଏହି ଜାଗାକୁ ଗସ୍ତ କାର୍ଯ୍ୟକ୍ରମ ନ ଥିଲା । ବିଧାୟକ କିନ୍ତୁ ଏହି କମିଟିର ସାହାଯ୍ୟ ନେଇ ଭଙ୍ଗା ଯାଉଥିବା ଘରକୁ ଅଟକାଇବା ସହ ଜାଣିଶୁଣି ପ୍ରକଳ୍ପ ନିର୍ମାଣରେ ବାଧକ ସାଜୁଛନ୍ତି । ଏଇଥିରୁ ଜଣାପଡୁଛି ଏ ଜିଲ୍ଲାର ବିକାଶ ପାଇଁ ବିଧାୟକ କେତେ ଚିନ୍ତିତ । ଏ ଜିଲ୍ଲାର ବିକାଶ କ୍ଷେତ୍ରରେ କିଏ ଅନ୍ତଃରାୟ ସୃଷ୍ଟି କରୁଛି ତାହା ଲୋକେ ବର୍ଷକ ଭିତରେ ଜାଣି ସାରିଲେଣି । ବୌଦ୍ଧ ବିକାଶରେ ଅସଲ ବାଧକ କିଏ ଲୋକେ ଅନୁଭବ କରିସାରିଲେଣି । ସେହିଭଳି ରାଜ୍ୟ ସରକାର ୯ଟି ନୂଆ ମେଡିକାଲ କଲେଜ ପ୍ରତିଷ୍ଠା କରିବେ ବୋଲି ଘୋଷଣା କରିଛନ୍ତି । ଦୀର୍ଘ ଦିନ ଧରି ପୂର୍ବ ସରକାର ସମୟରୁ ନିର୍ମାଣ ସରିଥିବା ବୌଦ୍ଧ ଜିଲ୍ଲା ମୁଖ୍ୟାଳୟ ଏ ସରକାର ଆସିବାପରେ ରଙ୍ଗ ପରିବର୍ତ୍ତନ କରିଥିବାବେଳେ ଉଦ୍‌ଘାଟନ ନ ହେବା କ୍ଷୋଭର ବିଷୟ । ବୌଦ୍ଧ ପ୍ରତି ପ୍ରକୃତିର ଅବଦାନ କିଛି କମ୍ ନାହିଁ । ଲଘୁଜ ଖଣିଜ ସମ୍ପଦରେ ମଧ୍ୟ ଏ ଜିଲ୍ଲା ଭରପୁର । ଏ ସରକାର ସମସ୍ତ ନିୟମକାନୁନକୁ ଉଲଘଂନ କରି ଲଘୁ ଖଣିଜ ସମ୍ପଦ ଲୁଟ୍ କରିଚାଲିଛି । ଜୁନ ୧୦ରୁ ନଦୀରୁ ବାଲି ଉଠାଣ ସମ୍ପୂର୍ଣ୍ଣ ବେଆଇନ ଥିବାବେଳେ ବୌଦ୍ଧରେ ବିଶେଷ କରି ହରଭଙ୍ଗା ତହସିଲ ଅଧୀନରେ ଥିବା ବାଲି ସଇରାତ ଗୁଡିକରୁ ବ୍ୟାପକ ବାଲି ଲୁଟ୍ ଚାଲିଛି । ରାଜସ୍ୱ, ଖଣି ବିଭାଗ ଏବଂ ପୁଲିସର ନୀରବତା ଜିଲ୍ଲାବାସୀଙ୍କୁ ଆଶ୍ଚର୍ଯ୍ୟ କରିଛି । ସରକାରୀ ବାବୁମାନେ ହାତ ମାରିବାର ସାହସ କରୁନାହାନ୍ତି । କେତେବେଳେ କେମିତି ନାମକୁ ମାତ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନୀରବ ହୋଇ ବସିରହୁଛନ୍ତି ବୋଲି ଶ୍ରୀ ଅମାତ କହିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବରିଷ୍ଠ ବିଜେଡି ନେତା ଅଶୋକ ସାହୁ, ବସନ୍ତ ସ୍ୱାଇଁ, ଅବକାଶ ସାହୁ, ଅନିକେତ ଦାନୀ, ସୀତାଂଶୁ ମହାକୁଳ, ସନ୍ତୋଷ ନାଏକ, କନ୍ଧୁଧର ଖେତୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଧାନ ଉଠୁନି: ସୀମା ଲଂଘିଲାଣି ଚାଷୀ ଅସନ୍ତୋଷ

ବୌଦ୍ଧ, ୨୬ ।୬(ସମିସ): ବୌଦ୍ଧ ପାକ୍ସ ପକ୍ଷରୁ ମାଉଲସିଙ୍ଗା ହାଇସ୍କୁଲ ପଡ଼ିଆ ନିକଟରେ ଟାର୍ଗେଟ ନଥିବା ହେତୁ ଚାଷୀଙ୍କ ହଜାର ହଜାର ବସ୍ତା ଧାନ ପଡ଼ି ରହିଛି । କ୍ଷତିଗ୍ରସ୍ତ ଚାଷୀ ଏହାର ପ୍ରତିବାଦ କରିଛନ୍ତି । ବୌଦ୍ଧ ପ୍ରାଥମିକ କୃଷି ସମବାୟ ସମିତିରେ ରବି ଧାନ ବିକ୍ରି ପାଇଁ ଚାଷୀ ଟୋକନ ପାଇ ମଣ୍ଡିକୁ ଧାନ ଆଣିଥିବା ବେଳେ ଟାର୍ଗେଟ ନ ଥିବା ହେତୁ ବର୍ଷାରେ ଭିଜି ପଡ଼ିରହିଛି । ବର୍ତ୍ତମାନ ପ୍ରାୟ ୧୫ ଶହ କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ି ରହଛି । ଚାଷୀ ବୌଦ୍ଧ ଆସି ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ, ସମବାୟ ସମିତି ସମୂହର ସହକାରୀ ନିବନ୍ଧକଙ୍କୁ ଟାର୍ଗେଟ ବୃଦ୍ଧି ପାଇଁ ଦାବି କରିଛନ୍ତି । ଟାର୍ଗେଟ ବୃଦ୍ଧି ନ ହେଲେ ଚାଷୀ ବାଉଁଶୁଣୀଠାରେ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି ।

**ମନମୁଣ୍ଡା:** ମନମୁଣ୍ଡା ମଣ୍ଡିରେ ଚାଷୀ ଧାନ ବିକ୍ରି କରି ନ ପାରି ବହୁତ ହଇରାଣ ଓ ହନ୍ତସନ୍ତ ହୋଇଥିବା ଦେଖିବାକୁ ମିଳିଛି । ପ୍ରାୟ ୮୩ ଜଣ ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କ ନିକଟକୁ ଯାଇ ମଧ୍ୟ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି । ଯଥା ଶୀଘ୍ର ଧାନ କ୍ରୟ କରା ନ ଗଲେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚାଷୀ ଚତାବନୀ ଦେଇଛନ୍ତି ।


**ଶଗଡ଼ା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ବିଭିନ୍ନ ପ୍ୟାକ୍ସରେ ଟାର୍ଗେଟ ଅଭାବରୁ ହଜାର ହଜାର କ୍ୱିଣ୍ଟାଲ ଧାନ ପଡ଼ି ରହିଛି । ବର୍ଷା ଯୋଗୁଁ ଧାନ ସବୁ ଗଜା ହୋଇ ଗଲାଣି । ଚାଷୀ ଟୋକନ



ପାଇଛନ୍ତି; ହେଲେ ଧାନ ଉଠି ନ ପାରି ମଣ୍ଡିରେ ପଡ଼ି ରହିଛି । ସରକାର ରବି ଧାନ କିଣା ପାଇଁ ସମସ୍ତ ମଣ୍ଡିରେ ଆବଶ୍ୟକ ବ୍ୟବସ୍ଥା ଠିକ ଥିବା କହୁଛନ୍ତି । ଚାଷୀଙ୍କ ଧାନ କିଣାରେ କୌଣସି ବ୍ୟାଘାତ ସୃଷ୍ଟି ହେବ ନାହିଁ ବୋଲି ଡିଣ୍ଡିମ ପିଟୁଛନ୍ତି; ହେଲେ କଣ୍ଟାମାଳ ବ୍ଲକର ପ୍ରଶାସନ କେବଳ ୫୦୦ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଟାର୍ଗେଟ ଦେଇଛି । ଏହା ଫଳରେ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି । ବରିଷ୍ଠ କୃଷକ ନେତା ସୂର୍ଯ୍ୟ ନାରାୟଣ ମହାପାତ୍ର ଓ ଇଂ ବିକାଶ ମହାକୁଡଙ୍କ ନେତୃତ୍ୱରେ ଚାଷୀ ମଣ୍ଡିରେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି । ଟୋକନ୍ ପାଇ ମଣ୍ଡିକୁ ଧାନ ଆଣିଥିବା ସମସ୍ତ ଚାଷୀଙ୍କ ଧାନ କ୍ରୟ ପାଇଁ ଦାବି କରିଥିଲେ । ସେହିଭଳି ବୌଦ୍ଧ ବ୍ଲକ ବାଉଁଶୁଣୀ ପ୍ରାଥମିକ କୃଷି ସମବାୟ ସମିତିର ରବି ଧାନ ବିକ୍ରି କରି ପାରି ନ ଥିବା ଚାଷୀ ଧାନ କ୍ରୟ ଟାର୍ଗେଟ ବୃଦ୍ଧି ଦାବିରେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ବାଉଁଶୁଣୀ ସମିତିର ଚାଷୀ ଟୋକନ୍ ପାଇବା ପରେ ୨୨୦୦ କ୍ୱିଣ୍ଟାଲ୍ ଧାନ ସପ୍ତାହେ ହେଲା ମଣ୍ଡିରେ ଆଣି ରଖିଛନ୍ତି । ଟାର୍ଗେଟ ନ ଥିବା ହେତୁ ଧାନ କ୍ରୟ ହେଉନି । ଜିଲ୍ଲା ଯୋଗାଣ ଅଧିକାରୀ ସମିତିକୁ ୮୦୦ କ୍ୱିଣ୍ଟାଲ୍ ଧାନ କିଣିବାକୁ ଟାର୍ଗେଟ ଦେଇଛନ୍ତି । ଏହା ଫଳରେ ଧାନ ମଣ୍ଡିରେ ରଖିଥିବା ଚାଷୀଙ୍କ ଧାନ ଅଦ୍ୟାବଧି କ୍ରୟ କରାଯାଇନାହିଁ । ଟାର୍ଗେଟ ସରି ଗଲାଣି । ସରକାର ଟାର୍ଗେଟ ନ ଦେଲେ କେମିତି କିଣାହେବ କହି ଚାଷୀଙ୍କୁ ମଣ୍ଡି ସମ୍ପାଦକ ମନା କରିଦେଇଛନ୍ତି । ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି । ସେମାନେ ଚିନ୍ତିତ ହୋଇ ପଡ଼ିଛନ୍ତି । ଚାଷୀ ବିରକ୍ତ ହୋଇ ଶେଷରେ ରାସ୍ତାରୋକ କରିବାକୁ ଥାନାକୁ ଜଣାଇବା ଲାଗି ଯାଇଥିଲେ । ରାସ୍ତାରୋକ କଲେ କିଛି ଲାଭ ହେବ ନାହିଁ । ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରିବାକୁ ପୁଲିସ ବୁଝାଇଥିଲେ । ଏହାପରେ ୪ଟି ଗାଡ଼ିରେ ଚାଷୀ ୫୦ କିମି ଦୂର ବୌଦ୍ଧ ଜିଲ୍ଲାପାଳଙ୍କ ନିକଟକୁ ଗୁହାରି କରିବାକୁ ଯାଇଥିଲେ । ଜିଲ୍ଲାପାଳ ଅନୁପସ୍ଥିତ ଥିବାରୁ ସେମାନେ ସିଏସଓ ଶ୍ରୀନାଥ ହାଁସଦା ଙ୍କ ଅଫିସକୁ ଯାଇ ଅଭିଯୋଗ କରିଥିଲେ । ସମସ୍ତଙ୍କ ଧାନ କିଣାଯିବ ବୋଲି ସିଏସଓ ପ୍ରତିଶ୍ରୁତି ଦେଇଥିଲେ । ଚାଷୀମାନେ ଏ ନେଇ କଣ୍ଟାମାଳ ଅଧିକାଂଶ ମଣ୍ଡିରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଛି । କେଉଁଠି ମଣ୍ଡିରେ ଅବ୍ୟବସ୍ଥା ଥିବା ଯୋଗୁଁ ଧାନ ସବୁ ଗଜା ହୋଇଗଲାଣି । କେଉଁଠି ଟାର୍ଗେଟ ଅଭାବରୁ ଧାନ ଉଠି ନ ପାରି ଭିଜୁଛି । କଣ୍ଟାମାଳ ମଣ୍ଡିରେ ଶହ ଶହ କ୍ୱିଣ୍ଟାଲ ଧାନ ଭିଜୁଛି । ଟାର୍ଗେଟ ଅଭାବରୁ ଧାନ ଉଠି ପାରୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି । ଚାଷୀ ଧାନ ଉଠାଣ ପାଇଁ ପ୍ୟାକ୍ସ ସମ୍ପାଦକଙ୍କୁ ଅନେକ ଥର ଅବଗତ କରିଥିଲେ । ସମ୍ପାଦକ ଏ ଦିଗରେ କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି । ଏହାର ପ୍ରତିବାଦ କରି ଗୁରୁବାର ଚାଷୀ କଣ୍ଟାମାଳ ତହସିଲଦାରଙ୍କୁ ଅଭିଯୋଗ କରିବା ପାଇଁ ଯାଇଥିଲେ । ତହସିଲଦାର ଅନୁପସ୍ଥିତ ଥିବାର କଣ୍ଟାମାଳ ସେବା ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିଥିଲେ । ବର୍ତ୍ତମାନ କଣ୍ଟାମାଳ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଥିବା ଯୋଗୁଁ ଚାଷୀଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଛି ।

# ବଜ୍ରପାତରେ ଜ୍ୱାଇଁ ମୃତ; କାକାଶଶୁର ଗୁରୁତର

ତରଭା, ୨୬ ।୬(ସମିସ): ତରଭା ବ୍ଲକ ସିଂହାରୀ ପଞ୍ଚାୟତ ହେପିରିଆବେର୍ଣ୍ଣାରେ ଗୁରୁବାର ସକାଳେ ଅଘଟଣ ଘଟିଛି । ନିକଟସ୍ଥ ରେଙ୍ଗସା ଗ୍ରାମର ଭଙ୍ଗାମୁଣ୍ଡା(ବନ୍ଧ)କୁ ମାଛ ଧରିବାକୁ ଯାଇଥିବାବେଳେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବଲାଙ୍ଗୀର ଜିଲ୍ଲା ପୁଇଁତଲା ବ୍ଲକ ଅଇଁଲାପାଲି ନିବାସୀ ଶ୍ରୀକର ସେଲମା (୪୨) । ଅନ୍ୟପକ୍ଷେ ତାଙ୍କ ସହ ଯାଇଥିବା କାକା ଶଶୁର ଡିଙ୍ଗର ବାଘ(୪୭) ମଧ୍ୟ ଗୁରୁତର ହୋଇଛନ୍ତି । ତରଭା ଡାକ୍ତରଖାନାରେ ଚିକିତ୍ସା ପରେ ତାଙ୍କୁ ବଲାଙ୍ଗୀର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ତେବେ କମସରା ଫାଣ୍ଡି ଅଧିକାରୀ ମାରୁତ ଚନ୍ଦ୍ର ପ୍ରଧାନ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ତରଭା ଡାକ୍ତରଖାନାକୁ ପଠାଇଛନ୍ତି । ଏ ନେଇ ତରଭା ଥାନାରେ ଏକ ଅପମୃତ୍ୟୁ କେଶ୍ ରୁଜୁ ହୋଇଛି । ସୂଚନାଯୋଗ୍ୟ, ଶ୍ରୀକର ବର୍ଷେ ହେବ ତାଙ୍କ ଶଶୁର ଘରେ ସପରିବାର ରହୁଥିଲେ । ତାଙ୍କର ଏକ ୫ ବର୍ଷର ପୁତ୍ର ସନ୍ତାନ ଅଛି ।










# ଯୋଗଦେଲେ କନିଷ୍ଠ ଯନ୍ତ୍ରୀ; ଧାରଣା ପ୍ରତ୍ୟାହୃତ

ବିନିକା, ୨୬ ।୬(ସମିସ): ବିନିକା ଏନଏଏସିରେ କନିଷ୍ଠ ଯନ୍ତ୍ରୀ ସମସ୍ୟା ସମାଧାନ ହୋଇଛି । କନିଷ୍ଠ ଯନ୍ତ୍ରୀ ନ ଥିବାରୁ ବର୍ଷେ ହେଲା ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ଥିଲା । ଏହି ପଦବୀ ପୂରଣ ପାଇଁ ଏନଏଏସି ଉପାଧ୍ୟକ୍ଷା ତପସ୍ୱିନୀ ମେହେରଙ୍କ ନେତୃତ୍ୱରେ ଗୁରୁବାରଠାରୁ ସମସ୍ତ କାଉନସିଲର କାର୍ଯ୍ୟାଳୟ ସମ୍ମୁଖ ଫାଟକକୁ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେବାର ଥିଲା; ହେଲେ ପ୍ରଶାସନିକ ସ୍ତରରେ ତତ୍ପରତା ଦେଖା ଦେଇଥିଲା । ଜନପ୍ରତିନିଧିମାନ ଆନ୍ଦୋଳନକୁ ଦେଖି ତୁରନ୍ତ ତରୁଣ ମୁର୍ମୁ ନାମକ ଜଣେ କନିଷ୍ଠ ଯନ୍ତ୍ରୀ ଯୋଗ ଦେଇଛନ୍ତି । ଏହା ଫଳରେ ଜନପ୍ରତିନିଧିମାନେ ଗୁରୁବାରଠାରୁ ଯେଉଁ ଧାରଣା ଦେବାର ଥିଲା ତାହା ପ୍ରତ୍ୟାହାର କରି ନେଇଛନ୍ତି ।









# ସବୁଠୁ ନିଆରା କୋକସରା ଅଞ୍ଚଳର ରଥଯାତ୍ରା

କୋକସରା,୨୬।୬(ସମିସ) : ଶ୍ରୀ ଜଗନ୍ନାଥ ଏକ ବୈଚିତ୍ରମୟ ଦେବତା। ଶ୍ରୀକ୍ଷେତ୍ର ବ୍ୟତିରେକ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ମହାବାହୁ ପୂଜିତ ହୁଅନ୍ତି। ସେହି କ୍ରମରେ କଳାହାଣ୍ଡିର କୋକସରା ଅଞ୍ଚଳରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଭିନ୍ନ ପରମ୍ପରା ଅନୁକ୍ରମେ ଅନୁଷ୍ଠିତ ହୋଇଥାଏ। କଳାହାଣ୍ଡି ଜିଲ୍ଲାରେ ପ୍ରାଚୀନ ଅଭିଚାର ତନ୍ତ୍ର ଧାରାର ଅନେକ ଦେବାଦେବୀ ପୂଜା ପାଆନ୍ତି। ଏହାସହ ପ୍ରାଚୀନ ଧର୍ମଧାରା ସହ ଶୈବ, ଶାକ୍ତ ଏବଂ ବୈଷ୍ଣବ ଧର୍ମର ସମନ୍ୱୟ ଦେଖିବାକୁ ମିଳେ। ଏଠାକାର ପ୍ରାୟ ପ୍ରତ୍ୟେକ ଗ୍ରାମରେ ଜଗନ୍ନାଥ ମନ୍ଦିର ଦେଖିବାକୁ ମିଳେ। ସେହି କ୍ରମରେ କୋକସରା ବ୍ଲକର ଅନେକ ସ୍ଥାନରେ ମଧ୍ୟ ଜଗନ୍ନାଥଙ୍କୁ ଆରାଧ୍ୟ ଦେବତା ଭାବେ ପୂଜା କରାଯାଇଥାଏ। ତେବେ କୋକସରା ଅଞ୍ଚଳରେ ପାଳନ କରାଯାଉଥିବା ରଥଯାତ୍ରାରେ ସାମାନ୍ୟ ଭିନ୍ନ ପରମ୍ପରା ଦେଖିବାକୁ ମିଳେ। ବ୍ଲକର ଆମପାଣି, ସିଉନୀ, ବଡପୋଡାଗୁଡା, ଗୋତମୁଣ୍ଡା, କେନ୍ଦୁଡଙ୍ଗରୀ, କାଉଡୋଲା, ଲଡୁଗାଁ, କୋକସରା, କାଶିବାହାଲ, ମୋଟେର, ଛିଲପାମାଲ, ଡଙ୍ଗରିଗୁଡା, ତୁନଗାଁ, ଟେମରା ଆଦି ଗ୍ରାମରେ ରଥଯାତ୍ରା ପାଳିତ ହୋଇଥାଏ। ଅନେକ ସ୍ଥାନରେ ଜଗନ୍ନାଥଙ୍କ ଏକକ ବିଗ୍ରହ ଦଧିବାମନଙ୍କ ରଥଯାତ୍ରା ହୋଇଥାଏ। ଏହାକୁ ସ୍ଥାନୀୟ ଅଞ୍ଚଳରେ "ରଥ୍ ଦୁତିଆ ବା ଗୁନ୍‌ଚା ରଥ୍' ବୋଲି କୁହା ଯାଇଥାଏ। ଏହି ଅଞ୍ଚଳରେ "ରଥ ଛିଆଁ' ଗୋଟିଏ ଅଲଗା ଓ ନିଆରା ପରମ୍ପରା। ଜନମ ହେଲା ଛୁଆକୁ ଭାତ ଖୁଆ ହେଲା ପରଠୁ ଦେଉଳ ପ୍ରବେଶ ବିଧି ଅଛି। ଏହା ଆଗରୁ "ରଥ ଛିଆଁ' ବିଧି କରାଯାଏ। ରଥଯାତ୍ରାବେଳେ ଛୁଆମାନଙ୍କୁ ନୂଆ ଜାମା ପିନ୍ଧାଇ ରଥ ଉପରକୁ ଚଢାଯାଇ ବିଗ୍ରହଙ୍କ ଦର୍ଶନ କରାଯାଏ। ଏହାଦ୍ୱାରା ଶିଶୁର ଭବିଷ୍ୟତ ଉଜ୍ଜ୍ୱଳ ହେବାର ବିଶ୍ୱାସ କରାଯାଏ। ସେଥିପାଇଁ ମା' ବାପାମାନେ ଛୁଆକୁ ରଥ ଛିଆଁ କରାଇଥାଆନ୍ତି। ଅନ୍ୟପକ୍ଷରେ ବ୍ଲକର ଗୋତମୁଣ୍ଡାଠାରେ ନିଆରା ଢଙ୍ଗରେ ରଥଯାତ୍ରା ପାଳିତ ହୋଇଥାଏ। ଏଥିରେ ଦ୍ୱିତୀୟା ତିଥିରେ ଟଣା ଯାଉଥିବା ରଥକୁ ସର୍ବସାଧାରଣ ଟାଣିଥାନ୍ତି; କିନ୍ତୁ ବାହୁଡ଼ା ରଥଯାତ୍ରାକୁ ଗ୍ରାମ୍ୟ ଦେବାଦେବୀ ଲାଠି କାଳିସୀ ହିଁ ଟାଣିଥାନ୍ତି। ଏହା ଆଦିବାସୀ ସଂସ୍କୃତି ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଥାଏ। ଶ୍ରୀଜଗନ୍ନାଥଙ୍କ ନବଦିନ ବ୍ୟାପୀ ଘୋଷଯାତ୍ରା ସହ ନବଗ୍ରହଙ୍କ ଘନିଷ୍ଠ ସମ୍ପର୍କ ରହିଛି। ଶ୍ରୀଜଗନ୍ନାଥଙ୍କ ଏହି ନବଦିନ ଯାତ୍ରା ସପ୍ତାହର ପ୍ରତ୍ୟେକ ବାରକୁ ଆବୃତ୍ତ କରିଥାଏ। ସପ୍ତାହକର ୭ ଦିନ ଗ୍ରହମଣ୍ଡଳର ଗ୍ରହମାନଙ୍କ ନାମରେ ନାମିତ। ରବିଙ୍କ ଉଦ୍ଦେଶ୍ୟରେ ରବିବାର, ଚନ୍ଦ୍ରଙ୍କ ଉଦ୍ଦେଶ୍ୟରେ ସୋମବାର, ମଙ୍ଗଳଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର, ବୁଧଙ୍କ ଉଦ୍ଦେଶ୍ୟରେ ବୁଧବାର, ଦେବଗୁରୁ ବୃହସ୍ପତିଙ୍କ ଉଦ୍ଦେଶ୍ୟରେ ଗୁରୁବାର, ଶୁକ୍ରଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ଓ ଶନିଙ୍କ ଉଦ୍ଦେଶ୍ୟରେ ଶନିବାର; କିନ୍ତୁ ଅନ୍ୟ ଦୁଇଗ୍ରହ, ଯଥା ରାହୁ ଓ କେତୁ ଛାୟାଗ୍ରହ ହେତୁ ଏମାନଙ୍କ କୌଣସି ସ୍ୱତନ୍ତ୍ର ବାର ନାହିଁ। ଆଷାଢ଼ ମାସର ତୃତୀୟା ତିଥି ଯେଉଁଦିନ ପଡ଼ିବ ସେହିଦିନ ଶ୍ରୀଜଗନ୍ନାଥ ସେହିବାରର ପ୍ରତୀକ ଗ୍ରହ ରୂପେ ପୂଜା ପାଆନ୍ତି। ମନେ କରାଯାଉ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଘୋଷଯାତ୍ରା ଦିନ ରବିବାର ହେଲେ ତୃତୀୟା ସୋମବାର ହେବ ଏବଂ ତୃତୀୟାଠାରୁ ଶ୍ରୀଜଗନ୍ନାଥ ଆଗାମୀ ରବିବାର ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ପ୍ରତ୍ୟେକ ଗ୍ରହଙ୍କ ନିର୍ଦ୍ଦିଷ୍ଟ ସେହି ଗ୍ରହଙ୍କ ସ୍ୱରୂପ ଭାବରେ ଗୁଣ୍ଡିଚା ମନ୍ଦିରରେ ପୂଜା ପାଆନ୍ତି। ସୋମବାର ଦିନ ଚନ୍ଦ୍ରଙ୍କ ସ୍ୱରୂପ, ମଙ୍ଗଳବାର ଦିନ ମଙ୍ଗଳଙ୍କ ସ୍ୱରୂପ, ବୁଧବାର ଦିନ ବୁଧଙ୍କ ସ୍ୱରୂପ, ଗୁରୁବାର ଦିନ ବୃହସ୍ପତିଙ୍କ ସ୍ୱରୂପ, ଶୁକ୍ରବାର ଦିନ ଶୁକ୍ରଙ୍କ ସ୍ୱରୂପ, ଶନିବାର ଦିନ ଶନିଙ୍କ ସ୍ୱରୂପ ଓ ରବିବାର ଦିନ ରବିଙ୍କ ସ୍ୱରୂପ ଭାବରେ ପୂଜା ପାଆନ୍ତି; କିନ୍ତୁ ରାହୁ ଓ କେତୁ ଏ ଦୁଇ ଗ୍ରହଙ୍କ ସ୍ୱତନ୍ତ୍ର ବାର ନ ଥିବା ହେତୁ ପ୍ରଥମ ଗୁଣ୍ଡିଚା ଘୋଷଯାତ୍ରା ଓ ଶେଷ ବାହୁଡ଼ା ଏ ଦୁଇ ଦିବସକୁ ରାହୁ ଓ କେତୁଙ୍କ ପାଇଁ ନିର୍ଦ୍ଦିଷ୍ଟ ବୋଲି ନିର୍ଣ୍ଣୟ କରାଯାଏ। ଏକସପ୍ତାହ ବ୍ୟାପି ଗୁଣ୍ଡିଚାରେ ରହଣୀ କାଳ ଚନ୍ଦ୍ରଙ୍କଠାରୁ ଆରମ୍ଭ କରି ରବିଙ୍କ ପର୍ଯ୍ୟନ୍ତ ସପ୍ତଗ୍ରହକୁ ସୂଚାଇଲା ଭଳି ଦୁଇ ଯାତ୍ରାକୁ ସାଙ୍କେତିକ ଭାବରେ ରାହୁ ଓ କେତୁଙ୍କୁ ସୂଚାଇ ନବଦିନ ବ୍ୟାପି ଯାତ୍ରା ନବଗ୍ରହକୁ ସମ୍ପୂର୍ଣ୍ଣ କରେ। ଏହି ତତ୍ତ୍ୱ କୃଷି କର୍ମ ଓ ପାଣିପାଗ ସହ ମଧ୍ୟ ସଂଯୁକ୍ତ ହୋଇଥାଏ। ତେଣୁ କୋକସରା ସମେତ କଳାହାଣ୍ଡିର ଚାଷୀ ଓ ଜନସାଧାରଣ "ରଥ୍ ଦୁତିଆ' ଆସିଲେ ବହୁତ ଉତ୍ସାହିତ ହୋଇ ଥାଆନ୍ତି।

## ଧର୍ମଗଡ଼ରେ ନବଯୌବନ ବେଶ

ଧର୍ମଗଡ଼,୨୬।୬(ସମିସ): ଧର୍ମଗଡ଼ ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀ ଜୀଉଙ୍କ ନବ ଯୌବନ ବେଶ (ନେତ୍ରୋତ୍ସବ) ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅଣସର ଗୃହରୁ ଶ୍ରୀଜୀଉମାନଙ୍କୁ ମନ୍ଦିରକୁ ଅଣାଯିବା ପରେ ପଣ୍ଡିତ ପ୍ରଭାକର ନନ୍ଦ ଓ ମନ୍ଦିର ପୂଜକ ଭଣ୍ଡେଶ୍ୱର ଆଚାର୍ଯ୍ୟଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା।



ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଷୀ ଓ ତାଙ୍କ ପତ୍ନୀ ପୁଷ୍ପାଞ୍ଜଳି ପଟ୍ଟଯୋଷୀ କର୍ତ୍ତା ଭାବେ ପୂଜା କାର୍ଯ୍ୟ ତୁଲାଇ ଥିଲେ। ଟ୍ରଷ୍ଟର ସଭାପତି ଭାରପ୍ରାପ୍ତ ଉପଜିଲ୍ଲାପାଳ ଅଜୟ ତିର୍କୀ, ତହସିଲଦାର କୀର୍ତ୍ତି ଚନ୍ଦ୍ର ପ୍ରଧାନ, ଏନଏସି ଅଧ୍ୟକ୍ଷ ଅଶୋକ ମହାନ୍ତି, ଟ୍ରଷ୍ଟର ଉପସଭାପତି ତୁଷାର ରଞ୍ଜନ ପଟ୍ଟଯୋଶୀ, ଟ୍ରଷ୍ଟର ସଂପାଦକ ନିରଞ୍ଜନ ମହାପାତ୍ର, ବରିଷ୍ଠ ସଦସ୍ୟ ହିମାଂଶୁ ଶେଖର ମୁଣ୍ଡ, ସୁରେଶ ଚନ୍ଦ୍ର ମୁଣ୍ଡ, ସୁକଲାଲ ଅଗ୍ରୱାଲ, ବିଦ୍ୟାଧର ସାହୁ, ହୃଷୀକେଶ ମିଶ୍ର, ସରୋଜ ସାହୁ, ଜନ୍ମେଜୟ ନାଏକ, ଲକ୍ଷ୍ମୀକାନ୍ତ ଖମାରୀ, ଇଙ୍ଗିତ ପଣ୍ଡା, ଲଳିତ ଅଗ୍ରୱାଲ, ତ୍ରିଲୋଚନ ମୁଣ୍ଡ, ବୀରକିଶୋର ପଣ୍ଡା, ହିମାଂଶୁ ପଣ୍ଡାଙ୍କ ସମେତ ଭକ୍ତମାନେ ଉପସ୍ଥିତ ଥିଲେ।

## କଲମପୁର ନିର୍ମାଲ୍ୟ କ୍ଷେତ୍ରରେ ନେତ୍ର ଉତ୍ସବ

କଲମପୁର,୨୬।୬(ସମିସ): ଶୁକ୍ରବାର ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା। ଏଥିପାଇଁ ପୁରପଲ୍ଲୀ ଉତ୍ସବ ମୁଖର ହୋଇଉଠିଛି। କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳରେ ବିଭିନ୍ନ ସ୍ଥାନରେ ରଥ ନିର୍ମାଣ ଶେଷ ହୋଇ ସାରିଛି। ଗୁରୁବାର ମହାପ୍ରଭୁଙ୍କ ରଥରେ ନେତ୍ର ଉତ୍ସବ ପାଳନ ହୋଇଛି। କଲମପୁର ନିର୍ମାଲ୍ୟ କ୍ଷେତ୍ର ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ସମ୍ମୁଖରେ ନିର୍ମିତ ରଥ ଉପରେ ପୂଜାପାଠ ସହମହାପ୍ରଭୁଙ୍କ ନେତ ଲାଗି ହୋଇଛି। ପୂଜକ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ପରେ ଏହି କାର୍ଯ୍ୟ ସମାପନ କରିଛନ୍ତି। ଏଥିରେ କର୍ତ୍ତା ଭାବେ ଶିକ୍ଷାବିତ ରାମପ୍ରସାଦ ପଣ୍ଡା ଦାୟିତ୍ୱ ନିର୍ବାହ କରିଥିବା ବେଳେ ଶ୍ରୀ ଜଗନ୍ନାଥ ପରିଚାଳନା କମିଟିର ସଦସ୍ୟ ମୋହନ ସୁନ୍ଦର ପଣ୍ଡା, ପଙ୍କଜ ରାୟଗୁରୁ, ବିଜୟ ପଣ୍ଡା, ନଳିନୀ ପଣ୍ଡା, ଅଶ୍ୱିନୀ ସେନାପତି ପ୍ରମୁଖ ସହଯୋଗ କରିଥିଲେ।

## ଉପଜିଲ୍ଲାପାଳଙ୍କୁ ବିଜେଡିର ଦାବିପତ୍ର

ଧର୍ମଗଡ଼,୨୬।୬(ସମିସ): ଧର୍ମଗଡ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କିଙ୍କୁ ବିଜେଡି ଦାବିପତ୍ର ଦେଇଛି। ମଣ୍ଡିରେ ପଡିଥିବା ଧାନ ଶୀଘ୍ର କିଣିବା, ଲାପ୍ସ ହୋଇଥିବା ଟୋକନକୁ ପୁନଃ ଇସ୍ୟୁ କରିବା, ବର୍ଷାରେ ଭିଜି ଯାଇଥିବା ଚାଷୀଙ୍କ କ୍ଷତିପୂରଣ ଦେବା, କଟନି ଛଟନି ବନ୍ଦ କରିବା, ଚାଷୀଙ୍କୁ ଧାନ ବସ୍ତା ପ୍ରଦାନ ଭଳି ବିଭିନ୍ନ ସମସ୍ୟା ନେଇ ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।



ଖୋଲା ଆକାଶ ତଳେ ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପଡିଛି। ବର୍ଷାରେ ଭିଜି ଗଜା ହେଉଛି। ଚାଷୀ ମଣ୍ଡିରେ ୧୫ରୁ ୨୦ ଦିନ ଧରି ଦିନ ରାତି ନିଜ କଷ୍ଟ ଉପାର୍ଜିତ ଶୁଖା ଧାନ ଜଗି ବସୁଛନ୍ତି। ଚାଷୀଙ୍କ ଟୋକନ ମଧ୍ୟ ଲାପ୍ସ ହେଉଥିବା ଅଭିଯୋଗ ହୋଇଛି। ଦିନକୁ ଗୋଟିଏ କିମ୍ବା ଦୁଇଟି ଗାଡି ଆସୁଥିବାରୁ ଧର୍ମଗଡ ବ୍ଲକର ବୋଡେନ, ଖଇରପଦର, ନନ୍ଦଗାଁ, ଧର୍ମଗଡ ଭଳି ବିଭିନ୍ନ ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପଡି ରହିଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ସରକାର ତୁରନ୍ତ ଚାଷୀଙ୍କ ଧାନ କ୍ରୟ ନ କଲେ ଆଗାମୀ ୫ ଦିନ ମଧ୍ୟରେ ରାଜ ରାସ୍ତାରେ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ବିଜୁ ଜନତା ଦଳ ଜିଲ୍ଲା ଉପସଭାପତି ଥବିର ପ୍ରସାଦ ସାହୁ, ଜିଲ୍ଲା ସମ୍ପାଦକ ଗୌରଚନ୍ଦ୍ର ଛତ୍ରିଆ, ଯୁବ ନେତା ଡାକେସ୍ୱର ଲହଜଲ, ବ୍ଲକ ସଭାପତି ଟିକମନ ଯାଦବ, ଜୋନ ୧ ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ଜୋନ ୩ ଜିଲ୍ଲାପରିଷଦ ସଭ୍ୟ ପ୍ରଣବ ପ୍ରକାଶ ଭଏସାଲ, ବ୍ଲକ ସଭାପତି ଟିକମନ ଯାଦବ, ସନ୍ତୋଷ ପାଢ଼ୀ, ସୁନୀଲ ଭଏସାଲ, ରତନ ନାଏକ, ଲବଣି ରାଉତ, ଗୌର ବାଗ, ସମେତ ଅନେକ ବିଜେଡି କର୍ମୀ ଚେତାବନୀ ଦେଇଛନ୍ତି।

## ବିଜେଡିର ଚେତାବନୀ ପରେ ଧାନକିଣାକୁ ପୂର୍ଣ୍ଣ ମଞ୍ଜୁରୀ




ନୂଆପଡା,୨୬।୬(ସମିସ): ବର୍ତ୍ତମାନ ବର୍ଷା ଦିନ ଆରମ୍ଭ ହୋଇଥିବାବେଳେ ରବି ଧାନକିଣା ବାଧାପ୍ରାପ୍ତ ହୋଇଛି। ଜିଲ୍ଲାରେ ଧାନ ଉତ୍ପାଦନ ଅନୁପାତରେ ସରକାର ଟାର୍ଗେଟ ଠିକ୍ ସମୟରେ ଦେଇ ନ ଥିବା ହେତୁ ମଣ୍ଡି ଗୁଡିକରେ ହଜାର ହଜାର କ୍ୱିଣ୍ଟାଲ ଧାନ କିଣା ନ ହୋଇ ପଡି ରହିଛି। ପୂର୍ବରୁ କାଳ ବୈଶାଖୀ ଯୋଗୁଁ କ୍ଷେତରେ ଧାନ ଗଜା ହୋଇଥିବାବେଳେ ବର୍ତ୍ତମାନ ମଣ୍ଡି ଗୁଡିକରେ ସମାନ ଅବସ୍ଥା ହୋଇଛି। ଏଥିସକାଶେ ଜିଲ୍ଲା ବିଜେଡି ଏବଂ ପ୍ୟାକ୍ସ ଆସୋସିଏସନ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଆନ୍ଦୋଳନ ଚେତାବନୀ ଦିଆଯାଇଛି। ଏହାପରେ ସରକାରଙ୍କ ତରଫରୁ ସଂଧ୍ୟାରେ ଧାନ କିଣା ଟାର୍ଗେଟ ଆସିଛି। ଏହାକୁ ନେଇ ଚାଷୀ ମହଲରେ ଖୁସି ପ୍ରକାଶ ପାଇଛି। ଜିଲ୍ଲାରେ ଏଥର ୧୨ ହଜାର ୮୦୦ଚାଷୀଙ୍କ ପଞ୍ଜୀକରଣ ହୋଇଛି। ଏମାନଙ୍କଠାରୁ ୭ଲକ୍ଷ ୧୧ହଜାର କ୍ୱିଣ୍ଟାଲ ଧାନ କିଣାଯିବା ପାଇଁ ଟାର୍ଗେଟ କରାଯାଇଥିଲା। ଏବେ ସୁଦ୍ଧା ୬ଲକ୍ଷ ୭୨ହଜାର କ୍ୱିଣ୍ଟାଲ ଧାନ କିଣା ସରିଛି। ତଥାପି ଜିଲ୍ଲାର ବିଭିନ୍ନ ମଣ୍ଡିରେ ୬୦ହଜାର କୁଇଣ୍ଟାଲରୁ ଅଧିକ ଧାନ ପଡି ରହିଛି। ମଣ୍ଡି ଗୁଡିକରେ ଧାନ ରଖିବାକୁ ଠିକ ବ୍ୟବସ୍ଥା ନ ଥିବା ହେତୁ ଧାନ ସବୁ ଗଜା ହେବାକୁ ବସିଲାଣି। ଚାଷୀ ଚିନ୍ତାରେ ଦିନ ଗଣୁଛନ୍ତି। ଏଭଳି ସ୍ଥିତିରେ ଜିଲ୍ଲା ବିଜେଡି ଏବଂ ପ୍ୟାକ୍ସ ଆସୋସିଏସନ ତରଫରୁ ନୂଆପଡାଠାରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ବିକ୍ଷୋଦଗାର କରାଯାଇଛି। ସରକାର ସବୁବେଳେ ଚାଷୀଙ୍କ ଉନ୍ନତି କଥା କହୁଥିବାବେଳେ ଠିକ ସମୟରେ ଟାର୍ଗେଟ ଦେଉ ନ ଥିବାରୁ ଏଭଳି ସ୍ଥିତି ହେଉଛି। ମଣ୍ଡିଗୁଡିକରୁ ତୁରନ୍ତ ଧାନ ନ ଉଠିଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ପରେ ଚାଷୀମାନଙ୍କ ସହ ମିଶି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଦାବି ଉପସ୍ଥାପନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ କହିଛନ୍ତି ଯେ, ୩୦ତାରିଖ ମଧ୍ୟରେ ସମସ୍ତ ଧାନ ଉଠାଣର ବ୍ୟବସ୍ଥା କରାଯିବ। ପ୍ରଥମ ଦଫାରେ ୩୦ହଜାର କ୍ୱିଇଣ୍ଟାଲ ଧାନ କିଣାଯିବା ପାଇଁ ନିର୍ଦ୍ଦେଶ ଆସିସାରିଛି ବୋଲି କହିଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶ କହିଛନ୍ତି ଯେ, ସରକାରଙ୍କୁ ଜଣାଇବା ପରେ ଆହୁରି ୩୦ ହଜାର କ୍ୱିଣ୍ଟାଲ କିଣାଯିବାକୁ ନିର୍ଦ୍ଦେଶ ଆସିଯାଇଛି। ମୋଟ ୬୦ ହଜାର କ୍ୱିଣ୍ଟାଲ ଧାନ କିଣାଯାଇପାରିବ। ଏଥିରେ ଜିଲ୍ଲାର ସମସ୍ତ ଚାଷୀଙ୍କ ଧାନ ଉଠିଯିବ। ଚାଷୀ ବ୍ୟସ୍ତ ନ ହୋଇ ପ୍ରଶାସନିକ କଳକୁ ସହଯୋଗ କରିବାକୁ ଆହ୍ୱାନ ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପ୍ୟାକ୍ସ ସଭାପତି ତଥା ରାଜ୍ୟ ବିଜେଡି ସାଧାରଣ ସଂପାଦକ ରାଜେଶ ନିଗମ ଅଧ୍ୟକ୍ଷତା କରିଥିଲେ। ନୂଆପଡା ବିଧାୟକଙ୍କ ପ୍ରତିନିଧି ଜୟ ଢୋଲକିଆ, ବିଜେଡି ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଷୀ, ଧନୀରାମ ସାହୁ, ବ୍ଲକ୍ ଉପାଧ୍ୟକ୍ଷ ଦିଲୀପ ନିର୍ମଳକର, ରୋମେନ୍ଦ୍ର ଚନ୍ଦ୍ରକାର, ଦେବୀ ପ୍ରସାଦ ମିଶ୍ର, ଯୁବରାଜ ଜଗତ, ସତ୍ୟ ମୁଣ୍ଡ, ନୀଳକଣ୍ଠ ଦାସ, ଗୋପିନାଥ ରାଉତ, ମନୋଜ ସାହୁ, ନୀଳକମଳ ଚନ୍ଦ୍ରକାର, ଟିଙ୍କୁ ପଣ୍ଡା, ଶିବୁ ପାତ୍ର, ମଳୟ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ବିବାହିତ ଯୁବକ ଗିରଫ

ଧର୍ମଗଡ଼,୨୬।୬(ସମିସ): ଗୋଲାମୁଣ୍ଡା ଥାନା ପୁଲିସ ଯୁବତୀଙ୍କୁ ପ୍ରତାରଣା ଓ ଦୁଷ୍କର୍ମ ମାମଲାରେ ଜଣେ ବିବାହିତ ଯୁବକକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ଗୋଲାମୁଣ୍ଡା ବ୍ଲକ୍ ଲେଡେର ଗ୍ରାମର ନବକିଶୋର ନାଏକ (୩୭)। ସେ ଜଣେ ଯୁବତୀଙ୍କ ଫୋନ୍ ନମ୍ବର କୌଣସି ମତେ ସଂଗ୍ରହ କରିଥିଲା। ପରେ ମେସେଜ, କଲ୍‌ରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଦୀର୍ଘଦିନ ପ୍ରେମ ସମ୍ପର୍କ ପରେ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଖାଇ ଦୁହେଁ ଫେରାର ମାରିଥିଲେ। କୋରାପୁଟ ଜିଲ୍ଲା ବୈପାରିଗୁଡାର ଏକ ଲଜରେ ଦୁହେଁ ରହିବା ସହ ଶାରୀରିକ ସମ୍ପର୍କ ଗଢି ଉଠିଥିଲା। ପରେ କିନ୍ତୁ ନବ ଯୁବତୀଙ୍କୁ ବିବାହ କରିବାକୁ ମନା କରିଥିଲା। ଏନେଇ ଯୁବତୀ ଜଣକ ପରିବାରକୁ ଜଣାଇ ଉଦ୍ଧାର କରିବାକୁ କହିଥିଲେ। ପରିବାର ଲୋକେ ପୁଲିସକୁ ଜଣାଇବା ପରେ ବୈପାରିଗୁଡା ଥାନା ପୁଲିସ ଓ ଗୋଲାମୁଣ୍ଡା ଥାନା ପୁଲିସର ମିଳିତ ଉଦ୍ୟମରେ ଲଜରୁ ଯୁବତୀଙ୍କୁ ଉଦ୍ଧାର କରାଯାଇ ନବକୁ ପୁଲିସ ଗିରଫ କରିଥିଲା। ଏନେଇ ଗୋଲାମୁଣ୍ଡା ଥାନାରେ ପୁଲିସ ନବ ବିରୋଧରେ ଏକ ମାମଲା ରୁଜୁ କରିଛି। ନବର ଏକ ୧୮ ବର୍ଷର ପୁଅ ରହିଥିବା ପୁଲିସ କହିଛି।



## ଗଞ୍ଜେଇ କାରବାରରେ ୩ ଗିରଫ

ନୂଆପଡା/କୋମନା,୨୬।୬(ସମିସ): ନୂଆପଡା ଜିଲ୍ଲା କୋମନା ଥାନା ଜଡ଼ାମୁଣ୍ଡା ବସ୍‌ଷ୍ଟାଣ୍ଡରୁ ବାହାର ରାଜ୍ୟକୁ ଚୋରା ଚାଲାଣ ବେଳେ କୋମନା ପୁଲିସ ଦ୍ୱାରା ୩୭ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ପଣ୍ଡରାପଥର ଗାଁର କିଶୋର ରାଉତ (୫୦), ଦୁହେଲପଡ଼ା ଗାଁର ଅଚ୍ୟୁତ ନାଏକ(୨୦) ଓ ମଧ୍ୟପ୍ରଦେଶର ଅମିତ କୁମାର(୩୪) କୁ ପୁଲିସ ଗିରଫ କରିଛି।






## ମହାଲିଙ୍ଗ କଲେଜ ହଷ୍ଟେଲରୁ ନିଖୋଜ ଯୁବକ ରାୟପୁରରୁ ଠାବ

ଧର୍ମଗଡ଼,୨୬।୬(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ମହାଲିଙ୍ଗ କଲେଜ ହଷ୍ଟେଲରୁ ନିଖୋଜ ଛାତ୍ର ତ୍ରିନାଥ ରଣା (୨୧) ଛତିଶଗଡ ରରାୟପୁରରୁ ଠାବ ହୋଇଛନ୍ତି। ଯୁକ୍ତତିନିରେ ପଢୁଥିବା ତ୍ରିନାଥ ହଷ୍ଟେଲରୁ ନିଖୋଜ ହୋଇଯାଇଥିବା କେଗାଁ ଥାନାରେ ତାଙ୍କ ପରିବାର ବର୍ଗ ଲିଖିତ ଅଭିଯୋଗ କରିଥିଲେ। ପୁଲିସ କିନ୍ତୁ ଚୁପ୍ ହୋଇ ବସିପଡିଥିଲା। ଏ ନେଇ ଦୈନିକ 'ସକାଳ' ପତିନିଧି ଆଶୁତୋଷ ରାଉତ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀଙ୍କୁ ଅବଗତ କରିଥିଲେ। ଏହାପରେ ବିଧାୟକ ଶ୍ରୀ ପଟ୍ଟଯୋଶୀ ଏସ୍‌ପିଙ୍କ ସହ ଆଲୋଚନା କରିଥିଲେ। ଥାନା ଅଧିକାରୀ ମୁକୁନ୍ଦ ନାୟକଙ୍କୁ ଏସ୍‌ପି ତାଗିଦ କରିବା ପରେ ସେ ମହାଲିଙ୍ଗ କଲେଜ ଓ ହଷ୍ଟେଲରେ ପହଞ୍ଚି ତଦନ୍ତ କରିଥିଲେ। ସହପାଠୀ ଓ କଲେଜ ପରିସରରେ ଥିବା ସିସିଟିଭି ଓ ବିଭିନ୍ନ ଦିଗକୁ ନେଇ ଯାଞ୍ଚ କରିଥିଲେ।

## ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସାଧାରଣ ଅଧିବେଶନ

ଭବାନୀପାଟଣା,୨୬।୬(ସମିସ): କଳାହାଣ୍ଡି ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ସଦସ୍ୟ ବିସିକେଶନ ନାୟକଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ସଂଘର ଉପଦେଷ୍ଟା ଦୁର୍ଗା ଚରଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ନିର୍ବାଚନ ଅଧିକାରୀ ଭାବେ ମଧୁସୂଦନ ମହାପାତ୍ର, ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ, ଡ. ଅଜୟ ମିଶ୍ର, ଟି.ରାମକୃଷ୍ଣ ଓ ବରିଷ୍ଠ ଆଇନଜୀବୀ ସତ୍ୟ ପଟ୍ଟନାୟକ ନିର୍ବାଚନ ପରିଚାଳନା କରିଥିଲେ। ସଭାପତି ଭାବେ ଶରତ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ଭାବେ ସବିତା ପଟ୍ଟନାୟକ, ଉପସଭାପତି ଭାବେ ବିଶିକେଶନ ନାୟକ, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ମନୋଜ ପାଣିଗ୍ରାହୀ, ସାଧାରଣ ସମ୍ପାଦନ ଭାବେ ରାଜେନ୍ଦ୍ର ସାହୁ, ଅର୍ଥ ସଂପାଦକ ଭାବେ ବିଚିତ୍ରାନନ୍ଦ ସ୍ୱାଇଁ, ସଂପାଦକ ଭାବେ କଳ୍ପନା ରଥ, ସୁଧୀର ରଥ, ମହେନ୍ଦ୍ର ପଣ୍ଡା ଓ ସୁବାଷ ପଣ୍ଡା, ଅଡିଟର ଭାବେ ଗୋପାଳ ସାହୁ ନିର୍ବାଚିତ ହୋଇଥିଲେ।

## ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳନ

କେସିଙ୍ଗା,୨୬।୬(ସମିସ): ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ପ୍ରଧାନ ଶିକ୍ଷକ ସମୀର ବେହେରାଙ୍କ ସଭାପତିତ୍ୱରେ ଏହା ଆୟୋଜିତ ହୋଇଥିଲା। ସ୍ଥାନୀୟ ବିଦ୍ୟୁତ୍ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଦେବୀ ପ୍ରସାଦ ଦୀକ୍ଷିତ, ବିନୟ ସାହୁ, ବିଜୟ ଦାଶ, ଭୋଳାନାଥ ନାୟକ, ବିଦ୍ୟାଳୟ ପରିଚାଳନା ସଭାପତି ଶିବ ପ୍ରସାଦ ସାହୁ, ହେମନ୍ତ ବାଗ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି କେସିଙ୍ଗା ବ୍ଲକର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଗଠିତ ଶକ୍ତି କ୍ଲବର ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ହେମନ୍ତ ମହୁଲିଆ ଓ ଜି.କ୍ରିଷ୍ଣା ରେଡି ସଂଯୋଜନା କରିଥିଲେ।









# ଶ୍ରୀଜୀଉଙ୍କ ନେତ୍ରୋତ୍ସବ ଏବଂ ନବଯୌବନ ଦର୍ଶନ






**ଝାରସୁଗୁଡା, ୨୬।୬(ସମିସ)**

ଆସନ୍ତାକାଲି(ଶୁକ୍ରବାର) ମହାପ୍ରଭୁଙ୍କ ରଥଯାତ୍ରା। ଏଥିପାଇଁ ଝାରସୁଗୁଡା ଜିଲ୍ଲା ଚଳଚଞ୍ଚଳ ହୋଇଉଠିଛି। ଗୁରୁବାର ଝାରସୁଗୁଡା ଜିଲ୍ଲାର ଜଗନ୍ନାଥ ମନ୍ଦିରରେ ନବ ଯୌବନ ବେଶରେ ଦର୍ଶନ ଦେଇଛନ୍ତି ମହାପ୍ରଭୁ। ଆଜି ଗୁରୁବାର ସକାଳୁ ସମ୍ପୂର୍ଣ୍ଣ ରୀତିନୀତିରେ ପୂଜାର୍ଚ୍ଚନାପରେ ଚତୁର୍ଦ୍ଧାମୂର୍ତ୍ତୀଙ୍କ ଦର୍ଶନ କରିଛନ୍ତି ଶ୍ରଦ୍ଧାଳୁ। ଘଣ୍ଟ ଶଙ୍ଖ ର ନାଦରେ ସମ୍ପୂର୍ଣ୍ଣ ରୀତିନୀତିରେ ତିନି ଠାକୁରଙ୍କ ପୂଜାର୍ଚ୍ଚନା କରାଯାଇଛି। ୧୫ ଦିନର ପରେ ଗୁରୁବାର ଅଗଣିତ ଭକ୍ତ ମହାପ୍ରଭୁଙ୍କ ନବଯୌବନ ଦର୍ଶନ କରିଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ କରି ଆନନ୍ଦରେ ଭାବ ବିଭୋର ହୋଇପଡ଼ିଛନ୍ତି ଭକ୍ତ। ଚକା ଚକା ଆଖିକୁ ଦର୍ଶନ କରିବା ସହିତ ଭାବର ଠାକୁରଙ୍କ ସହିତ ଭାବ ଆଦାନ ପ୍ରଦାନ କରିଛନ୍ତି ଶ୍ରଦ୍ଧାଳୁ। ଆସନ୍ତାକାଲି ରଥଯାତ୍ରା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବିଶେଷ କରି ଝାରସୁଗୁଡା ସହର, କୁକୁରଜଙ୍ଘା, ବ୍ରଜରାଜନଗର, ବେଲପାହାଡ, ଗୁମାଡେରା ଆଦି ଅଞ୍ଚଳରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ରଥ ଟାଣ ସମୟରେ ଯାନବାହନ ଚଳାଚଳ ବନ୍ଦ କରିବା ପାଇଁ ସହର ମଝି ରାସ୍ତାକୁ ବ୍ୟାରିକେଟ କରି ବନ୍ଦ କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

**କୋଲାବିରା:** ଗୁରୁବାର ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉମାନଙ୍କର ନେତ୍ରୋତ୍ସବ ଏବଂ ନବଯୌବନ ଦର୍ଶନ ଓ ଉଭା ଯାତ୍ରା ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି।ଭକ୍ତମାନେ ପ୍ରଭୂଙ୍କ ନବଯୌବନ ଦର୍ଶନ କରି ଆମତୃପ୍ତି ଲଭିଛନ୍ତି। ସ୍ନାନପୂର୍ଣ୍ଣିମାର ସ୍ନାନ ପରେ ଶ୍ରୀଜୀଉମାନେ ଅସୁସ୍ଥ ରହିବା ପରେ ଆଜି ସେବାୟତମାନେ ମହାପ୍ରଭୂଙ୍କ ଶ୍ରୀମୁଖ ସିଙ୍ଗାର କରିବା ପରେ ଚକାଆଖି ଝଲକୁଛି। କସ୍ତୁରୀ, କେଶର, ହରତାଳ, ହିଂଗୁଳ ଆଦି ପାରମ୍ପରିକ ରଙ୍ଗ ଦେଇ ଶ୍ରୀଜୀଉଙ୍କ ମୁଖକୁ ଜୀବନ୍ତ ଚିତ୍ରଣ କରିଯିବା ପଶ୍ଚାତ୍ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଆରମ୍ଭ ହୋଇଥିଲା। ନବଯୌବନ ଦର୍ଶନ ପାଇଁ ମନ୍ଦିର ପରିସରରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା।

ଆସନ୍ତାକାଲି(ଶୁକ୍ରବାର) ରଥଯାତ୍ରା ଅବସରରେ ସକାଳ ୬ଟାରେ ମଙ୍ଗଳ ଆରତୀ, ୭ଟାରେ ବେଶ ତଥା ଅନ୍ୟାନ୍ୟ ପାରଂପାରିକ ନୀତି, ଅପରାହ୍ନ ୨ଟା ପରେ ପହଣ୍ଡି ୩ଟା ସୁଦ୍ଧା ରଥାରୂଢ, ୩.୩୦ରେ ଛେରାପହଁରା, ଏବଂ ରଥାଟଣା ହୋଇ ସନ୍ଧ୍ୟାସୁଦ୍ଧା ଆଳପ ମଣ୍ଡପରେ ବିଜେ କରାଯିବ। ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୀତି ନିର୍ଘଣ୍ଟ ଅନୁସାରେ ରଥଯାତ୍ରା ଶାନ୍ତି ଶୃଙ୍ଖଳା ନେଇ ଆଲୋଚନା ହୋଇଥିଲା।

**ଝାରସୁଗୁଡା:** ଝାରସୁଗୁଡା ଜିଲ୍ଲା ସହିତ ସହରର ବିଭିନ୍ନ ସ୍ଥାନରେ ଥିବା ଜଗନ୍ନାଥ ମନ୍ଦିରରେ ମହାପ୍ରଭୂଙ୍କ ନେତ୍ରୋତ୍ସବ ଗୁରୁବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡାର ପତିତପାବନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର କୁକୁରଜଂଘା ଠାରେ ମହନ୍ତ ବ୍ରହ୍ମାନନ୍ଦ ଦାସ ମହାରାଜ ଓ ତାଙ୍କ ଶିଷ୍ୟ ବାବା ପ୍ରେମାନନ୍ଦ ଦାସଙ୍କ ତତ୍ୱାଧାନରେ ତିନି ବିଗ୍ରହ ବଳଭଦ୍ର, କାଳିଆ ଓ ସୁଭଦ୍ରାଙ୍କ ରୀତିନୀତି ସହିତ ନେତ୍ରୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହା ପରେ ରଥରେ ଲାଗିବା ପାଇଁ ପତିତପାବନ ବାନାର ପୂଜା କରାଯାଇ ରଥ ରେ ବନ୍ଧା ଯାଇଥିଲା।କର୍ତ୍ତା ଭାବରେ ଅନିଲ ସିଂ ଦାୟିତ୍ୱ ତୁଲାଇଥିବା ବେଳେ ପଣ୍ଡିତ ଅକ୍ଷୟ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିଲେ।ତିନି ବିଗ୍ରହଙ୍କ ସେବା କାର୍ଯ୍ୟ ପାଇଁ ବସନ୍ତ ଦାସ, ତ୍ରିନାଥ ତିୱାରୀ, କୈଳାଶ ତ୍ରିପାଠୀ, ଶ୍ରୀପତି ମିଶ୍ର ତଥା ବହୁ ବ୍ରାହ୍ମଣଙ୍କ ସହିତ କୁକୁରଜଘାଂ ଗ୍ରାମବାସୀଙ୍କ ସହିତ ସ୍ଥାନିୟ ଅଞ୍ଚଳର ବହୁ ଭକ୍ତ ଉପସ୍ଥିତ ଥିଲେ। ସେହିପରି ସରବାହାଲ, ମାରୱାଡି ପଡ଼ା, ବିଟିଏମ, ବେଲପାହାଡ, ଗୁମାଡେରା, ବାନ୍ଧବହାଲ, ଲଇକେରା, କିର୍ମିରାରେ ଥିବା ଜଗନ୍ନାଥ ମନ୍ଦିରରେ ମଧ୍ୟ ନେତ୍ରୋତ୍ସବ ଅନୁଷ୍ଠିତ ହୋଇଛି।

# ଧର୍ମେନ୍ଦ୍ରଙ୍କ ଜନ୍ମ ଦିନରେ ସ୍ୱାସ୍ଥ୍ୟ ଶିବିର



**ଝାରସୁଗୁଡା, ୨୬।୬ (ସମିସ):** କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜନ୍ମ ଦିବସ ଅବସରରେ ଝାରସୁଗୁଡା ଜିଲ୍ଲା ବିଜେପି ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସଦର ବ୍ଲକର ସାରସମାଲ ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବିଜେପି କର୍ମକର୍ତ୍ତାମାନେ ସକାଳୁ ଝାଡେଶ୍ୱର ମନ୍ଦିରରେ ଧର୍ମେନ୍ଦ୍ରଙ୍କ ଜନ୍ମ ଦିବସ ଅବସରରେ ପୂଜାର୍ଚ୍ଚନା କରି ସାରସମାଲ ଠାରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କରାଯାଇଥିଲା। ଶିବିରରେ ଶତାଧିକ ଲୋକଙ୍କ ରକ୍ତଚାପ, ମଧୁମେହ ତଥା ଅନ୍ୟାନ୍ୟ ବହୁ ରୋଗର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା କାର୍ଯ୍ୟକ୍ରମରେ ପ୍ରେମସେନ ରାୟ, ପୁରୁଷୋତ୍ତମ ଥିରାଣୀ, ରଘୁରାମ ପାଳ, ଅରବିନ୍ଦ ପାଠକ, ହେମରଞ୍ଜନ ସିଂ, ବିବେକ ଶ୍ରୀବାସ୍ତବ, ନେତାଜୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

■ ବନହରପାଲି ଥାନା ଅଞ୍ଚଳରେ ଲଜ୍ଜା

# ନାବାଳିକାଙ୍କୁ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

**ଇବଥର୍ମାଲ, ୨୬।୬(ସମିସ):** ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା ଅଞ୍ଚଳରେ ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ତନାଘନା ଚଳାଇ ଅଭିଯୁକ୍ତକୁ ବନହରପାଲି ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ବନହରପାଲି ଥାନା ପମ୍ପ ହାଉସପଡ଼ାନିବାସୀ ପୀଡିତା ନାବାଳିକାଙ୍କ ବାପାଙ୍କ ଅଭିଯୋଗ କରିଛନ୍ତି ତାଙ୍କର ଛଅ ବର୍ଷର ନାବାଳିକା ଝିଅ ଗତ ୨୨ ତାରିଖ ମଧ୍ୟାହ୍ନ ପ୍ରାୟ୧.୩୦ମିନିଟ ସମୟରେ ଅଜୟ ସିଂହ (୨୯) ଘରେ ତାଙ୍କ ପୁତୁରା ଛୋଟ ପିଲା ଗୁଚ୍ଛୁ ସହ ମୋବାଇଲ ଦେଖୁଥିଲା। କୌଣସି କାରଣ ବସତଃ ଗୁଚ୍ଛୁ ଘରୁ ବାହାରକୁ ଚାଲି ଯିବାରୁ ଘରେ ଥିବା ଅଭିଯୁକ୍ତ ଅଜୟ ନାବାଳିକା ଝିଅକୁ ଏକୁଟିଆ ପାଇ ଘର ଭିତରକୁ ଟେକି ନେଇ ଦାଣ୍ଡ କବାଟ ବନ୍ଦ କରି ଦେଇଥିଲା। ନାବାଳିକାକୁ ଦୁଷ୍କର୍ମ କଲା ବେଳକୁ କୁନି ପିଲାଟି ଚିତ୍କାର କରିଥିଲା ହେଲେ ଅଭିଯୁକ୍ତ ନାବାଳିକା ମୁହଁକୁ ବନ୍ଦ କରିଦେଇଥିଲା। ପାଖରେ ରହୁଥିବା ଜଣେ ସ୍ତ୍ରୀଲୋକ ଚିତ୍କାର ଶୁଣି ଅଜୟ ଘରକୁ ଗଲା ବେଳେ ଦାଣ୍ଡ କବାଟ ବନ୍ଦ ଥିବା ପାଇଥିଲେ। ସ୍ତ୍ରୀ ଲୋକ ଜଣକ ବହୁ ଡାକିବା ପରେ କେହି ନଶୁଣିବାରୁ କବାଟ ପେଲି ଘରଭିତରକୁ ପସିଥିଲେ। ଘରେ ନାବାଳିକାକୁ ଅଜୟ ଦୁର୍ଷ୍କମ କରୁଥିବା ଦେଖି ପାଟି କଲାରୁ ଅଜୟ ଛାଡି ଦେଇଥିଲା। ପରେ ସ୍ତ୍ରୀଲୋକ ଜଣକ ନାବାଳିକାକୁ ନେଇ ତାଙ୍କଘରେ ଛାଡିଥିଲେ। ନାବାଳିକା ଘଟଣା ସମ୍ପର୍କରେ ସେଦିନ କିଛି କହିନଥିଲେ ହେଁ ୨୪ ତାରିଖରେ ତାଙ୍କ ପରିଶ୍ରା ଦ୍ୱାରରେ ଭିଷଣ ବ୍ୟଥା ହେବାରୁ ତାଙ୍କ ମାଁଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ପରେ ତାଙ୍କୁ ଇବଥର୍ମାଲ ଡାକ୍ତରଖାନା ନିଆଯିବାରୁ



ପରିଶ୍ରା ଦ୍ୱାରରେ କ୍ଷତ ଥିବା ଡାକ୍ତର କହିଥିଲେ। ନାବାଳିକାର ବାପ ଘଟଣା ସମ୍ପର୍କରେ ୨୫ତାରିଖ ଅଭିଯୋଗ କରିବା ପରେ ପୁଲିସ ୧୨୮/୨୫ରେ ମାମଲା ରୁଜୁକରି ବୁଧବାର ରାତିରେ ଅଭିଯୁକ୍ତ ଅଜୟ ସିଂହ (୨୯)କୁ ଗିରଫ କରିଥିଲା। ଆଜି ସମସ୍ତ ପ୍ରକାର ତଦନ୍ତ କରି ଡାକ୍ତରୀମଇନା କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରଞ୍ଜିତ ନାଏକଙ୍କ ସୂଚନା ଦେଇଛନ୍ତି।

# ଅଙ୍ଗନବାଡ଼ି କେନ୍ଦ୍ରରେ ପୋଷଣ କାର୍ଯ୍ୟକ୍ରମ

**ଝାରସୁଗୁଡା/କିର୍ମିରା, ୨୬।୬(ସମିସ):** ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ସାରସମାଲ କହରପଡ଼ା ଅଙ୍ଗେନବାଡି ଗ୍ୟାନକେନ୍ଦ୍ରରେ କିର୍ମିରା ସିଡିପିଓ ସନ୍ଧ୍ୟାରାଣୀ ସାହୁଙ୍କ ସଭାପତିତ୍ୱ ସହ ମମତା ପିଏ ନିବେଦିତା ବାଗ, ସେକ୍ଟର ସୁପରଭାଇଜର ସନ୍ତୋଷିନୀ ମହାପାତ୍ର, ଅଙ୍ଗନବାଡି କର୍ମି ଜୌସ୍ନା ମହାନନ୍ଦ, ସହାୟିକା ମମତା ପିଙ୍ଗ, ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମିନୀ କରାଳୀଙ୍କ ଉପସ୍ଥିତିରେ ପୋଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଗର୍ଭବତୀ ମା, ଶିଶୁମାନଙ୍କ ମା, କିଶୋରୀବାଳିକା ଓ କହରପଡ଼ା ଅଙ୍ଗେନବାଡି କେନ୍ଦ୍ରରେ ସଂଶ୍ଲିଷ୍ଟ ଥିବା ସମସ୍ତ ଅଙ୍ଗନବାଡିକର୍ମିଙ୍କୁ ନେଇ ଗ୍ୟାନକେନ୍ଦ୍ରର ମହତ୍ୱ ଓ ପୋଷଣ ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା।ସିଡିପିଓ ସନ୍ଧ୍ୟାରାଣୀ ସାହୁ ଗର୍ଭବତୀ ମାଆର ଗୋଦଭରାଇ, ଶିଶୁକୁ ଅନ୍ନପ୍ରାସନ କରାଇ ଗ୍ୟାନକେନ୍ଦ୍ରର ମହତ୍ୱ ବୁଝାଇବା ସହ ଉପସ୍ଥିତ ଥିବା ସମସ୍ତ ଅଙ୍ଗେନବାଡି କର୍ମିଙ୍କୁ ନିଜର କାର୍ଯ୍ୟକୁ ସୂଚାରୁରୂପେ ତୁଲାଇ ଗ୍ୟାନକେନ୍ଦ୍ର କରିବା ପାଇଁ ପ୍ରେରଣା ଦେଇଥିଲେ।

# ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

**ଦେବଗଡ଼, ୨୬।୬(ସମିସ):** ଦେବଗଡ଼ ରିଆମାଳ ଥାନା ଭାଲିଆଡିହଗ୍ରାମ ନିକଟସ୍ଥ ଏକ ଗଛମୂଳେ ଦୀର୍ଘ ଦିନ ହେଲା ଜଣେ ଅଜଣା ବ୍ୟକ୍ତି ରହି ଆସୁଥିଲେ। ବୁଧବାର ସେ ହଠାତ ଅସୁସ୍ଥ ହୋଇ ଗୁରୁତର ହୋଇ ପଡ଼ିବାରୁ ସ୍ଥାନୀୟ ଲୋକଙ୍କ ସହାୟତରେ ୧୦୮ ଆମ୍ବୁଲାନ୍ସ ଯୋଗେ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ଦେବଗଡ଼ ଥାନା ପୁଲିସ ଏନେଇ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ମୃତଦେହକୁ ସଂରକ୍ଷିତ କରିଛି। ଆସନ୍ତା ୭୨ ଘଣ୍ଟା ପୁଲିସ ହେପାଜତରେ ମୃତଦେହ ରଖାଯିବ। ମୃତକଙ୍କ କେହି ଦାବିଦାର ଆସିଲେ ମୃତ ଦେହ ହସ୍ତାନ୍ତର କରାଯିବ ବୋଲି ଦେବଗଡ଼ ଥାନା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।





# ରଥେ ତୁ ବାମନଂ ଦୃଷ୍ଟ୍ୱା...

ଓଡ଼ିଶାର ସଂସ୍କୃତି କହିଲେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ବୁଝାଇଥାଏ। ଓଡ଼ିଆ ସଂସ୍କୃତିର ମୂଳାଧାର ପ୍ରଭୁ ଶ୍ରୀଜଗନ୍ନାଥ। ମହାନ ସନାତନ ଓ ଉତ୍କଳୀୟ ବିଚାରଧାରାରେ ଶ୍ରୀଜଗନ୍ନାଥ ହିଁ ଆକର୍ଷଣର କେନ୍ଦ୍ରବିନ୍ଦୁ । ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ମାନବବାଦର ପ୍ରତୀକ। ତାଙ୍କ ଲୀଳାର ଅନ୍ତ ନାହିଁ। ସେ ଅନନ୍ତ ଓ ଅସୀମ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଶ୍ରୀଗୁଣ୍ଡିଚା ଯାତ୍ରା ବା ମହାବେଦୀ ମହୋତ୍ସବ ହିଁ ଶ୍ରେଷ୍ଠ ବୋଲି ସ୍କନ୍ଦ ପୁରାଣରେ କୁହାଯାଇଛି। ପୁରୀ ତଥା ଦେଶ ବିଦେଶରେ ପାଳିତ ହୋଇ ଆସୁଥିବା ଜଗନ୍ନାଥ ସଂସ୍କୃତିର ଏହା ଏକ ଅନନ୍ୟ ପର୍ବ । ଓଡ଼ିଶାର ମୁଖ୍ୟ ଯାତ୍ରା ରୂପେ ପୁରୀର ରଥଯାତ୍ରା ସୁପ୍ରସିଦ୍ଧ । ଏହା ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥି ଦିନ ପାଳିତ ହୋଇଥାଏ। ଏହି ଯାତ୍ରା ଘୋଷ ଯାତ୍ରା, ମହାବେଦୀ ମହୋତ୍ସବ, ପତିତପାବନ ଯାତ୍ରା, ଦକ୍ଷିଣାମୁଖୀ ଯାତ୍ରା, ନବଦିନ ଯାତ୍ରା, ଦଶାବତାର ଯାତ୍ରା, ଗୁଣ୍ଡିଚା ମହୋତ୍ସବ ଓ ଆଡ଼ପ ଯାତ୍ରା ନାମରେ ବିଭିନ୍ନ ଶାସ୍ତ୍ର, ପୁରାଣ ଓ ଲୋକ କଥାରେ ଅଭିହିତ। ରଥଯାତ୍ରା ଏକ ଅଦ୍ୱିତୀୟ ମହୋତ୍ସବ। ବର୍ଷକରେ ଥରେ ମହାପ୍ରଭୁ ବଡ଼ ଦେଉଳରୁ ବଡ଼ଦାଣ୍ଡକୁ ଓହ୍ଲାଇ ଆସିଥାନ୍ତି ଭକ୍ତମାନଙ୍କୁ ଦର୍ଶନ ଦେବା ପାଇଁ। ଏହି ମହୋତ୍ସବରେ ସାମିଲ ହୋଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଆଡ଼ପ ମଣ୍ଡପରେ ଦର୍ଶନ କଲେ, ଏକ ସହସ୍ର ଅଶ୍ୱମେଧ ଯଜ୍ଞର ଫଳ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ଘୋଷଯାତ୍ରା ଦିନ ରତ୍ନବେଦୀ ଛାଡ଼ି ଶ୍ରୀଗୁଣ୍ଡିଚା ଯାତ୍ରା କରିଥାନ୍ତି ଚତୁର୍ଦ୍ଧାମୂର୍ତ୍ତି। ଏହି ଦିନ ବ୍ରାହ୍ମ ମୁହୂର୍ତ୍ତରୁ ମହାପ୍ରଭୁଙ୍କ ମଙ୍ଗଳ ଆଳତି ତଡ଼ପ ଲାଗି, ରୋଷହୋମ ଓ ଅବକାଶ ନୀତି, ଦ୍ୱାରପାଳ ପୂଜା ପରେ ରଥ ପ୍ରତିଷ୍ଠା ହୋଇଥାଏ । ଖେଚୁଡ଼ି ଭୋଗ ପରେ ମଙ୍ଗଳା ଅର୍ପଣ ହୋଇ ଆରମ୍ଭ ହୁଏ ପହଣ୍ଡି ବିଜେ। ପ୍ରଥମେ ଚକ୍ରରାଜ ସୁଦର୍ଶନ ପରେ ବଡ଼ ଭାଇ ବଳଭଦ୍ର ଓ ପରେ ପରେ ଦେବୀ ସୁଭଦ୍ରାଙ୍କ ପହଣ୍ଡି ବିଜେ ନୀତି ସମ୍ପନ୍ନ ହୋଇଥାଏ । ଶେଷରେ କୋଟି ଓଡ଼ିଆଙ୍କ ମଉଡ଼ମଣି, ମହାପ୍ରଭୁ ଶ୍ରୀଜଗନ୍ନାଥ ଟାହିଆ ହଲେଇ, ଝୁଲି ଝୁଲି ପହଣ୍ଡିରେ ଆସିଥାନ୍ତି। ଶ୍ରୀଜୀଉମାନେ ଧାଡ଼ି ପହଣ୍ଡିରେ ଆସି ନବନିର୍ମିତ ରଥରେ ବିଜେ କରିଥାନ୍ତି। ଶ୍ରୀଜଗନ୍ନାଥ ନନ୍ଦିଘୋଷ, ଶ୍ରୀବଳଭଦ୍ର ତାଳଧ୍ୱଜ, ଦେବୀ ସୁଭଦ୍ରା ଓ ପ୍ରଭୁ ଶ୍ରୀସୁଦର୍ଶନ ଦର୍ପଦଳନ ରଥରେ ବିଜେ ହୁଅନ୍ତି। ଯେଉଁମାନେ ଶ୍ରୀମନ୍ଦିରରେ ବିରାଜିତ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିପାରନ୍ତି ନାହିଁ, ସେମାନେ ଘୋଷଯାତ୍ରା ଦିନ ରଥ ଉପରେ ମହାପ୍ରଭୁଙ୍କୁ ଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ପ୍ରଭୁଙ୍କୁ ରଥାରୂଢ଼ ଦେଖି ତାଙ୍କର ରଥ ଦଉଡ଼ିକୁ ସ୍ପର୍ଶ କରି ପ୍ରତ୍ୟେକ ଭକ୍ତ ଅପୂର୍ବ ଆନନ୍ଦ ଲାଭ କରିଥାଏ। ଭକ୍ତ ଓ ଭଗବାନଙ୍କର ଏକାକାରରେ ବଡ଼ଦାଣ୍ଡରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥାଏ। ଯିବା ଦିନ ଓ ଆସିବା ଦିନକୁ ବାଦ୍ ଦେଲେ, ଶ୍ରୀବିଗ୍ରହମାନେ ଶ୍ରୀଗୁଣ୍ଡିଚା ମନ୍ଦିରରେ ସାତଦିନ ରୁହନ୍ତି । ଗୁଣ୍ଡିଚା ମନ୍ଦିର ଠାରେ ପହଞ୍ଚିବା ପରେ ଚାରି ଦାରୁଦେବତା ଓ ତିନି ଉତ୍ସବ ଦେବତା ଗୁଣ୍ଡିଚା ମନ୍ଦିରକୁ ଯାଇ ସେଠାରେ ପୂଜା ପାଇବା ବେଳେ, ତିନି ଧ୍ୱଜଦେବତା ତିନି ରଥରେ ହିଁ ରହିଥାଆନ୍ତି। ସେତେବେଳେ ରଥରେ ପ୍ରତିଦିନ ସେମାନଙ୍କୁ ଭୋଗ ଲଗାଯାଇଥାଏ । ଏହାପରେ ମହାପ୍ରଭୁ ଭାଇ ଭଉଣୀଙ୍କୁ ଧରି ଆଷାଢ଼ ଶୁକ୍ଳପକ୍ଷ ଦଶମୀ ବା ବାହୁଡ଼ା ଦଶମୀ ଦିନ ରଥରେ ଗୁଣ୍ଡିଚା ଘରୁ ବଡ଼ ଦେଉଳକୁ ଫେରି ଆସନ୍ତି। ଏହାକୁ ବାହୁଡ଼ା ଯାତ୍ରା କୁହାଯାଏ। ବାହୁଡ଼ା ଦଶମୀ ପରଦିନ ଠାକୁରମାନେ ସ୍ୱର୍ଣ୍ଣ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ତା' ପରଦିନ ଅନୁଷ୍ଠିତ ହୁଏ ଅଧରପଣା ନୀତି। ଶେଷରେ ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିର ସ୍ଥିତ "ନୀଳାଦ୍ରି ମଣ୍ଡପ" ବା "ରତ୍ନ ସିଂହାସନ"କୁ ବିଜେ କରିଥାନ୍ତି ଶ୍ରୀବିଗ୍ରହମାନେ। ଏହାକୁ "ନୀଳାଦ୍ରି ବିଜେ" ନାମରେ ଅଭିହିତ କରାଯାଇଛି। ମହାପ୍ରଭୁଙ୍କ ଏ ମାନବୀୟ ଲୀଳା ସତରେ ଅପୂର୍ବ, ବିଚିତ୍ର ଓ ଅଲୌକିକ। ମାନବୀୟ ଲୀଳା ରଚନା କରି ଆମର ଆରାଧ୍ୟ ଦେବତାମାନେ କିପରି ଜନମାନସକୁ ବିଶ୍ୱ ପ୍ରେମରେ ଉଦ୍‌ବୁଦ୍ଧ କରିଚାଲିଛନ୍ତି, ତାହାର ଜ୍ୱଳନ୍ତ ଉଦାହରଣ ଏହି ରଥଯାତ୍ରା। ଶ୍ରୀକ୍ଷେତ୍ର ଧାମରେ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ପାଳିତ ହୋଇ ଆସୁଥିବା ଏହି ରଥ ଯାତ୍ରା ସମଗ୍ର ବିଶ୍ୱର ଏକ ସର୍ବଶ୍ରେଷ୍ଠ ମହୋତ୍ସବ ଭାବେ ମାନ୍ୟତା ଲାଭ କରିଛି ।

## ଶ୍ରୀଜଗଦୀଶୋଽବତୁ

(ଛନ୍ଦଃ - ଅନୁକୂଳା)

ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ



ନୀଳମହୀଭୃଚ୍ଛିଖରବିଳାସୀ
ନୀରଦନୀଳଃ ଶଶିସିତହାସୀ ।
ଶ୍ରୀଧରଣୀହୃତ୍ପ୍ରଣୟବିକାସୀ
ଶ୍ରୀଜଗଦୀଶୋଽବତୁ ଭୟନାଶୀ ॥୧

*(ନୀଳଶୈଳଶିଖରବିଳାସୀ, ମେଘଶ୍ୟାମଳ, ଚନ୍ଦ୍ରସମ-ଶୁଭ୍ର-ହାସଯୁକ୍ତ, ଶ୍ରୀଦେବୀ ଓ ଭୂଦେବୀଙ୍କ ପ୍ରୀତିଭାବର ବିକାସକ, ଭୟନାଶକ, ଶ୍ରୀଜଗଦୀଶ୍ୱର ରକ୍ଷା କରନ୍ତୁ ।)*

କାମସହସ୍ରଦ୍ୟୁତିଜୟଦଙ୍ଗୀ
ରାମସୁଭଦ୍ରାସ୍ଫୁରଦରିସଙ୍ଗୀ ।
ତାମରସାଦିସ୍ଫୁଟସୁମହାରୀ
ଧାମ ଦୟାୟା ହ୍ୟବତୁ ମୁରାରିଃ ॥୨

*(ସହସ୍ରକନ୍ଦର୍ପଙ୍କ ତେଜଃକୁ ଜୟ କରୁଥିବା ଅଙ୍ଗଶାଳୀ, ବଳଭଦ୍ର-ସୁଭଦ୍ରା-ଭାସ୍ୱରଚକ୍ରଙ୍କ ସଙ୍ଗୀ, ପଦ୍ମାଦିପ୍ରସ୍ଫୁଟିତପୁଷ୍ପହାରଧାରୀ, ଦୟାର ଧାମ, ମୁରାରି ନିଶ୍ଚିତଭାବେ ରକ୍ଷା କରନ୍ତୁ ।)*

ତୁଙ୍ଗଶତାଙ୍ଗଭ୍ରମଣବିତୃପ୍ତଃ
ପଙ୍କସମୂହପ୍ରମଥନଦୃପ୍ତଃ ।
ବଂଶକିରୀଟାଭରଣସୁଦୀପ୍ତଃ
ପାତୁ ହରିଶ୍ଚନ୍ଦନରସଲିପ୍ତଃ ॥୩

*(ବିରାଟ-ରଥଭ୍ରମଣଦ୍ୱାରା ତୃପ୍ତ, ପାପସମୂହର ବିନାଶରେ ଦୃପ୍ତ, ବାଉଁଶରେ ତିଆରି କିରୀଟ (ଟାହିଆ) ମଣ୍ଡିତ, ଚନ୍ଦନବିଲିପ୍ତ, ହରି ରକ୍ଷା କରନ୍ତୁ ।)*

ଉତ୍ସବଯାତ୍ରାସୁଖସମୁଦାୟ-
ପ୍ରୀଣିତଚେତାସ୍ତରୁମୟକାୟଃ ।
ମାଳବରାଜସ୍ତୁତପଦକଞ୍ଜଃ
ପାତୁ ମୁକୁନ୍ଦଃ କୃତରିପୁଗଞ୍ଜଃ ॥୪

*(ଉତ୍ସବ ଓ ଯାତ୍ରାଦିଜାତ-ସୁଖସମୁଦାୟରେ ପ୍ରୀତମନା, ଦାରୁମୟଦେହଧାରୀ, ମାଳବରାଜ(ଇନ୍ଦ୍ରଦ୍ୟୁମ୍ନ)ଙ୍କ ଦ୍ୱାରା ବନ୍ଦିତ ପାଦପଦ୍ମଧାରୀ, ଶତ୍ରୁଭଞ୍ଜକ, ମୁକୁନ୍ଦ ରକ୍ଷା କରନ୍ତୁ ।)*

ବାସବମୁଖ୍ୟାମରଗଣବନ୍ଦ୍ୟଃ
ସେବକବୃନ୍ଦୈର୍ବିଭୁରଭିନନ୍ଦ୍ୟଃ ।
ଚନ୍ଦ୍ରବିବସ୍ୱଦ୍ୱଲୟିତଦୃଷ୍ଟୀ
ରକ୍ଷତୁ ନୀତାବନଲୟସୃଷ୍ଟିଃ ॥୫

*(ଇନ୍ଦ୍ରାଦିଦେବଗଣଙ୍କ ବନ୍ଦନୀୟ, ସେବକମାନଙ୍କଦ୍ୱାରା ଅଭିନନ୍ଦନୀୟ, ଚନ୍ଦ୍ର-ସୂର୍ଯ୍ୟସମ-ବର୍ତ୍ତୁଳ-ନେତ୍ରଧାରୀ, ସୃଷ୍ଟି-ସ୍ଥିତି-ଲୟର ନିର୍ବାହକର୍ତ୍ତା, ମହାପ୍ରଭୁ ରକ୍ଷା କରନ୍ତୁ ।)*

ସୁନ୍ଦରରକ୍ତାଧରରମଣୀୟଃ
କାଞ୍ଚନପୀତାମ୍ବରକମନୀୟଃ ।
ଲମ୍ବିତହସ୍ତାଧୃତଦରଚକ୍ରଃ
କମ୍ବୁପୁରେଶୋଽବତୁ ହତନକ୍ରଃ ॥୬

*(ସୁନ୍ଦର-ଆରକ୍ତ-ଅଧରରେ ଶୋଭମାନ, ସୁବର୍ଣ୍ଣୋପମପୀତବସ୍ତ୍ରରେ କମନୀୟ, ପ୍ରସାରିତହସ୍ତରେ ଶଙ୍ଖ-ଚକ୍ରଧାରୀ, ଗଜରାଜଙ୍କ ଉଦ୍ଧାରକାଳରେ ନକ୍ରହନ୍ତା, କମ୍ବୁକଟକାଧିପତି ରକ୍ଷା କରନ୍ତୁ ।)*

ଭକ୍ତକଦମ୍ବସ୍ତବନଜଭାବ-
ପ୍ରୋଲ୍ଲସିତାତ୍ମା ପରିଭବଲାବଃ ।
କାହଳଘଣ୍ଟାରବରସିକେନ୍ଦ୍ରଃ
ପାତୁ ଭବାନ୍ଧୋସ୍ତ୍ୱରିତମୁପେନ୍ଦ୍ରଃ ॥୭

*(ଭକ୍ତସମୂହର ସ୍ତବଗତ-ଭାବରେ ଉଲ୍ଲସିତ, କଷ୍ଟହାରକ, କାହାଳ-ଘଣ୍ଟାଦିର ଧ୍ୱନିଶ୍ରବଣରେ ରସିକ, ଉପେନ୍ଦ୍ର ଶୀଘ୍ର ଭବରୂପକ କୂପରୁ ରକ୍ଷା କରନ୍ତୁ ।)*

ଲୁବ୍ଧକବିଶ୍ୱାବସୁନୁତିହୃଷ୍ଟୋ
ବ୍ରାହ୍ମଣବିଦ୍ୟାପତିପରିତୁଷ୍ଟଃ ।
ସର୍ବଜଗନ୍ନାୟକ ଇହ ଜୁଷ୍ଟଃ
ଚାରଗଣୈଃ ପାତ୍ୱଭିହତଦୁଷ୍ଟଃ ॥୮

*(ଶବର-ବିଶ୍ୱାବସୁଙ୍କ ସ୍ତୁତିରେ ହୃଷ୍ଟ, ବ୍ରାହ୍ମଣ-ବିଦ୍ୟାପତିଙ୍କ ଦ୍ୱାରା ସନ୍ତୁଷ୍ଟ, ନିଜ ଅନୁଚରମାନଙ୍କ ଦ୍ୱାରା ଆମୋଦିତ, ଦୁଷ୍ଟମାନଙ୍କ ବିନାଶକ, ସକଳ ଜଗତର ନାୟକ ଭୂତଳେ ରକ୍ଷା କରନ୍ତୁ ।)*

କେଶବକୃଷ୍ଣାଭିଧକବିପଦ୍ୟଂ
ଯୋଽଷ୍ଟକମେତନ୍ମଧୁ ନିରବଦ୍ୟମ୍ ।
ସାଦରମଧ୍ୟେତି ସ ଭବମୁକ୍ତଃ
ସ୍ୟାଜ୍ଜଗଦୀଶେ ହ୍ୟନୁରତିଯୁକ୍ତଃ ॥ଫଳଶ୍ରୁତିଃ॥

*(କବି କୃଷ୍ଣକେଶବଙ୍କ ଏହି ମଧୁର ତଥା ଅନିନ୍ଦ୍ୟ ଅଷ୍ଟକ-ପଦ୍ୟକୁ ଯିଏ ସାଦର ପାଠ କରନ୍ତି; ସେ ସଂସାରକଷ୍ଟରୁ ମୁକ୍ତ ହେବା ସଙ୍ଗେ ସଙ୍ଗେ ଜଗଦୀଶ୍ୱର-ଶ୍ରୀଜଗନ୍ନାଥଙ୍କଠାରେ ଅନୁରାଗ (ପ୍ରେମଭକ୍ତି) ଲାଭ କରନ୍ତି ।)*

ମୋ-୯୪୩୭୫୬୭୩୨୪

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଯେତେ ଚକ, ସେତେ ଘଣ୍ଟୁଆ



ପହଣ୍ଡି ଏବଂ ରଥଟଣା ସମୟରେ ଘଣ୍ଟୁଆ ସେବକମାନେ ବିଶେଷ ଆକର୍ଷଣ ରହିଥା'ନ୍ତି। ଘଣ୍ଟର ତାଳେ ତାଳେ ଠାକୁରଙ୍କ ପହଣ୍ଡି ହେଉଥିବାବେଳେ ରଥ ବି ଆଗକୁ ଗଡ଼େ। ତେଣୁ ଘଣ୍ଟୁଆ ସେବକଙ୍କର ବି ବେଶ୍ ଗୁରୁତ୍ୱ ରହିଛି। ଚଳିତବର୍ଷ ବ୍ୟବସ୍ଥାବଳୀରେ ଘଣ୍ଟୁଆଙ୍କ ସେବା ସମ୍ପର୍କରେ ମଧ୍ୟ ସ୍ପଷ୍ଟ କରାଯାଇଛି। ଯେଉଁ ରଥରେ ଯେତେ ଚକ ସେହି ରଥରେ ସେତେ ଘଣ୍ଟୁଆ ରହିବେ ବୋଲି ଚୂଡ଼ାନ୍ତ ହୋଇଛି। ବ୍ୟବସ୍ଥାବଳୀ ଅନୁଯାୟୀ, ଛେରାପହଁରା ପୂର୍ବରୁ ଘଣ୍ଟୁଆମାନେ ରଥ ଉପରକୁ ଯିବେ ନାହିଁ। ଛେରାପହଁରା ସରିବା ପରେ ହିଁ ନିର୍ଦ୍ଧାରିତ ସଂଖ୍ୟକ ଘଣ୍ଟୁଆ ରଥ ଉପରକୁ ଚଢ଼ିବେ। ପ୍ରତି ରଥରେ ନିର୍ଦ୍ଧାରିତ ସଂଖ୍ୟକ ପୁରୀ ଓ ଭଟିମୁଣ୍ଡା ଘଣ୍ଟୁଆ ରହିବେ। ଅର୍ଥାତ୍ ଯେଉଁ ରଥରେ ଯେତେ ଚକ ସେତିକି ସଂଖ୍ୟକ ଘଣ୍ଟୁଆ ସେହି ରଥରେ ଚଢ଼ିବେ। ତାଳଧ୍ୱଜ ରଥରେ ମୋଟ୍ ୧୪ ଜଣ, ଦେବଦଳନ ରଥରେ ୧୨ ଜଣ ଏବଂ ନନ୍ଦିଘୋଷ ରଥରେ ୧୬ ଜଣ ଘଣ୍ଟୁଆ ରହିବେ। ଅଧିକ ସଂଖ୍ୟକ ଘଣ୍ଟୁଆଙ୍କୁ ଉପରେ ଥିବା ଶ୍ରୀମନ୍ଦିର କର୍ମଚାରୀ, ଦଇତାପତି ସେବକ ଓ ବାଡ଼ଗ୍ରାହୀ ତଳକୁ ଓହ୍ଲାଇ ଦେବେ। ରଥ ଉପରେ ଉପସ୍ଥିତ ଥିବା ନିର୍ଦ୍ଧାରିତ ସଂଖ୍ୟକ ସେବ ଓ କର୍ମଚାରୀ ଶ୍ରୀବିଗ୍ରହଙ୍କୁ ଅବରୋଧ ନ କରି ରଥ ଉପରେ ଦୁଇକଡ଼ରେ ରହିବେ। ରଥ ଚାଲିବା ସମୟରେ ଉଭୟ ଗୋଷ୍ଠୀ ସମତାଳରେ ଘଣ୍ଟ ବାଦନ କରିବେ। ଉଭୟ ଗୋଷ୍ଠୀର ଘଣ୍ଟୁଆ ନିଯୋଗ ସେମାନଙ୍କ ଘଣ୍ଟୁଆମାନଙ୍କ ରଥୱାରୀ ତାଲିକା ପ୍ରଦାନ କରିଥିବେ। ପ୍ରଶାସନର ଚୟନ ପରେ ସେମାନଙ୍କୁ ପାସ୍ ଦିଆଯିବାର ବ୍ୟବସ୍ଥା କରାଯାଇଥିବ ବୋଲି ବ୍ୟବସ୍ଥାବଳୀରେ ଉଲ୍ଲେଖ କରାଯାଇଛି।

## ଆଜିର ଇତିହାସ

- ୧୬୯୩- ବିଶ୍ୱର ପ୍ରଥମ ମହିଳା ପତ୍ରିକା 'ଲେଡିଜ୍ ମରକ୍ୟୁରି' ଲଣ୍ଡନରେ ପ୍ରକାଶିତ ହେଲା।
- ୧୮୩୯- ମହାରାଜା ରଣଜିତ୍ ସିଂହଙ୍କ ବିୟୋଗ।
- ୧୯୧୪- ଆମେରିକା ଇଥୋପିଆ ସହିତ ବାଣିଜ୍ୟ ସନ୍ଧିରେ ସ୍ୱାକ୍ଷର କଲା।
- ୧୯୬୭- ଲଣ୍ଡନର ଏନ୍‌ଫିଲଡ୍‌ରେ ବିଶ୍ୱର ପ୍ରଥମ ଏଟିଏମ୍ ସ୍ଥାପିତ କରାଗଲା।
- ୨୦୦୮ - ମାଇକ୍ରୋସଫ୍ଟ କର୍ପୋରେସନ୍‌ର ଚେୟାରମ୍ୟାନ୍ ବିଲ୍ ଗେଟ୍‌ସ ନିଜ ପଦରୁ ଇସ୍ତଫା ଦେଲେ।









### ଜାତୀୟ ବରିଷ୍ଠ ଜଳକ୍ରୀଡ଼ା ଉଦ୍‌ଯାପିତ

# ମନ୍ନତାଙ୍କୁ ରୌପ୍ୟ, ପ୍ରତ୍ୟାଶାଙ୍କୁ ଦ୍ୱିତୀୟ କାଂସ୍ୟ

ଭୁବନେଶ୍ୱର,୨୬।୬ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଶେଷ ହୋଇଥିବା ୭୮ତମ ଜାତୀୟ ବରିଷ୍ଠ ଜଳକ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ପଦକ ଜିତିବାର ଧାରା ବଜାୟ ରଖିଛନ୍ତି। ଗୁରୁବାର ଅନୁଷ୍ଠିତ ଇଭେଣ୍ଟରେ ଓଡ଼ିଶାକୁ ୨ଟି ପଦକ ମିଳିଛି। ତାହା ମଧ୍ୟରୁ ମନ୍ନତା ମିଶ୍ର ରୌପ୍ୟ ଓ ପ୍ରତ୍ୟାଶା ରାୟ କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ମନ୍ନତା ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ୧ମିନିଟ୍ ୧୫.୫୭ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ରେଲବାଇ ସ୍ପୋର୍ଟ୍ସ ପ୍ରମୋସନ ବୋର୍ଡର ହର୍ଷିତା ଜୟରାମ ୧ମିନିଟ୍ ୧୩.୨୪ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ରାଜ୍ୟର ଶୀର୍ଷ ସନ୍ତରଣକାରୀ ପ୍ରତ୍ୟାଶା ରାୟ କ୍ରମାଗତ ଦ୍ୱିତୀୟ ଦିନରେ କାଂସ୍ୟ ପଦକ ହାସଲ କରିଛନ୍ତି। ଗୁରୁବାର ଅନୁଷ୍ଠିତ ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶା ୧ ମିନିଟ୍ ୦୫.୬୪ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହିବା ସହ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଗତକାଲି ବୁଧବାର ଅନୁଷ୍ଠିତ ମହିଳା ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସେ ୨ ମିନିଟ୍ ୨୪.୭୭ ସେକେଣ୍ଡ ସମୟ ନେଇ କାଂସ୍ୟ ପଦକ ଜିତିଥିଲେ। କର୍ଣ୍ଣାଟକର ସନ୍ତରଣକାରୀ ବିନୀତା ନାରାୟଣ ଉଭୟ ବିଭାଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ପୂର୍ବରୁ ଓଡ଼ିଶାର ସ୍ରିଷ୍ଟି ଉପାଧ୍ୟାୟ ବ୍ୟକ୍ତିଗତ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିଲେ। ଓଡ଼ିଶାର ୪ ଗୁଣା ୧୦୦ ମିଟର ମେଡ୍‌ଲେ ଟିମ୍ ଗୋଟିଏ କାଂସ୍ୟ ପଦକ ବିଜୟୀ ହୋଇଥିଲା। ଏହା ଫଳରେ ଆଜି ଶେଷ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ, ୩ଟି କାଂସ୍ୟ ସହ ୬ଟି ପଦକ ଜିତି ଅଭିଯାନ ଶେଷ କରିଛି। ପଦକ ତାଲିକାରେ ଓଡ଼ିଶା ୭ମ ସ୍ଥାନରେ ରହିଛି। ପଦକ ତାଲିକାରେ କର୍ଣ୍ଣାଟକ ପ୍ରଥମ, ତାମିଲନାଡୁ ଦ୍ୱିତୀୟ ଓ ମହାରାଷ୍ଟ୍ର ତୃତୀୟ ସ୍ଥାନ ଅଧିକାର କରିଛି। ଏହି ପ୍ରତିଯୋଗିତାରେ ୧୪ଟି ନୂଆ ରେକର୍ଡ ହୋଇଥିଲାବେଳେ କର୍ଣ୍ଣାଟକ ଓଭରଅଲ ଚାମ୍ପିଅନ ହୋଇଛି। ଏହି ରାଜ୍ୟ ଉଭୟ ମହିଳା ଓ ପୁରୁଷ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିପରି ବ୍ୟକ୍ତିଗତ ବିଭାଗରେ ମଧ୍ୟ କର୍ଣ୍ଣାଟକର ସନ୍ତରଣକାରୀ ଶ୍ରେଷ୍ଠ ପ୍ରତିଯୋଗୀ ବିବେଚିତ ହୋଇଛନ୍ତି। ମହିଳା ବିଭାଗରେ ଅଲିମ୍ପିଆନ ଧୀନିଧି ଦେସିଙ୍ଗୁ ଓ ପୁରୁଷ ବିଭାଗରେ ସୋହନ ଗାଙ୍ଗୁଲି ଶ୍ରେଷ୍ଠ ସନ୍ତରଣକାରୀ ବିବେଚିତ ହୋଇଛନ୍ତି।


ଦିବ୍ୟାଙ୍କା ପ୍ରଧାନ, ମନ୍ନତା ମିଶ୍ର, ସ୍ରିଷ୍ଟି ଉପାଧ୍ୟାୟ ଓ ପ୍ରତ୍ୟାଶା ରାୟ

## ଓଡ଼ିଆ କୋଚ୍ ଓ ଭାରତକୁ ୩ ସ୍ୱର୍ଣ୍ଣ



ଭୁବନେଶ୍ୱର,୨୬।୬(ସମିସ): ମାଲେସିଆର କୁଚିଂଠାରେ ଚାଲିଥିବା ଏସିଆନ୍ ଯୁଗଳ ସ୍କ୍ୱାଶ୍ ପ୍ରତିଯୋଗିତାରେ ଭାରତ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଛି। ଭାରତୀୟ ଖେଳାଳିମାନେ ପୁରୁଷ, ମହିଳା ଓ ମିଶ୍ରିତ ଯୁଗଳରେ ଚାମ୍ପିଅନ ହୋଇ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛି। ଭାରତର ଏହି ଦଳର କୋଚ୍ ହେଲେ ଓଡ଼ିଆ ପୁଅ ଗୌତମ ଦାସ। କେନ୍ଦ୍ରପଡା ଜିଲ୍ଲାର ମୂଳ ନିବାସୀ ଗୌତମ ୧୫ ବର୍ଷ ହେବ ଭାରତୀୟ ଦଳ ସହ ଜଡିତ ରହିଛନ୍ତି। ସେ ନିଜେ ଜଣେ ଭଲ ସ୍କ୍ୱାସ ଖେଳାଳି ଥିଲେ।

## ● ମାଷ୍ଟର୍ସ କପ୍ ହକି ଫାଇନାଲରେ ଓଡ଼ିଶା ମହିଳା

ଭୁବନେଶ୍ୱର, ୨୬।୬ (ସମିସ): ହକି ଇଣ୍ଡିଆ ଆନୁକୂଲ୍ୟରେ ଚେନ୍ନଇରେ ଚାଲିଥିବା ପ୍ରଥମ ମାଷ୍ଟର୍ସ କପ୍ ହକିର ମହିଳା ବିଭାଗରେ ଓଡ଼ିଶା ଦଳ ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଓଡ଼ିଶା ଭେଟେରାନ ମହିଳା ହକି ଦଳ ୪-୧ ଗୋଲ୍‌ରେ ତାମିଲନାଡୁକୁ ପରାସ୍ତ କରିଥିଲା। ଅଧିନାୟିକା ଲୁସେଲା ଏକ୍କା ୨ଟି ଗୋଲ୍ ଦେଇଥିଲେ। ଶୁକ୍ରବାର ଫାଇନାଲରେ ଓଡ଼ିଶାର ମୁକାବିଲା ପଞ୍ଜାବ ସହ ହେବ। ଅନ୍ୟ ଏକ ସେମିରେ ପଞ୍ଜାବ ୩-୨ ଗୋଲ୍‌ରେ ହରିୟାଣାକୁ ହରାଇଥିଲା। ଅପରପକ୍ଷରେ ସେମିଫାଇନାଲରେ ପରାସ୍ତ ହୋଇଥିବା ଓଡ଼ିଶା ପୁରୁଷ ଦଳ ଶୁକ୍ରବାର କାଂସ୍ୟ ପଦକ ଲଢ଼େଇରେ ଚଣ୍ଡିଗଡ଼କୁ ଭେଟିବ।

### ୨୦୨୫-୨୬ରେ ଭାରତର ଅଷ୍ଟ୍ରେଲିଆ ଗସ୍ତ

# ସିଡ୍‌ନୀ ଦିନିକିଆ, କାନ୍‌ବେରା ଟି-୨୦ ଟିକଟ ବିକ୍ରି ଶେଷ

ମେଲବୋର୍ଣ୍ଣ,୨୬।୬ (ଏଜେନ୍ସି): ଅଷ୍ଟ୍ରେଲିଆରେ ଭାରତୀୟ କ୍ରିକେଟ ଦଳର ଲୋକପ୍ରିୟତା କେତେ ତାହାର ଆଗୁଆ ଟିକଟ ବିକ୍ରିରୁ ଆଉଥରେ ପ୍ରମାଣିତ ହୋଇଛି। ଭାରତର ସୀମିତ ଓଭର ଟୁର୍ ଆରମ୍ଭ ହେବାକୁ ଆଉ ୪ ମାସ ବାକି ରହିଛି। କିନ୍ତୁ ଏବେଠାରୁ ସିଡ୍‌ନୀରେ ଖେଳାଯିବାକୁ ଥିବା ଦିନିକିଆ ଓ କାନବେରାରେ ଖେଳାଯିବାକୁ ଥିବା ଭାରତ-ଅଷ୍ଟ୍ରେଲିଆ ଟି-୨୦ ମ୍ୟାଚ୍‌ର ସମ୍ପୂର୍ଣ୍ଣ ଟିକଟ ବିକ୍ରି ହୋଇଯାଇଛି। ଏହି ଟୁର୍‌ରେ ଭାରତ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ଖେଳିବ। ପର୍ଥରେ ଅକ୍ଟୋବର ୧୯ରୁ ପ୍ରଥମ ଦିନିକିଆ ସହ ଏହି ସିରିଜ୍ ଆରମ୍ଭ ହୋଇ ବ୍ରିସ୍‌ବେନ୍‌ରେ ନଭେମ୍ବର ୮ରେ ଖେଳାଯିବାକୁ ଥିବା ୫ମ ତଥା ଶେଷ ଟି-୨୦ରେ ଟୁର୍ ଶେଷ ହେବ। ଏହି ଦୁଇଟି ମ୍ୟାଚ୍ ବ୍ୟତୀତ ପ୍ରାୟ ୯୦,୦୦୦ ଟିକଟ ବିକ୍ରି ଶେଷ ହୋଇଯାଇଛି। କ୍ରିକେଟ ଅଷ୍ଟ୍ରେଲିଆର ସୂଚନା ଅନୁଯାୟୀ ଏହି ଟିକଟର ୧୬ ଭାଗ ଭାରତୀୟ ଫ୍ୟାନ୍ କ୍ଲବ୍‌ଗୁଡିକ କିଣି ନେଇଛନ୍ତି। ଏମାନଙ୍କ ମଧ୍ୟରୁ ଭାରତ ଆର୍ମି ୨,୪୦୦, ଫ୍ୟାନ୍ସ ଇଣ୍ଡିଆ କ୍ଲବ୍ ୧,୪୦୦, ବ୍ରିସି ବଣିଆ ସଂଘର ଅମିତ ଗୋୟଲ ଗାବ୍ବା ଟି-୨୦ ଲାଗି ଏକାକୀ ୮୮୦ ଟିକଟ କିଣିଛନ୍ତି। ଏହି ସଂଘ ଅଗରୱାଲ ସମ୍ପ୍ରଦାୟରେ ସବୁଠାରୁ ବଡ଼ ସଂଗଠନ।




### ■ ଏଜ୍‌ବାଷ୍ଟନରେ ଦ୍ୱିତୀୟ ଟେଷ୍ଟ ୨ରୁ

# ୪ ବର୍ଷ ପରେ ଇଂଲଣ୍ଡ ଦଳରେ ଆର୍ଚର

ଏଜ୍‌ବାଷ୍ଟନ,୨୬।୬ (ଏଜେନ୍ସି): ଭାରତ ସହ ଚାଲିଥିବା ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ଟେଷ୍ଟ ଏଜ୍‌ବାଷ୍ଟନରେ ଜୁଲାଇ ୨ରେ ଖେଳାଯିବ। ଏହି ଟେଷ୍ଟ ଲାଗି ଇଂଲଣ୍ଡ ଦଳରେ ଫାଷ୍ଟ ବୋଲର ଜୋଫ୍ରା ଆର୍ଚରଙ୍କୁ ସାମିଲ କରାଯାଇଛି। ଦୀର୍ଘ ୪ ବର୍ଷ ପରେ ସେ ଇଂଲଣ୍ଡ ଜାତୀୟ ଦଳକୁ ଫେରିଛନ୍ତି। ସେହିପରି ୪ ବର୍ଷ ପରେ ମଧ୍ୟ ସେ କାଉଣ୍ଟି କ୍ରିକେଟ ଖେଳିଥିଲେ। ହେଡିଂଲେରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଇଂଲଣ୍ଡ ୫ ୱିକେଟରେ ଜିତିଥିଲା। ଏହା ମଧ୍ୟରେ ଭାରତୀୟ ଦଳରେ ଅଧିକ ଖେଳାଳି ରହିଥିବା ହର୍ଷିତ ରାଣାଙ୍କୁ ସ୍ୱଦେଶ ପଠାଇ ଦିଆଯାଇଛି।



ଘୋଷିତ ଦଳ: ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ୍, ଓଲି ପୋପ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), ଜ୍ୟାକବ ବେଥେଲ, ସାମ କୁକ୍, ଜେମି ଓଭରଟନ, କ୍ରିସ୍ ଓକ୍ସ, ବ୍ରାଇଡନ କାର୍ସ, ଜୋଫ୍ରା ଆର୍ଚର, ଜୋଶ ଟଙ୍ଗ୍ ଓ ସୋଏବ ବସିର।

## ଢେଙ୍କାନାଳରେ ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍

ଭୁବନେଶ୍ୱର,୨୬।୬ (ସମିସ): ଅଲ୍ ଓଡ଼ିଶା ଓ ଢେଙ୍କାନାଳ ଜିଲ୍ଲା ଚେସ ସଂଘ ଆନୁକୂଲ୍ୟରେ ରାଜ୍ୟ ୧୧ ବର୍ଷରୁ କମ୍ ଚେସ୍ ପ୍ରତିଯୋଗିତା ଢେଙ୍କାନାଳ ଟାଉନ୍ ହଲ୍‌ଠାରେ ଜୁଲାଇ ୧୦ରୁ ୧୩ ତାରିଖଯାଏ ଅନୁଷ୍ଠିତ ହେବ। ଉଭୟ ଓପନ ଓ ବାଳିକା ବର୍ଗରେ ୮ ରାଉଣ୍ଡ ଲେଖାଏଁ ମ୍ୟାଚ୍ ଖେଳାଯିବାକୁ ଥିଲାବେଳେ ଶ୍ରେଷ୍ଠ ୨ଜଣ ଖେଳାଳି ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିବେ। ପ୍ରଥମ ୧୦ଟି ସ୍ଥାନ ଅଧିକାର କରିଥିବା ଖେଳାଳିମାନଙ୍କୁ ମୋଟ ୨୦,୦୦୦ ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ। ଏଥିରେ ଭାଗନେବାକୁ ଆଗ୍ରହୀ ଖେଳାଳିମାନେ ସନ୍ତୋଷ କୁମାର ମହାପାତ୍ର (ଫୋନ୍ ନଂ-୬୩୭୧୭-୨୨୯୩୯)ଙ୍କ ଜୁଲାଇ ୯ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ଯୋଗାଯୋଗ କରିପାରିବେ ବୋଲି ଆୟୋଜକ ସଂଘର ସମ୍ପାଦକ ଦେବବ୍ରତ ଭଞ୍ଜ ଜଣାଇଛନ୍ତି।


## ଗୋଟିଏ ଦିନରେ ୧୪ ୱିକେଟ ପତନ

**ଅଷ୍ଟ୍ରେଲିଆ-ଇଣ୍ଡିଜ୍ ପ୍ରଥମ ଟେଷ୍ଟ**

ବ୍ରିଜ୍‌ଟାଉନ୍,୨୬।୬ (ଏଜେନ୍ସି): ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଏଠାରେ ଗତକାଲି ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ୧୪ଟି ୱିକେଟ ପତନ ଘଟିଛି। ଏହା ମଧ୍ୟରେ ଅଷ୍ଟ୍ରେଲିଆ ୧୮୦ ରନ୍‌ରେ ସମସ୍ତ ୧୦ଟି ଯାକ ଓ ଖେଳ ଶେଷବେଳକୁ ୱେଷ୍ଟଇଣ୍ଡିଜ୍ ୫୭ ରନ୍‌ରେ ୪ଟି ୱିକେଟ ହରାଇଥିଲା। ଏହି ମ୍ୟାଚ୍‌ର ଦ୍ୱିତୀୟ ଦିନ ଶେଷ ଖବର ସୁଦ୍ଧା ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ୭ ୱିକେଟ ହରାଇ ୧୫୫ ରନ୍ କରିଛି। ଦଳ ପକ୍ଷରୁ ଅଲ୍‌ଜାରୀ ଜୋଶେଫ୍ ୧ ଓ ସାଇହୋପ୍ ୪୫ ରନ୍‌ରେ ବ୍ୟାଟିଂ କରୁଥିଲେ। ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ଓ ଜୋଶ୍ ହାଜ୍‌ଲେଉଡ୍‌ଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଛି।

## ନିଶାଙ୍କାଙ୍କ ଅପରାଜିତ ଶତକ | ବାଂଲା ୨୪୭; ଶ୍ରୀଲଙ୍କା ୨୯୦/୨

କଲମ୍ବୋ,୨୬।୬ (ଏଜେନ୍ସି): ଓପନର ପାଥୁମ ନିଶାଙ୍କାଙ୍କ ଅପରାଜିତ ୧୪୬ ରନ୍ ବଳରେ ଏଠାରେ ଚାଲିଥିବା ବାଂଲାଦେଶ ସହ ଦ୍ୱିତୀୟ ଟେଷ୍ଟର ଦ୍ୱିତୀୟ ଦିନରେ ଶ୍ରୀଲଙ୍କା ଦ୍ୱିତୀୟ ଇନିଂସରେ ୨ ୱିକେଟ ହରାଇ ୨୯୦ ରନ୍ କରିଛି। ଦିନେଶ ଚାଣ୍ଡିମାଲ ୯୩ ଓ ଯୁବ ଓପନର ଲାହିରୁ ଉଦାରା ୪୦ ରନ୍ କରିଥିଲେ। ପୂର୍ବରୁ ଗୁରୁବାର ସକାଳେ ବାଂଲାଦେଶ ୨୪୭ ରନ୍‌ରେ ଅଲଆଉଟ ହୋଇଥିଲା। ଏହି ଇନିଂସରେ ଶ୍ରୀଲଙ୍କା ପକ୍ଷରୁ ଅସିଥ ଫର୍ଣ୍ଣାଣ୍ଡୋ ଓ ଡେବୁଟାଣ୍ଟ ସୋନାଲ ଦିନୁଶା ୩ଟି ଲେଖାଏଁ, ବିଶ୍ୱ ଫର୍ଣ୍ଣାଣ୍ଡୋ ୨ଟି ୱିକେଟ ପାଇଛନ୍ତି।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS